

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବୋର୍ଡ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଲେ | ୬

ODISHA BHASKAR ଯାହା ଆପଣଙ୍କ କଥା କହେ

ଡେଟିଂକୁ ନେଇ ମୁହଁ ଖୋଲିଲେ କାର୍ତ୍ତିକ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦ Vol. 22 No-10 10 APRIL 2025 THURSDAY BHUBANESWAR ଗୁରୁବାର, ୧୦ ଏପ୍ରିଲ ୨୦୨୫ ପୃଷ୍ଠା: ୮ ମୂଲ୍ୟ: ୭.୦୦





ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

## ଆସନ୍ତାକାଲି ଠାରୁ ଲାଗୁ ହେବାକୁ ଯାଉଛି

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

- ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏ.ବି.ପିଏମ୍.ଜେ.ଏ.ୱାଇ - ଜି.ଜେ.ଏ.ୱାଇ କାର୍ଡ଼
- ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ରାଜ୍ୟର ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସେବା
- ଦେଶର ୨୯,୦୦୦ ରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

DSPL - 22 OIPR 10001/13/0045/2425



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ବିଶ୍ୱ ଦକ୍ଷତା କେନ୍ଦ୍ର ୨୦୨୫-୨୬ ବ୍ୟାଚରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ମଇ ୩୧ ତାରିଖ ସୁଦ୍ଧା ଆବେଦନ କରିପାରିବେ। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ଉର୍ଟିକାଲ ଟ୍ରାନ୍ସପୋର୍ଟେସନ (ଲିଫ୍ଟ ଟେକ୍ନୋଲୋଜି) ଏବଂ ପ୍ରିସିସନ ଇଞ୍ଜିନିୟରିଂ ଆଦି ବିଷୟ ରହିଛି। ଏଥିରେ ନାମଲେଖା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି। ଏହି ଅତ୍ୟାଧୁନିକ ବିଷୟରେ ତାଲିମ ପାଇଁ ପ୍ରାର୍ଥୀ ଓଡ଼ିଶାର କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ବ୍ୟାଚରେ ଓଡ଼ିଶା ବାହାରର ପ୍ରାର୍ଥୀମାନେ ଆବେଦନ କରିପାରିବେ। ଅନ୍ୟ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷଣ କରାଯିବ।



## ଦିଲ୍ଲୀରୁ ଫେରି ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଦିଲ୍ଲୀରେ ନିବେଶକ ସମ୍ମିଳନୀ ଓ ଏମ୍‌ଓୟୁ ସମ୍ପର୍କରେ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଉତ୍କର୍ଷ ଓଡିଶା ପରେ ନୂଆ ଦିଲ୍ଲୀରେ ଆଇଓସିଏଲ୍ ସହିତ ଆମର ଏସ୍‌ଓୟୁ ଦ୍ୱିତୀୟ ଐତିହାସିକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି କହିଥିଲେ। ଏପ୍ରିଲ ୭ ଓ ୮, ଏହି ଦୁଇ ଦିନ ଧରି ଏଚ୍‌ସିଏଲ୍ ଟେକ୍ନୋଲୋଜି ନୋଇଡା ସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଦିଲ୍ଲୀରେ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା ହୋଇଥିବା ନେଇ କହିଥିଲେ। ଶିଳ୍ପପତି ଓ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ ଓଡିଶାକୁ ନେଇ ଖୁବ୍ ଆଗ୍ରହୀ ଥିବା ନେଇ କହିଥିଲେ। ଦିଲ୍ଲୀରେ ଏହି ଗସ୍ତ ସମୟରେ ଆମେ ସମୁଦାୟ ୧୩ଟି ଚୁକ୍ତି ସ୍ୱାକ୍ଷର କରିଛୁ। ଏବଂ ଏହା ସହିତ ୧୫ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ଆସିଛି । ଏହା ଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ୯୫ହଜାର ୧୯୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଚୁକ୍ତିନାମା ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଏବଂ ପେଟ୍ରୋକେମିକାଲ ବିକାଶ କ୍ଷେତ୍ରରେ ଓଡିଶା ପାଇଁ ଏହା ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ। ଏହି ଗସ୍ତରେ ଆମ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଦ୍ୱାରା ଦକ୍ଷ ଯୁବ ବର୍ଗ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବ୍ୟାପକ ନିଯୁକ୍ତି ଆଣିପାରିବ। ଏହି ଗସ୍ତରେ ପ୍ରାୟ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହିତ ଆଲୋଚନା ହୋଇଛି। ଆଜି ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଜୀଙ୍କୁ ଭେଟି ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସଂପର୍କରେ ଆଲୋଚନା ହୋଇଥିବା ନେଇ ପ୍ରକାଶ କରିଥିଲେ। ଓଡିଶାରେ ନୂଆ ଅପରାଧୀକ ଆଇନ କାର୍ଯ୍ୟକାରୀ କରିବା, ନକ୍ସଲ ଦମନ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ୍ ବାହିନୀକୁ ସଶକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ପୋଲିସ୍ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ। ସେହିପରି ଓଡ଼ିଶା ଏକ ଶିଳ୍ପୋନ୍ନତ ରାଜ୍ୟ ଭାବରେ ଗଢ଼ି ଉଠିବାର ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହି କ୍ଷେତ୍ରରେ ମଧ୍ୟ ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣର ଆବଶ୍ୟକତା ଅଛି।

### ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

## ୩ ବର୍ଷରେ ରାଜ୍ୟର ସମସ୍ତ ଅଙ୍ଗନବାଡି ହେବ ସକ୍ଷମ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ଉପ- ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲଗୁଡିକ ଉପରେ ଚର୍ଚ୍ଚା କରିଥିଲେ । ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ ହୋମ୍ ରାସନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ । ରାଜ୍ୟର ଟେକ ହୋମ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନବାଡି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତାର ଉପରେ ମଧ୍ୟ ସମୀକ୍ଷା କରିଥିଲେ । ସକ୍ଷମ ଅଙ୍ଗନବାଡ଼ି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡିରେ ପରିଣିତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି।

## ବିଳମ୍ବିତ ରାତିଯାଏ ଖୋଲିଥିବା ଡ୍ୟାନ୍ସ ବାର୍‌କୁ ସିଲ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ବିଳମ୍ବିତ ରାତି ଯାଏଁ ଡାନ୍ସ ବାର ଖୋଲାଯିବା ଘଟଣା। ତୁରନ୍ତ ଡ୍ୟାନ୍ସ ବାରକୁ ସିଲ୍ କରିବା ପାଇଁ ଅବକାରୀ ସୁପରିଟେଣ୍ଡଙ୍କୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜଧାନୀରେ ବେଆଇନ୍ ଭାବେ ଡ୍ୟାନ୍ସ ବାର୍ ଚାଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ। ଡାନ୍ସ ବାର୍ ନୁହେଁ ଅବକାରୀ ବିଭାଗ ପକ୍ଷରୁ କେବଳ ଅର୍କେଷ୍ଟ୍ରା ଚାଲିବା ପାଇଁ ଅନୁମତି ଦିଆଯାଇଛି ଡ୍ୟାନ୍ସ ବାରକୁ ନୁହେଁ। ବେଆଇନ ଭାବେ ଭୋର ୪ ଟା ଯାଏଁ ମଞ୍ଚେଶ୍ୱର ଥାନା ଅଧିନ ଗ୍ରୀନ ଫିଲ୍ଡ ଡ୍ୟାନ୍ସ ବାର୍ ଖୋଲିବା ଘଟଣାରେ ଆଇନ ପାଇଁ ୩ ମାସ ଯାଏଁ ଗ୍ରୀନ ଫିଲ୍ଡ ଡାନ୍ସ ବାରକୁ ସିଲ୍ କରିବା ପାଇଁ ଅବକାରୀ ସୁପରିଟେଣ୍ଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

## ଦୋକାନରୁ ଗଞ୍ଜେଇ ପୁଡ଼ିଆ ଜବତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଚା' ଦୋକାନରୁ ଗଞ୍ଜେଇ ପୁଡିଆ ଜବତ। ଇନଫୋସିଟି ଥାନା ଅଧୀନରେ ଥିବା ବିଭିନ୍ନ ଚା', ସିଗାରେଟ ଦୋକନରେ ସ୍ପେଶାଲ କ୍ରାଇମ ୟୁନିଟ ରେଡ଼ କରିଛି । ସିଗାରେଟ ପୁଡିଆ ଭିତରେ ଗଞ୍ଜେଇ ଲୁଚେଇ ବିକ୍ରି କରାଯାଉଥିବା ବେଳେ ସ୍ନିଫର କୁକୁର ସହାୟତାରେ ସର୍ଚ୍ଚ କରିଛି ପୋଲିସ। କିଛି ଦୋକାନରୁ ଗଞ୍ଜେଇ ପୁଡିଆ ଓ ଗଞ୍ଜେଇ ଟାଣିବା ପାଇଁ ବ୍ୟବହାର ହେଉଥିବା ଗୋ ଗୋ ପେପର ଜବତ କରିଥିବା ବେଳେ ଏଗୁଡିକୁ ବିକ୍ରି କରୁଥିବା ଦୋକାନୀଙ୍କୁ ଉଠାଇ ନେଇଛି ପୋଲିସ ।

## ୫୦ ଲକ୍ଷର ବ୍ରାଉନସୁଗର ଜବତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): କମିଶନରେଟ ପୋଲିସ ୨ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରିଛି। ଭୁବନେଶ୍ୱରକୁ ଆଣି ସପ୍ଲାଇ ବେଳେ ପୋଲିସ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୫୧୫ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ହେବ। ଗିରଫ ଅଭିଯୁକ୍ତ ଦ୍ୱୟ ବାଲେଶ୍ୱରର ସାହିଲ ମହମ୍ମଦ ଓ ଜାହାଙ୍ଗୀର ମହମ୍ମଦ ବୋଲି ଜଣାପଡିଛି।

## କ୍ଷତିଗ୍ରସ୍ତଙ୍କ ପାଇଁ ଅନୁଧ୍ୟାନ କମିଟି ଗଢିଲା କଂଗ୍ରେସ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ନିର୍ମାଣ ହେଉଥିବା ବିମାନବନ୍ଦର ଯୋଗୁଁ ୪୩ଜଣ ଜନଜାତି ପରିବାରବର୍ଗଙ୍କର ବାସଗୃହ ନଷ୍ଟ ହୋଇଯାଇଛି। ଏହି ଘଟଣାର ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏହି କମିଟିରେ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ସାଂସଦ ଅଧ୍ୟକ୍ଷ ରହିଥିବା ବେଳେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଲିପିକା ମାଝୀ, ଅମିତା ବିଶ୍ୱାଳ, ମାଗୁଣି ଜେନା ସଦସ୍ୟ ଭାବରେ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରିବେ ଏବଂ ବାସହରା ପରିବାରଙ୍କୁ ଭେଟି ଏକ ରିପୋର୍ଟ ପିସିସି କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ପିସିସି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

### ତଥ୍ୟ ପରିଚାଳନା ଏବଂ ବିଶ୍ଳେଷଣ ଅଧ୍ୟୟନ ସମୀକ୍ଷା

## ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଡାଟା, ପଲିସି ଏବଂ ଇନୋଭେସନ ସେଣ୍ଟର (ଡିପିଆଇସି) ଦ୍ୱାରା ଡାଟା ସାମର୍ଥ୍ୟ ଆକଳନ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଶାସନ ଓ ପ୍ରମାଣ ଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ତଥ୍ୟ ସଂଗ୍ରହ, ବିଶ୍ଳେଷଣଏବଂ ପ୍ରଶାସନିକ ତଥ୍ୟ ପ୍ରଦାନରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ ନିଷ୍ପତ୍ତି ନେବା ପାଇଁ ଉନ୍ନତ ବିଶ୍ଳେଷଣ ଉପକରଣର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏକ ସାଧାରଣ ଏବଂ ମାନକ ପଦ୍ଧତି ମାଧ୍ୟମରେ ସମସ୍ତ ବିଭାଗରେ ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଡିପିଆଇସିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିପିଆଇସି ତରଫରୁ ଉର୍ମିଳା ଚାଟାର୍ଜୀ ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଏବଂ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ବିଭାଗଗୁଡିକର ସାମର୍ଥ୍ୟକୁ ନେଇ ଡିପିଆଇସି ଦ୍ୱାରା କରାଯାଇଥିବା ତ୍ୱରିତ ଆକଳନ ଉପସ୍ଥାପନ କରିଥିଲେ । ବିଭାଗଗୁଡ଼ିକ ମଧ୍ୟରେ ଡାଟା ଆଦାନପ୍ରଦାନ, ତଥ୍ୟ ଉପଲବ୍ଧତାରେ ସୁରକ୍ଷା, ତଥ୍ୟ ସଂରକ୍ଷଣ, ବ୍ୟାକଅପ୍ ଏବଂ ଡାଟା ଗୁଣବତ୍ତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

### ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ବଣ୍ଟନ ପାଇଁ ବିଏମ୍‌ସିର ପ୍ରସ୍ତୁତି

## ୨୨ଟି କେନ୍ଦ୍ରରେ ହେବ ସଚେତନତା ବୈଠକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଚଳିତ ମାସ ୧୧ ତାରିଖରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ରାଜ୍ୟ ବ୍ୟାପି ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବିଏମସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦଚନ୍ଦ୍ର ସାହୁ, ସହରାଞ୍ଚଳର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମଣୀ ସେନାପତି .ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ,ଅଧ୍ୟକ୍ଷା, କର୍ପୋରେଟର, ମେଡିକାଲ ଅଫିସର, ସ୍ୱାସ୍ଥ୍ୟକର୍ମୀ ଏବଂ ପରିଚାଳକ ଉପସ୍ଥିତ ଥିଲେ । ମୁଖ୍ୟତଃ ଏବିପିଏମଜୁଏୱାଇ- ଜିଜେଏୱାଇ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ, କେଉଁମାନେ ପାଇବେ, ଏହାର ଅବଧି କେତେ ଦିନ, କେଉଁମାନଙ୍କୁ କେତେଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିପାରିବ ଇତ୍ୟାଦି ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ୧୧ ତାରିଖ ଦିନ ମହାନଗର ନିଗମ ଅଞ୍ଚଳରେ ଥିବା ୨୨ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କାଳୀନ କାର୍ଯ୍ୟକ୍ରମ କରାଯିବ ।

## ପରୀକ୍ଷା କେନ୍ଦ୍ରରେ ୩୦ ମିନିଟ ପୂର୍ବରୁ ପହଞ୍ଚିବାକୁ ଓପିଏସ୍‌ସିର ନିର୍ଦ୍ଦେଶ

କଟକ,(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ଲୋକସେବା ଅୟୋଗଙ୍କ ଦ୍ୱାରା ଆସନ୍ତା ୧୩ ତାରିଖରେ ଏନ୍‌ଡିଏ ଏବଂ ଏନ୍‌ଏ ପରୀକ୍ଷା ଅନୁଷ୍ଠିତ ହେବ । ସକାଳ ୧୦ ଘଟିକା ଠାରୁ ୧୨.୩୦ ଘଟିକା ପର୍ଯ୍ୟନ୍ତ (ପ୍ରଥମ ପେପର) ଏବଂ ଅପରାହ୍ନ ୨.୦୦ ଘଟିକାରୁ ୪ ଘଟିକା ୩୦ ମିନିଟ୍ ପର୍ଯ୍ୟନ୍ତ (ଦ୍ୱିତୀୟ ପେପର) ଲିଖିତ ପରୀକ୍ଷା ହେବାକୁ ସ୍ଥିର କରାଯାଇଛି । ସେହିପରି ଉକ୍ତ ଦିନ ସିଡିଏସ୍ -୧ ୨୦୨୫ ଲିଖିତ ପରୀକ୍ଷାର ୩ ଟି ପେପର ଯଥାକ୍ରମେ ଦିବା ୯.୦୦ ଘଟିକାରୁ ୧୧ ଘଟିକା, ୧୨.୩୦ ଘଟିକାରୁ ୨.୩୦ ଘଟିକା ଏବଂ ଅପରାହ୍ନ ୪.୦୦ ଘଟିକାରୁ ୬.୦୦ ଘଟିକା ପର୍ଯ୍ୟଂ ହେବାକୁ ଯାଉଅଛି । କଟକର ମୋଟ୍ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ଏନ୍‌ଡିଏ ଏବଂ ଏନ୍‌ଏ ଏବଂ ୬ ଗୋଟି ପରୀକ୍ଷା କେନ୍ଦ୍ରରେ ସିଡିଏସ୍ -୧ ୨୦୨୫ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । କେନ୍ଦ୍ରୀୟ ଲୋକସେବା ଅୟୋଗଙ୍କ ପ୍ରଣୀତ ନିୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଦ୍ୱାର ବନ୍ଦ କରାଯିବ ଏବଂ କୌଣସି ପରୀକ୍ଷାର୍ଥୀଙ୍କୁ ଉକ୍ତ ସମୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ନିର୍ଦ୍ଧାରିତ ସମୟ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷା ପରିଚାଳନା କରୁଥିବା କୌଣସି ଅଧିକାରୀଙ୍କୁ ଇଚ୍ଛାମୁଳକ ସାମର୍ଥ୍ୟ ଦିଆଯାଇନାହିଁ । ଏଣୁ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିବା ପରୀକ୍ଷାର୍ଥୀମାନେ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ଅତି କମରେ ୩୦ ମିନିଟ୍ ପୂର୍ବରୁ ପ୍ରବେଶ କରିବାକୁ ଅନୁରୋଧ କରାଯାଇଛି।

## ୧୧ରେ ଓୟୁଟିଆର ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୧ରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି ଯେ ଆସନ୍ତା ଏପ୍ରିଲ ୧୧ରେ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଅଲ ରାଉଣ୍ଡର ଛାତ୍ର ଶୁଭ୍ରାଂଶୁ ମିଶ୍ରଙ୍କୁ ଚାନସେଲର ସ୍ୱର୍ଣ୍ଣ ପଦକ ପାଇବେ। ସ୍ନାତକ(ୟୁଜି)ରେ ସୌରଭ ଶତପଥୀ ଏବଂ ସ୍ନାତକୋତ୍ତର (ପିଜି)ରେ ସୋଫିଆ ପ୍ରଧାନ ସ୍ୱର୍ଣ୍ଣ ପଦକ ପାଇବେ। ମୋଟ ୨୭ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ରୌପ୍ୟ ପଦକ ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ.ହରି ବାବୁ କାମ୍ଭମପତି ଅଧ୍ୟକ୍ଷତା କରିବେ। ରାଜ୍ୟ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ସମାବର୍ତ୍ତନ ଉତ୍ସବରେ ବିଟେକ୍‌ରେ ୭୫୬ ଜଣ ଡିଗ୍ରୀ ପାଇବାକୁ ଥିବାବେଳେ ଏମ୍‌ଟେକ୍, ଏମ୍‌ସିଏ ଓ ଏମ୍‌ପ୍ଲାନରେ ୧୮୧ ଡିଗ୍ରୀ ପାଇବେ। ସେହିପରି ଇଣ୍ଟିଗ୍ରେଟେଡ ଏମ୍‌ଏସି ଓ ଏମ୍‌ଏସ୍‌ସିରେ ୯୪, ପାଇବେ। ଚଳିତ ବର୍ଷ ଦୁଇଟି ନୂଆ ପାଠ୍ୟକ୍ରମ ବିଟେକ୍‌ରେ ଆରମ୍ଭ ହୋଇଛି। କମ୍ପ୍ୟୁଟର ଇଞ୍ଜିନିୟରିଂ ଓ ମ୍ୟାଟେରିଆଲସ ମେଟାଲୋଜିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମ ସୁଯୋଗ ମିଳୁଛି। ବିଶ୍ୱବିଦ୍ୟାଳୟରେ ୩ଟି ଉତ୍କର୍ଷ କେନ୍ଦ୍ର କରାଯାଇଛି ଯାହା ଗବେଷଣାକୁ ନୂଆ ଦିଗ ଦେଉଛି ବୋଲି କୁଳପତି ମତପୋଷଣ କରିଥିଲେ। କୁଳପତି ପ୍ରଫେସର ବିଶ୍ୱାଳ ଆହୁରି ମଧ୍ୟ କହିଥିଲେ ଯେ କ୍ୟାମ୍ପସରେ ଗ୍ରୀନ୍ କ୍ୟାମ୍ପସ୍ ପାଇଁ ଇ-ବାଇକ ଷ୍ଟେସନ୍ କରାଯାଇଛି। ଷ୍ଟାର୍ଟଅପ୍ ଫାଇନ୍ ମଧ୍ୟ ଆରମ୍ଭ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ବିଭୂତ ଭୂଷଣ ବିଶ୍ୱାଳ, କୁଳସଚିବ ଆଶିଷ କୁମାର ଜେନା, ଡିନ୍ ଏକାଡେମିକ ଆଫେୟାର ପ୍ରଫେସର ଅଚ୍ୟୁତନନ୍ଦ ଆଚାର୍ଯ୍ୟ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରିଥିଲେ।

### ଲିଙ୍ଗରାଜ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ଶିବ ତାଣ୍ଡବ ନୃତ୍ୟରେ ଦର୍ଶକ ବିମୋହିତ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ଶିବ ତାଣ୍ଡବ ନୃତ୍ୟରେ ବିମୋହିତ କରିଥିଲେ କଳାକାରମାନେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୋହିତ ହୋଇଥିଲେ। ପ୍ରଥମେ ରାଞ୍ଚିରୁ ଆସିଥିବା ଗୁରୁ ସବିତା ମିଶ୍ରଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆସାମର ରୂପମ ଶର୍ମାଙ୍କ ଦଳ ବିହୁ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବର୍ଷା ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟର କଳାକାରମାନେ ଶିବ ତାଣ୍ଡବ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ପରେ କଟକର କାଳବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, କୋଲକତାର କଳା ରଶିକ ଫାଉଣ୍ଡେସନ ପକ୍ଷରୁ କ୍ରିଏଟିଭ ନୃତ୍ୟ, ଆଲୋକ ବିଶୋଇଙ୍କ ଦଳ ଦ୍ୱାରା ପଶୁମୁଖା ନୃତ୍ୟ। ଶେଷରେ ମମତା ଶତପଥୀ ଓ ବର୍ଷା ପଟ୍ଟନାୟକଙ୍କ ଦଳ ଦ୍ୱାରା କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନଛୁଆଁ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧରିତ୍ରୀର ସମ୍ପାଦକ ତଥାଗତ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ରହିବାକୁ ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ସୁବ୍ରତ ମଲିକ, ପଣ୍ଡିତ ପ୍ରସନ୍ନଜିତ ପୋଦାର ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ନୃତ୍ୟଗୁରୁ ପ୍ରତିଭା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଓଡିଆ ପୁସ୍ତକ କ୍ରୟ କରି ପଠନ କରିବାକୁ ଉତ୍ସାହିତ କଲେ ଜିଲ୍ଲାପାଳ

କଟକ,(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆଜି କଟକ ଜିଲ୍ଲାରେ 'ଆସ ବହିଟିଏ କିଣିବା ଅଭିଯାନ' ଆରମ୍ଭ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଅସ୍ଥାୟୀ ପୁସ୍ତକ ପ୍ରଦର୍ଶନୀ ତଥା ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ପୁସ୍ତକ କେନ୍ଦ୍ର ପରିଦର୍ଶନ କରି ଜନସାଧାରଣ ଓଡ଼ିଆ ଭାଷାରେ ପ୍ରକାଶିତ ସାହିତ୍ୟ, ଇତିହାସ, ପୋଥି, ପୁରାଣ ଓ ଜୀବନୀ ବହି କିଣି ପଢିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକେ ନିଜ ପସନ୍ଦର ଓଡ଼ିଆ ବହି ସବୁ କ୍ରୟ କରିଥିଲେ।

## ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନ୍‌ସିପ୍‌ର ତୃତୀୟ ଦିନ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିଅନସିପର ତୃତୀୟ ଦିନରେ ୭ଟି ମ୍ୟାଚ ଖେଳାଯାଇଛି। ବୁଧବାର ପ୍ରଥମ ମ୍ୟାଚ ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଉତ୍ତରାଖଣ୍ଡ ଚଣ୍ଡିଗଡ଼ ପୋଲିସ ଦଳକୁ ୯-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ ଆଇଟିବିପି ଓ ରାଜସ୍ଥାନ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଆଇଟିବିପି, ରାଜସ୍ଥାନ ପୋଲିସ ଦଳକୁ ୮-୩ ଗୋଲ ବ୍ୟବଧାନରେ ହରାଇଛି । ସେହିପରି ମଣିପୁର ଓ ଝାଡ଼ଖଣ୍ଡ ପୋଲିସ ମଧ୍ୟରେ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ମଣିପୁର, ଝାଡ଼ଖଣ୍ଡ ପୋଲିସ ଦଳକୁ ୩ -୧ ଗୋଲ ବ୍ୟବଧାନରେ ହରାଇଛି। ଚତୁର୍ଥ ମ୍ୟାଚ ପଶ୍ଚିମବଙ୍ଗ ଓ ଛତିଶଗଡ଼ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ପଶ୍ଚିମବଙ୍ଗ ଛତିଶଗଡ଼ ପୋଲିସ ଦଳକୁ ୬-୩ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ପଞ୍ଚମ ମ୍ୟାଚ ଏସଏସବି ଓ ଗୁଜୁରାଟ ମହିଳା ପୋଲିସ ଦଳ ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚରେ ଏସଏସବି ମହିଳା ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଗୁଜୁରାଟ ମହିଳା ପୋଲିସକୁ ୧୭-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ସେହିପରି ଘରୋଇ ଓଡିଶା ଓ ଉତ୍ତର ପ୍ରଦେଶ ପୋଲିସ ଦଳ ମଧ୍ୟରେ ଷଷ୍ଠ ମ୍ୟାଚ ଖେଳା ଯାଇଥିଲା । ଏହି ମ୍ୟାଚରେ ଉତ୍ତର ପ୍ରଦେଶ, ଘରୋଇ ଓଡିଶା ପୋଲିସ ଦଳକୁ ୨-୧ ଗୋଲରେ ପରାସ୍ତ କରିଛି । ସପ୍ତମ ତଥା ଆଜିର ଶେଷ ମ୍ୟାଚ ଜାମ୍ମୁ କାଶ୍ମୀର ଓ ଗୁଜୁରାଟ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଜାମ୍ମୁ କାଶ୍ମୀର ପୋଲିସ ଦଳ ଗୁଜୁରାଟ ପୋଲିସ ଦଳକୁ ୧୮-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଅର୍ଥ ବିଭାଗ ପ୍ରମୁଖ ସଚିବ ସାଶ୍ୱତ ମିଶ୍ର, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଢେଙ୍କାନାଳ ଜିଲ୍ଲା ଗଁଦିଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଢେଙ୍କାନାଳ ଜିଲ୍ଲାରେ ରାଜନୀତି, କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ସେ କରିଥିବା ବିକାଶମୂଳକ କାର୍ଯ୍ୟ ଗୁଡ଼ିକ ଚିର ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

### ଏଆଇସିସି ପକ୍ଷରୁ ସିଡବ୍ଲ୍ୟୁସିର ଦ୍ୱିତୀୟ ଦିବସ

## ଦେଶର ଐତିହାସି ଅଧିବେଶନ: ଭକ୍ତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଏଆଇସିସିର ସିଡବ୍ଲୁସିର ବୁଧବାର ଥିଲା ଦ୍ୱିତୀୟ ଅଧିବେଶନ। ସାବରମତୀ ଆଶ୍ରମ ନିକଟରେଏହି ଅଧିବେଶନ ଚାଲିଥିବା ବେଳେ ଏଥିରେ ଭାରତୀୟ ଜାତୀୟ କଂଗ୍ରେସର ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ନେତୃତ୍ୱ ନେଇଥିଲେ। ଏଥିରେ ବହୁ ମୁଖ୍ୟମନ୍ତ୍ରୀ ଓ ଜାତୀୟ କଂଗ୍ରେସର ସଦସ୍ୟମାନେ ଯୋଗଦେବା ସହ ୫ହଜାରରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଓଡ଼ିଶାର ପ୍ରାୟ ୮୦-୯୦ଜଣ ଏହି ଅଧିବେଶନରେ ଯୋଗଦେଇଥିଲେ। ଏହି ଅଧିବେଶନ ଭାରତର ଏକ ଐତିହାସିକ ଅଧିବେଶନ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ମତବ୍ୟକ୍ତ କରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶ ନେଇ ଏଥିରେ ଆଲୋଚନା ହୋଇଥିଲା। ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ନୀତି ଆଦର୍ଶକୁ ଅନୁପ୍ରାଣିତ କରି ଦେଶକୁ ବଞ୍ଚାଇବା, କୃଷି ଭିତ୍ତିଭୂମିର ବିକାଶ, ନାରୀ ନିର୍ଯ୍ୟାତନା ଉପରେ ରୋକ୍ ଏବଂ ନ୍ୟାୟ ପଥରେ ସଂଘର୍ଷ କରିବା ଉପରେ ଆଲେଚାନ ହୋଇଥିଲା ବୋଲି ପିସିସି ସଭାପତି ଶ୍ରୀ ଦାସ କହିଥିଲେ।



ନବକାର ମହାମନ୍ତ୍ର ଦିବସକୁ ଉଦ୍‌ଘାଟନ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଦୁଃଖ ବଖାଣିଲେ ଅପୂର୍ବା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦ Vol. 22 No-10 10 APRIL 2025 THURSDAY BHUBANESWAR ଗୁରୁବାର, ୧୦ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଆଇନଶୃଙ୍ଖଳା ସ୍ଥିତି ନେଇ ବିଚାରବିମର୍ଶ



**ମୁଖ୍ୟ ସଚିବ, ଡିଜିପିଙ୍କ ସହ ଭେଟିଲେ**

**ଖୁବ୍‌ଶୀଘ୍ର ପୂରଣ ହେବ ୧୨ହଜାର ପଦବୀ**

**ଟ୍ରାଫିକ ସମସ୍ୟା, ସାଇବର ଅପରାଧ ହ୍ରାସ ନେଇ ଆଲୋଚନା**

ନୂଆଦିଲ୍ଲୀ/ଭୁବନେଶ୍ୱର,୯।୪ (ବ୍ୟୁରୋ): ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନର୍ଥ ବ୍ଲକରେ ଥିବା ସ୍ୱରାଷ୍ଟ୍ରମନ୍ତ୍ରଣାଳୟ କାର୍ଯ୍ୟାଳୟକୁ ଯାଇ ଶ୍ରୀ ମାଝୀ ଶ୍ରୀ ଶାହଙ୍କୁ ଭେଟିବା ସହ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସଂପର୍କରେ ଆଲୋଚନା କରିଥିବା ସୂଚନା ମିଳିଛି। ସେହିପରି ଟ୍ରାଫିକ ସମସ୍ୟା ଓ ସାଇବର ଅପରାଧ ହ୍ରାସ ନେଇ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିବା ସୂଚନା ଦିଆଯାଇଛି। ଆଇନଶୃଙ୍ଖଳା ସହ ଜଡ଼ିତ ଥିବା ପ୍ରାୟ ୧୨ହଜାର ପଦବୀକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନକ୍ସଲ ସମସ୍ୟା ହ୍ରାସ ପାଇଛି। ତଥାପି ରାଜ୍ୟର ୧୦ଟି ଜିଲ୍ଲାରେ ଯେଉଁ ଅଳ୍ପକିଛି ସମସ୍ୟା ରହିଛି ତାହା ଖୁବ୍‌ଶୀଘ୍ର ଦୂର କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଏବଂ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ମଧ୍ୟ ସାମିଲ ରହିଥିଲେ। ମୁଖ୍ୟସଚିବ ଓ ଡିଜିପି ଆଇନଶୃଙ୍ଖଳା ସ୍ଥିତିନେଇ ମଧ୍ୟ ଗୃହମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆଦିଲ୍ଲୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ସାମିଲ ହୋଇ ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ନିମନ୍ତେ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କା ପୁଞ୍ଜିପ୍ରସ୍ତାବ ମିଳିଥିବାବେଳେ ଏହା ଠିକ୍‌ଭାବେ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୯୫ହଜାର ୯୧୫ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶା ପ୍ରସ୍ତୁତ ରହିଛି। ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ନିବେଶ କରିବା ପାଇଁ ଏହାହିଁ ପ୍ରକୃଷ୍ଟ ସମୟ ବୋଲି ଶ୍ରୀ ମାଝୀ କହିଥିଲେ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବ ଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆ ରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି।

## ଫ୍ରାନ୍ସଠାରୁ ୨୬ ରାଫେଲ-ଏମ୍ ବିମାନ କିଣିବ ଭାରତ

# ବ୍ୟୟ ହେବ ୬୩ ହଜାର କୋଟି



ନୂଆଦିଲ୍ଲୀ,୯।୪: ଫ୍ରାନ୍ସଠାରୁ ୨୬ ରାଫେଲ-ମରିନ ଯୁଦ୍ଧବିମାନ ଭାରତ କିଣିବ। ଏଥିପାଇଁ ୬୩ ହଜାର କୋଟି ଟଙ୍କାର ଡିଲ୍‌କୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ମାମଲା କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ଏହି ବିମାନଗୁଡ଼ିକ ସ୍ୱଦେଶୀ ବିମାନବାହକ ପୋତ ଆଇଏନଏସ୍ ବିକ୍ରାନ୍ତରେ ନିୟୋଜିତ କରାଯିବ। ଏଥିପାଇଁ ଦୁଇଦେଶ ମଧ୍ୟରେ ଖୁବ୍ କମ୍‌ଦିନ ଭିତରେ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ରାଫେଲ ମରିନ୍ ଏକ ଟ୍ୱିନ୍ ଇଞ୍ଜିନ ଡେକ୍‌ବେସ୍‌ଡ ଫାଇଟର ଜେଟ୍, ଯାହାକୁ ସାମୁଦ୍ରିକ ଅଭିଯାନ ପାଇଁ ସ୍ୱତନ୍ତ୍ର ରୂପେ ଡିଜାଇନ କରାଯାଇଛି। ଫ୍ରାନ୍ସ ନୌସେନାରେ ଏହି ବିମାନକୁ ବ୍ୟବହାର କରାଯାଉଛି। ୨୦୨୩ ଜୁଲାଇରେ ପ୍ରତିରକ୍ଷାମନ୍ତ୍ରୀ

**କେନ୍ଦ୍ର ସୁରକ୍ଷା କ୍ୟାବିନେଟ୍‌ର ଅନୁମୋଦନ**

ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିରକ୍ଷା ଅଧିଗ୍ରହଣ କାଉନସିଲ ବୈଠକରେ ନୌସେନାର ଏହି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିଲା। ଏହି ପ୍ରତିରକ୍ଷା ଚୁକ୍ତି କେବଳ ବିମାନ କିଣିବାରେ ସୀମିତ ନୁହେଁ, ଏହା ଅଧୀନରେ ହତିଆର ପ୍ରଣାଳୀ, ସିମୁଲେଟର, ସ୍ପେୟାର ପାର୍ଟ୍ସ, ଅନ୍ୟ ଜରୁରି ଉପକରଣ ଓ ଲଜିଷ୍ଟିକ ସପୋର୍ଟ ମଧ୍ୟ ସାମିଲ ରହିବ। ଏହା ଫ୍ରାନ୍ସ ସରକାର ଯୋଗାଇଦେବେ। ରାଫେଲ ଏମ୍ ଜେଟ୍ କ୍ରୟକୁ ନୌସେନାର ତତ୍କାଳ ଆବଶ୍ୟକତା ପୂରଣ କରିବା ପାଇଁ ଏକ ଅନ୍ତରୀଣ ବ୍ୟବସ୍ଥା ବୋଲି କୁହାଯାଉଛି। ଏହି ବିମାନ ଚୁକ୍ତି ଉପରେ ହସ୍ତାକ୍ଷରର ୩୭ରୁ ୬୫ ମାସ ମଧ୍ୟରେ ଡେଲିଭରି କରାଯିବ। ନୌସେନା ପାଖରେ ବର୍ତ୍ତମାନ ୪୫ ମିଗ୍-୨୯କ ମଧ୍ୟରୁ କେବଳ ୪୦ଟି ରହିଛି ।

## ସଂକ୍ଷେପରେ...

### ମନୋଜ କୁମାର ପରିଡ଼ା ମୁଖ୍ୟ ସୂଚନା କମିଶନର ନିଯୁକ୍ତ

ଭୁବନେଶ୍ୱର,୯।୪(ଭାସ୍କର ନ୍ୟୁଜ): ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମନୋଜ କୁମାର ପରିଡ଼ା ରାଜ୍ୟ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଅବସରପ୍ରାପ୍ତ ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆଇନଜୀବୀ କଳ୍ପନା ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଆଇଏଏସ୍ ପବିତ୍ର ମଣ୍ଡଳ ସୂଚନା କମିଶନର ସଦସ୍ୟଭାବେ ନିଯୁକ୍ତି ପାଇଛନ୍ତି।

### ଛୁରାମାଡ଼ରେ ଦୁଇ କନେଷ୍ଟବଳ ଗୁରୁତର

କୋଇଡା,୯।୪(ଭାସ୍କର ନ୍ୟୁଜ): ଦୁଇ ପରିବାରର ଝଗଡ଼ା ମେଣ୍ଟାଇବାକୁ ଯାଇଥିବା ତେଣ୍ଟା ଫାଣ୍ଡିର ଦୁଇ କନେଷ୍ଟବଳଙ୍କୁ ଘଟଣାସ୍ଥଳରେ ଛୁରାମାଡ଼ ହୋଇଛି। ସେମାନଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

### ଘର ଭିତରେ ଦମ୍ପତିଙ୍କ ମୃତଦେହ


ଖଲ୍ଲିକୋଟ,୯।୪(ଭାସ୍କର ନ୍ୟୁଜ): ବୁଧବାର ସକାଳେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ପୂର୍ଣ୍ଣଚନ୍ଦ୍ରପୁରର ଏକ ବନ୍ଦ କୋଠରୀରୁ ଦମ୍ପତିଙ୍କ ମୃତଦେହ ଠାବ କରାଯାଇଛି। ତାଙ୍କ ପୁଅ ବାହାରେ ରହୁଛନ୍ତି। ତେବେ ତାଙ୍କୁ ହତ୍ୟା କରାଯାଇଛି କି ଏମାନେ ଆତ୍ମହତ୍ୟା କରିଛନ୍ତି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ବାହାରେ ରହୁଥିବା ତାଙ୍କ ପୁଅଙ୍କ ନିକଟକୁ ଫୋନ କରି ଆସିବାପାଇଁ ଅନୁରୋଧ କରିଛି।

ସେନ୍‌ସେକ୍ସ: ୭୩,୮୪୭.୧୫

ସର୍ବାଧିକ: ୩୩.୨ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

**୯।୪।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ବାରମ୍ବାର ପୋଲିସ ଉପରେ ଆକ୍ରମଣ ଘଟଣାକୁ ଗମ୍ଭୀରତାର ସହ ନିଆଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଘନଘନ ସର୍ଚ୍ଚ ଅପରେସନର ପ୍ରଭାବ

# ୨୨ ନକ୍ସଲଙ୍କ ଆତ୍ମସମର୍ପଣ



ମାଲକାନଗିରି,୯।୪(ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ସୁଦ୍ଧା ସାରା ଦେଶରୁ ନକ୍ସଲବାଦର ବିଲୋପ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନ ଜାରି ରହିଛି। ଘନଘନ ସର୍ଚ୍ଚ ଅପରେସନ ମାଓବାଦୀଙ୍କୁ ଭୟଭୀତ କରି ପକାଇଛି। ଏହି କ୍ରମରେ ଜଣକ ପରେ ଜଣେ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଏହି କ୍ରମରେ ବୁଧବାର ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରରେ ୨୨ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ ମହିଳା ରହିଛନ୍ତି। ଆତ୍ମ ସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରୁ ୪ଜଣଙ୍କ ମୁଣ୍ଡପାଇଁ ୨୬ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ନକ୍ସଲ ବାଟାଲିୟନ ନମ୍ବର ୧ର ସଦସ୍ୟ କମଲି ହେମଲା ଏବଂ ପାର୍ଟି ମେମ୍ବର ମୁୟା ମାଣ୍ଡବୀ ● ପୃଷ୍ଠା ୫ ଦେଖନ୍ତୁ

**୪ଜଣଙ୍କ ମୁଣ୍ଡ ପାଇଁ ଥିଲା ୨୬ ଲକ୍ଷର ପୁରସ୍କାର**


## ବିଜେଡିରେ ତୀବ୍ର ହେଉଛି କନ୍ଦଳ, ମୁହଁ ଖୋଲିଲେ ନବୀନ

# ମୁଖ୍ୟ ପରାମର୍ଶଦାତାଙ୍କ ସପକ୍ଷରେ ବୟାନ

**ପ୍ରଭାତଙ୍କ ଉପରେ କ୍ଷୋଭ ପ୍ରକାଶ କଲେ ନବୀନ**

**ହୋଟେଲରେ ବରିଷ୍ଠ ନେତାଙ୍କ ବୈଠକକୁ ନାପସନ୍ଦ**

**ଦଳୀୟ ଆଲୋଚନା ଶଙ୍ଖ ଭବନରେ କରିବାକୁ ପରାମର୍ଶ**



ଭୁବନେଶ୍ୱର,୯।୪ (ଭାସ୍କର ନ୍ୟୁଜ): ରାଜ୍ୟସଭାରେ ୱକଫ୍ ବିଲ୍ ଭୋଟିଂବେଳେ ବିଜେଡିର କେତେକ ସଦସ୍ୟ ବିଲ୍ ସପକ୍ଷରେ ଭୋଟଦେବା ଘଟଣାକୁ ନେଇ କନ୍ଦଳ ତୀବ୍ର ହେବାରେ ଲାଗିଛି। ବରିଷ୍ଠଙ୍କଠାରୁ ଆରମ୍ଭ କରି କନିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଏହି ଘଟଣାର ସମାଧାନ ପାଇଁ ବାରମ୍ବାର ଦାବିକରି ଆସୁଛନ୍ତି। ବିଶେଷକରି ସୁପ୍ରିମୋଙ୍କ ମୁଖ୍ୟ ପରାମର୍ଶଦାତାଙ୍କୁ ଦଳର କେତେଜଣ ଟାର୍ଗେଟ କରୁଥିବାରୁ ଏ ନେଇ ନବୀନ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ମୁଖ୍ୟ ପରାମର୍ଶଦାତା କେବଳ ରାଜ୍ୟପାଇଁ ନୁହେଁ, ଦଳପାଇଁ ବହୁତ କାମ କରିଛନ୍ତି। ସେ ଦଳର କୌଣସି କାର୍ଯ୍ୟରେ ସାମିଲ ହେଉନାହାନ୍ତି। ୧୦ମାସ ତଳୁ ସେ ଦଳ ଛାଡ଼ିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ତାଙ୍କୁ କଟୁ ସମାଲୋଚନା କରିଥିବାରୁ ପ୍ରଭାତଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ନବୀନ। କହିଛନ୍ତି ପ୍ରଭାତ ଦଳର କିଛି ବି ନୁହନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିରେ ସେ ଜେଲ ଯିବାପରେ ତାଙ୍କୁ ଦଳରୁ ବିଦା କରାଯାଇଛି। ଏ କ୍ଷେତ୍ରରେ ମୁଖ୍ୟ ପରାମର୍ଶଦାତାଙ୍କୁ ବଦନାମ କରାଯିବା କିମ୍ବା ତାଙ୍କ ବିରୋଧରେ ଅପପ୍ରଚାର କରିବା ଆଦୌ ଠିକ୍ ନୁହେଁ ବୋଲି ନବୀନ କହିଛନ୍ତି। ନବୀନ ଆହୁରି କହିଥିଲେ ଯେ ଦଳର ବରିଷ୍ଠ ନେତାମାନେ ହୋଟେଲରେ ବସି ଯେଉଁ ବୈଠକ କରୁଛନ୍ତି ତାହା ଠିକ୍ ନୁହେଁ। ସେ କହିଥିଲେ, ଦଳୀୟ ଆଲୋଚନା କେବଳ ଶଙ୍ଖ ଭବନରେ କରାଯିବା ଉଚିତ୍। ତେବେ ଏସବୁ ଭିତରେ ୨୦୧୪ ମସିହାରେ ପ୍ରଭାତ ତ୍ରିପାଠୀଙ୍କୁ ଦଳ ନିଲମ୍ବିତ କରିଥିବାବେଳେ ୨୦୧୭ ମସିହାରେ ନିଲମ୍ବନ ଉଠାଇ ନିଆଯାଇଥିଲା। ଅତଏବ ଶ୍ରୀ ତ୍ରିପାଠୀ ଏବେ ଦଳର କେବଳ ଜଣେ ସଦସ୍ୟଭାବେ ରହିଛନ୍ତି। ଅନ୍ୟପକ୍ଷରେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ଘରେ ବିଜେଡିର ବରିଷ୍ଠ ନେତାମାନେ ଏକାଠି ହୋଇ ବୈଠକ କରିଥିବା ସୂଚନା ମିଳିଛି। ଏଥିପୂର୍ବରୁ ଏକ ଘରୋଇ ହୋଟେଲରେ ମଧ୍ୟ ବରିଷ୍ଠ ନେତାମାନେ ଗୁପ୍ତ ବୈଠକ କରିଥିଲେ। ଏହି ବୈଠକରେ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାଶବର୍ମା, ଦେବୀ ମିଶ୍ରଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ନବୀନଙ୍କ ନେତୃତ୍ୱକୁ ଶକ୍ତିଶାଳୀ କରିବା ପାଇଁ ଏହି ବୈଠକ କରାଯାଉଥିବା କୁହାଯାଉଥିଲେ ମଧ୍ୟ ପ୍ରତାପ ଦେବଙ୍କ ବାସଭବନରେ କେଉଁ କାରଣରୁ ବୈଠକ ବସିଥିଲା ସେ ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ। ଅନ୍ୟପକ୍ଷରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ ବିଜେଡିରେ ଯୋଗ ଦେଇଥିବା ନୂଆ ନେତାମାନେ ଦଳର ଇତିହାସ ● ପୃଷ୍ଠା ୫ ଦେଖନ୍ତୁ

# ରେପୋ ରେଟ୍ ହ୍ରାସ କଲା ଆର୍‌ବିଆଇ



ନୂଆଦିଲ୍ଲୀ,୯।୪: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ରେପୋ ରେଟ୍ ହ୍ରାସ କରିଛି। ତୁରନ୍ତ ପ୍ରଭାବ ସହିତ ରେପୋ ରେଟ୍ ୦.୨୫% କମାଇଛି ଆରବିଆଇ। ୦.୨୫% କମିବା ପରେ ରେପୋ ରେଟ୍ ୬%ରେ ରହିଛି। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ''ମୁଦ୍ରା ନୀତି କମିଟି(ଏମପିସି) ସର୍ବସମ୍ମତିକ୍ରମେ ପଲିସି ରେପୋ ରେଟ୍‌କୁ ତୁରନ୍ତ ପ୍ରଭାବ ସହ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୬% କରିବାକୁ ମତଦାନ କରିଛି।'' ଏହି ଅବସରରେ ଗଭର୍ଣ୍ଣର ବିଶ୍ୱ ବିକାଶ ପାଇଁ ନୂତନ ଚ୍ୟାଲେଞ୍ଜଗୁଡ଼ିକ ପ୍ରତି ମଧ୍ୟ ଇଙ୍ଗିତ କରିଛନ୍ତି। ବୁଧବାର ଆରବିଆଇ ଲଗାତର ଦ୍ୱିତୀୟ ଥର ପାଇଁ ପ୍ରମୁଖ ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ ଘୋଷଣା କରିଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ଦ୍ୱାରା ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ପାରସ୍ପରିକ ଶୁଳ୍କ ଦ୍ୱାରା ପ୍ରଭାବିତ ଅର୍ଥନୀତିକୁ ସାହାରା ମିଳିବ ବୋଲି ଆଶା ସଞ୍ଚାର ହୋଇଛି। ସୁଧ ହାର ହ୍ରାସ ପରେ ପ୍ରମୁଖ ପଲିସି ରେଟ୍ ଅର୍ଥାତ୍ ରେପୋ ରେଟ୍ କମି ୬ ପ୍ରତିଶତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଗୃହ, ଯାନବାହାନ ଏବଂ କର୍ପୋରେଟ୍ ଋଣ ଗ୍ରହୀତାଙ୍କୁ ଆଶ୍ୱସ୍ତି ମିଳିଛି।

## ଦାରିଦ୍ର୍ୟର ଭୟଙ୍କର ଚିତ୍ର

# ୩ ଦିନର ଶିଶୁପୁତ୍ରକୁ ବିକିଲା ମାଆ

**ହସ୍ପିଟାଲରେ ବିକ୍ରିପାଇଁ ହୋଇଥିଲା ଡିଲ୍**

**ଡିଲ୍ ପରେ ଶିଶୁ ରାଉରକେଲା ଚାଲାଣ**

**ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ**



ବଲାଙ୍ଗୀର,୯।୪(ଭାସ୍କର ନ୍ୟୁଜ): ଦାରିଦ୍ର୍ୟ ଲୋକଙ୍କୁ କେମିତି ଅଡୁଆରେ ପକାଇଥାଏ ତାହା ବଲାଙ୍ଗୀରର ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଏକ ଅଭାବନୀୟ ଘଟଣାରୁ ସ୍ପଷ୍ଟ ବାରିହୋଇ ପଡୁଛି। ପେଟ ପାଇଁ ମାଆ ଜନ୍ମ ଦେଇଥିବା ଶିଶୁକୁ ବିକି ଦେବାପାଇଁ ସାମାନ୍ୟ କୁଣ୍ଠାମଧ୍ୟ କରିନାହିଁ। ଏଭଳି ଏକ ଅଘଟଣ ବୁଧବାର ଘଟିବା ପରେ ପ୍ରଶାସନ ପକ୍ଷରୁ ଜୋରଦାର ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲା ଶିଶୁମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ତଦନ୍ତ ଚାଲୁ ରହିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୬ ତାରିଖରେ ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ● ପୃଷ୍ଠା ୫ ଦେଖନ୍ତୁ

## ବଢୁଛି ଶିକ୍ଷିତ ବେକାରଙ୍କ ସଂଖ୍ୟା

# ମିଳୁନି ନିଯୁକ୍ତି

ଭୁବନେଶ୍ୱର,୯।୪(ଭାସ୍କର ନ୍ୟୁଜ): ପାଠ ପଢିଛନ୍ତି, ଉଚ୍ଚଶିକ୍ଷିତ ବି ହୋଇଛନ୍ତି। ରାଜ୍ୟର ପ୍ରଖ୍ୟାତ ଶିକ୍ଷାନୁଷ୍ଠାନରେ ପାଠପଢି ଚାକିରି କରିବାର ଯେଉଁ ଆଶା ତାହା ମଉଳି ଯାଇଛି। ଘରେ ବସିବା କେବଳ ସାର ହୋଇଛି। ୨୦୨୪-୨୫ ବର୍ଷରେ ରାଜ୍ୟର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ପଞ୍ଜିକରଣ କରିଥିବା ଶିକ୍ଷିତ ବେକାରଙ୍କ ସଂଖ୍ୟା ୧ଲକ୍ଷ ୭୩ହଜାର ୭୨୯ରେ ପହଞ୍ଚିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ମାଟ୍ରିକ ପାସ୍ କରିଥିବା ବେକାରଙ୍କ ସଂଖ୍ୟା ୧ଲକ୍ଷ ୭୯ହଜାର ୭୩୬ ରହିଥିବାବେଳେ ଯୁକ୍ତ ଦୁଇ ପାସ୍ କରିଥିବା ବେକାରଙ୍କ ସଂଖ୍ୟା ୪ଲକ୍ଷ ୨୦ହଜାର ୫୮୦ ରହିଛନ୍ତି। ସେହିପରି ଯୁକ୍ତ ୩ କଳାରେ ବେକାରଙ୍କ ସଂଖ୍ୟା ୧ଲକ୍ଷ ୮୮ହଜାର ୪୦୩ ରହିଥିବାବେଳେ ଯୁକ୍ତ ୩ ବିଜ୍ଞାନ ପାସ୍ କରିଥିବା ବେକାରଙ୍କ ସଂଖ୍ୟା ୫୧ହଜାର ୯୫୮ ରହିଛି। ସେହିପରି ଯୁକ୍ତ ୩ ବାଣିଜ୍ୟ ପାସ୍ କରିଥିବା ବେକାର ସଂଖ୍ୟା ୩୨ହଜାର ୮୭୫ ରହିଥିବାବେଳେ ଡିପ୍ଲୋମାଧାରୀଙ୍କ ବେକାର ସଂଖ୍ୟା ୪୩ହଜାର ୭୫୫ ରହିଛି। ଆଇଟିଆଇ ପାସ୍ କରିଥିବା ବେକାରଙ୍କ ସଂଖ୍ୟା ୩୪ହଜାର ୩୩୨ରେ ପହଞ୍ଚିଥିବାବେଳେ ବିଇଡି ପାସ୍ କରିଥିବା ବେକାରଙ୍କ ସଂଖ୍ୟା ୨୦ହଜାର ୭୧୮ ରହିଛି। ଅନୁରୂପ ଭାବେ ଟ୍ରେନ୍‌ଡ ଟିଚର ବେକାର ସଂଖ୍ୟା ୫୪ହଜାର ୬୯୪ ରହିଥିବାବେଳେ ପିଜି ପାସ୍ କରି ବେକାର ରହିଥିବା ପିଲାଙ୍କ ସଂଖ୍ୟା ୪୬ହଜାର ୬୭୮ ବୋଲି ଜଣାପଡ଼ିଛି। ଏମାନେ ଦୀର୍ଘଦିନ ହେବ ଚାକିରିକୁ ଅନେଇ ଅନେଇ ଘରେ ବସିଛନ୍ତି। ଯଦିଓ ରାଜ୍ୟ ସରକାର ରାଜ୍ୟରେ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତେବେ ଏହି ବେକାର ଥିବା ଯୁବବର୍ଗ କେବେ ଚାକିରି ପାଇବେ ତା ଉପରେ ନଜର।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନବୀନ ନିବାସେ ମେଳି ଚାଲିଅଛି
କିଏ ବଡ଼ କିଏ ସାନ
ଅଧେ କହୁଛନ୍ତି ନବୀନ ସୁପ୍ରିମୋ
ଆଉ କେହି ନାହିଁ ଆନ
ଚାଲିଅଛି ଘମାସନ
ନେତା ନେତା ମଧ୍ୟେ ଲଢେଇ ଚାଲିଛି
ଭବିଷ୍ୟତ ହାନିମାନ...।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ

# ଓଡ଼ିଶାରେ ବନାଗ୍ନିର ବିଭୀଷିକା

## ପ୍ରଶାସନର ତତ୍ପରତା ଲୋଡ଼ା

ଓଡ଼ିଶାରେ ଦିନର ତାତି ବଢ଼ିଚାଲିବା ସହ ମୂଲ୍ୟବାନ୍ ଜଙ୍ଗଲଗୁଡ଼ିକ ହୁ ହୁ ହୋଇ ଜଳିବାକୁ ଆରମ୍ଭ କରିଛି। ବହୁ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ଏବେ ୪୦ ଡିଗ୍ରୀ ଟପିଥିବା ବେଳେ ଟାଣ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାରି ଭିତରେ ଜଙ୍ଗଲ ନିଆଁ ବା ବନାଗ୍ନିର କରାଳ ରୂପ ରାଜ୍ୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ଯୋଗୁଁ ଜଙ୍ଗଲ ଭିତରେ ତାଳପତ୍ର ଶୁଖିଲା ଅବସ୍ଥାରେ ରହିଛି। କୌଣସି କାରଣରୁ ସେଥିରେ ନିଆଁ ଲାଗିଲେ ସମଗ୍ର ଜଙ୍ଗଲକୁ ତାହା ମୁହୂର୍ତ୍ତକ ମଧ୍ୟରେ ପୋଡ଼ିଜାଳି ପାଉଁଶ କରିଦେଉଛି। କେତେକ କ୍ଷେତ୍ରରେ ବନାଗ୍ନିର ବିଭୀଷିକାକୁ ରୋକିବା ବନ ବିଭାଗ କର୍ମଚାରୀଙ୍କ ପକ୍ଷରେ ସମ୍ଭବପର ହେଉନାହିଁ ଏବଂ ଏହା ସେମାନଙ୍କ ଆୟତ୍ତ ବାହାରକୁ ଚାଲିଯାଉଛି। ଚଳିତ ବର୍ଷ ଜାନୁଆରୀ-ଫେବୃଆରୀ ମାସରୁ ଓଡ଼ିଶାରେ ବର୍ଷା ଉଭାନ୍ ହୋଇଥିଲା ଏବଂ ଦିନ ଓ ରାତିର ଉତ୍ତାପ ବଢ଼ିଚାଲିଲା। ତେଣୁ ମାର୍ଚ୍ଚ ମାସ ମଧ୍ୟଭାଗ ସୁଦ୍ଧା ବନାଗ୍ନି ଉଗ୍ରରୂପ ଧାରଣ କରିବାକୁ ଲାଗିଲା। ଗତ ୨୦୨୧ ମସିହାରେ ଓଡ଼ିଶାରେ ବନାଗ୍ନିର ସଂଖ୍ୟା ରେକର୍ଡସ୍ତର ଛୁଇଁଥିବା ସ୍ଥଳେ ଏଥର ସେହି ରେକର୍ଡ ଟପି ଯାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ୱେବ୍‌ସାଇଟ୍‌ରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ଗତ ସପ୍ତାହ ମଧ୍ୟରେ ମଧ୍ୟପ୍ରଦେଶର ୩୧୨ଟି, ମହାରାଷ୍ଟ୍ରର ୨୯୫ଟି, ଓଡ଼ିଶାର ୨୬୧ଟି ଏବଂ ଛତିଶଗଡ଼ରେ ୨୧୦ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। ରବିବାର କେବଳ ଗୋଟିଏ ଦିନରେ ଓଡ଼ିଶାର ୫୫ଟି ସର୍କଲରେ ଜଙ୍ଗଲ ଜଳୁଥିବା ବେଳେ ଆନ୍ଧ୍ର ପ୍ରଦେଶର ୫୩ଟି, ମଧ୍ୟପ୍ରଦେଶର ୫୪ଟି ଓ ଛତିଶଗଡ଼ର ୬୬ଟି ସର୍କଲରେ ବନାଗ୍ନି ମୁଣ୍ଡ ଟେକିଥିଲା। ପରିବେଶ ସୁରକ୍ଷା ପାଇଁ ଅଧିକ ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଥିବା ସ୍ଥଳେ ବନାଗ୍ନି ଯୋଗୁଁ ଅସଂଖ୍ୟ ମୂଲ୍ୟବାନ୍ ଗଛପୋଡ଼ି ପାଉଁଶ ହେବା ନିଶ୍ଚିତ ଭାବରେ ଯେ ଚିନ୍ତାଜନକ ଏଥିରେ ସନ୍ଦେହ ନାହିଁ। ସେହିପରି ଦିନରାତି ଜଳୁଥିବା ଜଙ୍ଗଲ ନିଆଁର ଧାସରେ ଆଖପାଖ ଜନବସତିଗୁଡ଼ିକରେ ଭୀଷଣ ଗରମ ଅନୁଭୂତ ହେଉଛି ଏବଂ ଜନସାଧାରଣ କଲବଲ ହେଉଛନ୍ତି। ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସମୟରେ ଜଙ୍ଗଲ ନିଆଁରେ ଅନେକ ବିରଳ ପ୍ରଜାତିର ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଛି। ସବୁଠାରୁ ଦୁର୍ଭାଗ୍ୟର ବିଷୟ ହେଉଛି କେତେକ ସ୍ଥାନରେ ବିଭିନ୍ନ ମନୁଷ୍ୟକୃତ କାରଣରୁ ମଧ୍ୟ ଜଙ୍ଗଲରେ ନିଆଁ ଲାଗୁଛି, ଯାହାକୁ ରୋକିବାରେ ବିଭାଗୀୟ କର୍ତ୍ତୃପକ୍ଷ ବିଫଳ ହେଉଛନ୍ତି। ଉଦାହରଣ ସ୍ୱରୂପ ମହୁଲଫୁଲ ଓ ଶାଳମଞ୍ଜି ସଂଗ୍ରହ ପାଇଁ ଲୋକେ ଶାଳଗଛ ମୂଳେ ଏବଂ ମହୁଲ ଗଛ ତଳେ ନିଆଁ ଲଗାଇ ଦେଉଛନ୍ତି। ଏହି ନିଆଁ ଚାରିଆଡ଼କୁ ବ୍ୟାପି ସାରା ଜଙ୍ଗଲକୁ ନଷ୍ଟ କରିଦେଉଛି। ଏହାର ବିକଳ୍ପ ଚିନ୍ତା କରାଯିବାର ଜରୁରି ଆବଶ୍ୟକତା ରହିଛି। ଅସାଧୁ ଶିକାରୀମାନେ ଜୀବଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାର ଅଭିଯୋଗ ହେଉଛି ଏବଂ ସେମାନଙ୍କ ବିରୋଧରେ ମଧ୍ୟ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିବା ଉଚିତ। ବନାଗ୍ନିକୁ ଆୟତ୍ତ କରିବା ପାଇଁ ଚଳିତବର୍ଷ ନୂତନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହି ଘୋଷଣା ଘୋଷଣାରେ ସୀମିତ ହୋଇଛି ଏବଂ ନିଆଁ ରୋକିବାକୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ସଂପ୍ରତି ବିଧାନସଭା ଅଧିବେଶନରେ ବନାଗ୍ନିକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଥିଲେ। ଏହାସତ୍ତ୍ୱେ ସରକାରଙ୍କ ପକ୍ଷରୁ ଏନେଇ ବିଶେଷ କୌଣସି ତତ୍ପରତା ଲକ୍ଷ୍ୟ କରାଯାଉନାହିଁ। ଏପ୍ରିଲ ମାସ ମଧ୍ୟଭାଗରୁ ଯଦି ବନାଗ୍ନି ଏଭଳି ଗୁରୁତର ସମସ୍ୟା ସୃଷ୍ଟି କଲାଣି, ଆଗକୁ ମଇ ଓ ଜୁନ୍ ମାସରେ କିଭଳି ସାଂଘାତିକ ସ୍ଥିତି ସୃଷ୍ଟି ହେବ, ତାହା ସହଜେ ଅନୁମେୟ।

# ରେକର୍ଡ କଲାଣି ସ୍ତନ ଓ ମୁଖଗହ୍ୱର କର୍କଟ



ଡାକ୍ତର ସୌରଭ କୁମାର ମିଶ୍ର
ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ
ଏମ୍ସ, ଭୁବନେଶ୍ୱର

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ ହେଲେ ବର୍ତ୍ତମାନ ପରିସ୍ଥିତିରେ ସ୍ତନ ଓ ମୁଖଗହ୍ୱର କର୍କଟ ରେକର୍ଡ ସୃଷ୍ଟି କଲାଣି। ଅତ୍ୟଧିକ ନିଶା କାରବାର ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ ଜଣରେ ୩ ଜଣ, ଆମେରିକାରେ ପ୍ରତି ୪ ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚୀନ୍‌ରେ ପ୍ରତି ୨ ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍‌ଆର୍‌ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶୱାରୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ମସ୍ତବଡ ଚ୍ୟାଲେଞ୍ଜକୁ ସାମ୍ନା କରିବ। କାରଣ ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗ ଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣିପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ କାଳ ସାଜିଛି ସ୍ତନ କର୍କଟ ରୋଗ। ଯଦିଓ ଏହି ସ୍ତନ କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ଗର୍ଭାଶୟ କର୍କଟ। କିନ୍ତୁ ଗର୍ଭାଶୟ କର୍କଟ ଠାରୁ ଆଉ ଦୁଇପାଦ ଆଗରେ ଅଛି ସ୍ତନ କର୍କଟ। ବାର୍ଷିକ ନୂଆ ମାମଲାରେ ଗର୍ଭାଶୟ କ୍ୟାନ୍‌ସର ୯.୨ ପ୍ରତିଶତ ଥିବା ବେଳେ ସ୍ତନ କର୍କଟ ୧୩.୮ ପ୍ରତିଶତ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସଂପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବାର୍ଷିକ ହାରରେ ଯେଉଁଭଳି କର୍କଟ ଜନିତ ମୃତ୍ୟୁ ହେଉଛି ସେଥିରେ ୨୪ପ୍ରତିଶତ ସ୍ତନ କର୍କଟ ପାଇଁ ହେଉଛି। ସେହିଭଳି ପୁରୁଷମାନଙ୍କ ସ୍ଥିତିକୁ ବିଚାର କଲେ ସେମାନଙ୍କ ଶରୀରରେ ଯେତେ ପ୍ରକାର କର୍କଟ ଚିହ୍ନଟ କରାଯାଉଛି ସେଥିରେ ସର୍ବାଗ୍ରେ ରହିଛି ମୁଖ ଗହ୍ୱର କର୍କଟ। ନୂଆ ମାମଲାରେ ଏହି କର୍କଟ ରୋଗୀଙ୍କ ସଂଖ୍ୟା ହେଉଛି ୧୬ପ୍ରତିଶତ। ଏହା ପଛକୁ ଅଛି ଶ୍ୱାସନଳୀ ଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପିଡିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୂମ୍ରପାନ, ନିଶାସେବନ, ପାନ ଓ ଗୁଟ୍‌କାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହୋଇଥାଏ ବୋଲି କୁହାଯାଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦାର କରାନଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

# ନିରାପଦ ମାତୃତ୍ୱ: ଆଜିର ଆହ୍ୱାନ



ଡା. ଶୁଭଶ୍ରୀ ମିଶ୍ର
ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
କଟକ

ମହିଳାଙ୍କ କ୍ଷେତ୍ରରେ ମହିଳା ସ୍ୱାସ୍ଥ୍ୟ ବିଶେଷକରି ନିରାପଦ ମାତୃତ୍ୱ ସମ୍ବନ୍ଧୀୟ ସଚେତନତା ନିମିତ୍ତ ପ୍ରତିବର୍ଷ ଅପ୍ରେଲ ୧୧ ତାରିଖରେ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଥାଏ। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେଲଦି ବିଗିନିଂ, ହୋପଫୁଲ ଫ୍ୟୁଚର୍ସ'(ସୁସ୍ଥ ଆରମ୍ଭ : ଆଶାପୂର୍ଣ୍ଣ ଭବିଷ୍ୟତ)। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ। ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ସମଗ୍ର ବିଶ୍ୱରେ ଏ ଦିବସଟି ପାଳିତ ହେଉଥିବାବେଳେ ଭାରତ ସରକାର ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟୀକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା' ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି। ସିଜରିଆନ ଡେଲିଭରି ଦ୍ୱାରା ଗର୍ଭସ୍ଥ ଶିଶୁଟି ପରବର୍ତ୍ତୀ ସମୟରେ ଅନେକ ସ୍ୱାସ୍ଥ୍ୟଜନିତ ବିପଦକୁ ସମ୍ମୁଖୀନ ହୋଇପାରେ। ଏହାସହ ପ୍ରସୂତିକୁ ସିଜରିଆନ ପୂର୍ବରୁ ଆନାସ୍ଥେସିଆ ଦିଆଯାଉଥିବାରୁ ଏହା ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଏପରିକି ଏହି ଅସ୍ତ୍ରୋପଚାର ସମୟରେ ଅଧିକ ରକ୍ତସ୍ରାବର ସମ୍ଭାବନା ବି ରହୁଛି। ବିଳମ୍ବିତ ମାତୃତ୍ୱ ପାଇଁ ସିଜରିଆନ ପ୍ରସବ ସଂଖ୍ୟା ବଢୁଛି। ତେବେ କିଛି ମହିଳା ପ୍ରସବ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ଏହି ସିଜରିଆନ ପ୍ରସବ ବ୍ୟବସ୍ଥାକୁ ଗ୍ରହଣ କରିଥାନ୍ତି। ତେବେ ଅଧିକ ଦିନ ଧରି ଗର୍ଭ ଯନ୍ତ୍ରଣା ରହିଲେ କିମ୍ବା ଭ୍ରୂଣଟି ଅସ୍ୱାଭାବିକ ପରିସ୍ଥିତିରେ ଥିଲେ ଏ କ୍ଷେତ୍ରରେ ସିଜରିଆନ ଡେଲିଭରିକୁ ଗୁରୁତ୍ୱ ଦିଆଯାଇଥାଏ।

ତେବେ ଚିକିତ୍ସା ବିଜ୍ଞାନରେ ଆଜି ନିରାପଦ ଓ ସୁରକ୍ଷିତ ମାତୃତ୍ୱ ଭାବେ ସିଜରିଆନ ଡେଲିଭରିକୁ ଗୁରୁତ୍ୱ ଦିଆଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ମୁତାବକ କୌଣସି ଦେଶରେ ଅସ୍ତ୍ରୋପଚାର ଜନିତ ପ୍ରସବ ୧୦ରୁ ୧୫ ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ ଅର୍ଥାତ୍ ପ୍ରତି ୧୦୦ ଜଣ ମହିଳାରେ ୧୦ରୁ ୧୫ଜଣଙ୍କର ଅସ୍ତ୍ରୋପଚାର ଦ୍ୱାରା ପ୍ରସବ କରାଯିବା ଗ୍ରହଣୀୟ। ଯଦିଓ ବିଶ୍ୱ ସ୍ତରରେ ଏହି ଅସ୍ତ୍ରୋପଚାର ଜନିତ ପ୍ରସବ ହାର ବଢ଼ିଛି। ୧୯୯୦ ମସିହା ବେଳକୁ ଏହି ହାର ୭% ଥିବାବେଳେ ଆଜି ଏହା ୨୧%କୁ ବୃଦ୍ଧି ପାଇଛି। ଏହିପରି ବୃଦ୍ଧି ପାଇଲେ ୨୦୩୦ ମସିହା ବେଳକୁ ଏହା ୨୯%ରେ ପହଞ୍ଚିବାର ସମ୍ଭାବନା ରହିଛି। ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ଅନୁଯାୟୀ, ସିଜରିଆନ୍ ପ୍ରସବ ହାର ବଢ଼ିବାରେ ଲାଗିଛି। ୨୦୦୫-୦୬ରେ ଏହା ୮.୫ ପ୍ରତିଶତ, ୨୦୧୫-୧୬ରେ ୧୭.୨ ପ୍ରତିଶତ ଏବଂ ୨୦୧୯-୨୧ରେ ଏହା ୨୧.୫ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ସିଜରିଆନ୍ ପ୍ରସବ ହାର ତେଲେଙ୍ଗାନାରେ ସର୍ବାଧିକ ରହିଛି। ୨୦୨୦ରୁ ୨୦୨୧ରେ ୫୫.୩୩ ପ୍ରତିଶତ ପ୍ରସବ ଅସ୍ତ୍ରୋପଚାର ମାଧ୍ୟମରେ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୫୪.୦୧ ପ୍ରତିଶତକୁ ବୃଦ୍ଧି ପାଉଛି। ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଘରୋଇ ହସ୍ପିଟାଲରେ ୧ଲକ୍ଷ ୨୯ ହଜାର ୮୮ ପ୍ରସବ ହୋଇଥିବାବେଳେ ସେଥିରୁ ୯୯ ହଜାର ୯୯୮ଟି ପ୍ରସବ ଅସ୍ତ୍ରୋପଚାର ଦ୍ୱାରା କରାଯାଇଥିଲା। ୨୦୨୩-୨୪ମସିହାରେ ଘରୋଇ ହସ୍ପିଟାଲରେ ୧ଲକ୍ଷ ୪୦ ହଜାର ୧୨୬ ପ୍ରସବ ହୋଇଥିବାବେଳେ ସେଥିରୁ ୧ଲକ୍ଷ ୧୩ ହଜାର ୫୯୮ଟି ହୋଇଥିଲା ଅସ୍ତ୍ରୋପଚାର ଦ୍ୱାରା ଏବଂ ଏହା ଘରୋଇ ହସ୍ପିଟାଲରେ ହୋଇଥିବା ସମୁଦାୟ ପ୍ରସବର ୮୧.୦୬%। ସରକାରୀ ହସ୍ପିଟାଲର ଜନ୍ମ ତଥ୍ୟ ଅନୁସାରେ ୨୦୨୨-୨୩ରେ ହୋଇଥିବା ୬ଲକ୍ଷ ୭୪୦ ପ୍ରସବ ମଧ୍ୟରୁ ୫ଲକ୍ଷ ୮୩ ହଜାର ୪୪୩ଟି ଅସ୍ତ୍ରୋପଚାର ଦ୍ୱାରା କରାଯାଇଥିଲା, ଯାହାକି ୩୦.୫୩%। ୨୦୨୩-୨୪ରେ ୫ଲକ୍ଷ ୧୧ ହଜାର ୧୮୫ ପ୍ରସବ ହୋଇଥିବାବେଳେ ସେଥିରୁ ୩୩.୦୮% ଅର୍ଥାତ୍ ୧ ଲକ୍ଷ ୯୫ ହଜାର ୫୭୮ ପ୍ରସବ ଅସ୍ତ୍ରୋପଚାର ଦ୍ୱାରା ହୋଇଥିଲା। ଦିନଥିଲା ଲୋକେ ସ୍ୱାଭାବିକ ପ୍ରସବ ପସନ୍ଦ କରୁଥିଲେ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।

# ହୋମିଓପ୍ୟାଥିର ଜନ୍ମଦାତା- ଡା. ହନିମ୍ୟାନ୍



ଡାକ୍ତର ସଙ୍ଗୀତା ନାୟକ
ଏସବି ହୋମିଓ, ସେକ୍ଟର-୯, ସିଡିଏ, କଟକ
ମୋ: ୯୮୬୧୫୭୫୨୩୭

ଆଜିର ଚିକିତ୍ସା ବ୍ୟବସ୍ଥାକୁ ଦେଖିଲେ ଅଧିକାଂଶ ଲୋକଙ୍କର ଏଯାତ ଦୃଢ଼ ବିଶ୍ୱାସ, ଆଶା ଓ ଭରସା ରହିଛି ଅନ୍ୟତମ ସର୍ବପ୍ରାଚୀନ ଚିକିତ୍ସା ବ୍ୟବସ୍ଥା ହୋମିଓପ୍ୟାଥି ଉପରେ। ବର୍ତ୍ତମାନର ତଥାକଥିତ ଏଲୋପାଥିକ ଯେଉଁ ସମୟରେ ଯୁଗାନ୍ତକାରୀ ଓ ସମସ୍ତଙ୍କ ପାଇଁ ସୁଲଭ ଓ ନିର୍ଭରଯୋଗ୍ୟ ହୋଇପାରିନଥିଲା ସେହି ସମୟରେ ହୋମିଓପ୍ୟାଥିର ଚାହିଦା ଓ ଭରସା ଅତୁଟ ଥିଲା। ହୋମିଓପ୍ୟାଥିର ସ୍ୱତନ୍ତ୍ରତା ହେଉଛି ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ଏବଂ ଏହାର ବ୍ୟବହାରତା ଉପରେ ସେପରି କଟକଣା ନଥାଏ, ସର୍ବୋପରି ଏହା ସମସ୍ତଙ୍କ ପାଇଁ ସୁଲଭ ଓ ସବୁଠାରେ ଏହା ଉପଲବ୍ଧ। ଆଜି ହେଉଛି ଏହି ମହାନ ଚିକିତ୍ସା ବ୍ୟବସ୍ଥାର ଜନ୍ମଦାତା ଡା.କ୍ରିଷ୍ଟେନ୍ ଫ୍ରେଡ଼ରିକ୍ ହ୍ୟାନିମ୍ୟାନ୍‌ଙ୍କ ଜନ୍ମ ଦିନ। ତାଙ୍କୁ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ସ୍ରଷ୍ଟା ବୋଲି କୁହାଯାଏ। ହ୍ୟାନିମ୍ୟାନ୍‌ଙ୍କ ପିଲାଦିନ ଦାରିଦ୍ର୍ୟ ମଧ୍ୟରେ କଟିଥିଲା । ସେ ଜଣେ ପ୍ରଚଣ୍ଡ ମେଧାବୀ ଥିଲେ ଏବଂ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ମେଧା, ପାଠପ୍ରତି ଅହେତୁକ ଶ୍ରଦ୍ଧା, ବିଶେଷକରି ଅସହାୟମାନଙ୍କ ପ୍ରତି ସେ ଅତ୍ୟନ୍ତ ଉଦାର ଓ ସ୍ନେହଶୀଳ ଥିଲେ।

ଜୀବନରେ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଏଲୋପ୍ୟାଥିରେ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଜଣେ ଡାକ୍ତର ଭାବେ ରୋଗୀ ସେବା ଆରମ୍ଭ କରିଥିଲେ । ମାତ୍ର ଏଲୋପ୍ୟାଥି ଚିକିତ୍ସା ପଦ୍ଧତିରେ ସେ ସନ୍ତୁଷ୍ଟ ନଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ସେ ଯେଉଁ ପଦ୍ଧତିରେ ରୋଗୀ ଚିକିତ୍ସା କରୁଛନ୍ତି, ତାହା ରୋଗୀଙ୍କ ଉପକାର ଅପେକ୍ଷା ଅପକାର ଅଧିକ କରୁଛି । ସେଥିପାଇଁ ହ୍ୟାନିମ୍ୟାନ୍ ରୋଗୀ ସେବା ଛାଡ଼ି ଦେଇଥିଲେ । କିନ୍ତୁ ଚିକିତ୍ସା ଶାସ୍ତ୍ର ଓ ରୋଗୀ ସେବା ଏହି ଦୁଇଟିକୁ ନିଜ ଜୀବନର ଦୁଇଟି ରାସ୍ତା ଭାବେ ସେ ଗ୍ରହଣ କରିଥିଲେ। ଏହାପରେ ସେ ଲେଖାଲେଖି ଆରମ୍ଭ କଲେ । ସେ ସମୟରେ ତାଙ୍କର କିଛି ସଚେତନଧର୍ମୀ ଲେଖା ପ୍ରମୁଖ ଗଣମାଧ୍ୟମରେ ନିୟମିତ ସ୍ତମ୍ଭ ଭାବରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ୍ତି ହାସଲ କରିଥିଲା ଯାହାକି ପରବର୍ତ୍ତୀ ସମୟରେ ପୁସ୍ତକର ସ୍ଥାନ ନେଇଥିଲା। ହ୍ୟାନିମ୍ୟାନ୍ ଜଣେ ଚମତ୍କାର ଅନୁବାଦକ ଥିଲେ । ସେ ବିଭିନ୍ନ ଭାଷାର ଗ୍ରନ୍ଥ ସବୁ ଅନୁବାଦ କରୁଥିଲେ । ତାଙ୍କୁ ଇଂରାଜୀ, ଫରାସୀ, ଗ୍ରୀକ୍, ହିବ୍ରୁ, ଆରବିକ୍, ଇଟାଲୀୟ ଭାଷା ଜଣାଥିଲା ।

ଏହା ବ୍ୟତୀତ କିଛି ଆଫ୍ରିକୀୟ ଭାଷା ଉପରେ ତାଙ୍କର ମଧ୍ୟ ଅସାଧାରଣ ଦକ୍ଷତା ଥିଲା। ଦିନେ ୱିଲିୟମ୍ କୁଲେନ୍‌ଙ୍କ ଏକ ଗ୍ରନ୍ଥ ଅନୁବାଦ କରିବା ସମୟରେ ଏକ ଗଛ ଛାଲିରୁ ମ୍ୟାଲେରିଆର ଚିକିତ୍ସା ପଦ୍ଧତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଅଧିକ ଗବେଷଣା ଜାରି ରଖି ସେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ଉଦ୍ଭାବନ କରିଥିଲେ । ତଥାକଥିତ ଉଚ୍ଚମୂଲ୍ୟର ଏଲୋପାଥିକ ଔଷଧ ତୁଳନାରେ ହୋମିଓପ୍ୟାଥିକ ଔଷଧର ମୂଲ୍ୟ କିପରି କମ୍ ରହିବ ଏ ନେଇ ହନିମ୍ୟାନ ତାଙ୍କ ଗବେଷଣ ସମୟରେ ଏ ଦିଗଟି ପ୍ରତି ଲକ୍ଷ୍ୟ ରଖିଥିଲେ। ଯଦିଓ ବର୍ତ୍ତମାନ କିଛି ହୋମିଓ ଔଷଧର ମୂଲ୍ୟ ଏଲୋପାଥିକ ଠାରୁ ମଧ୍ୟ ଅଧିକ। ଡା. ହନିମ୍ୟାନ୍ ୧୭୫୫ ମସିହା ଏପ୍ରିଲ ୧୦ ତାରିଖରେ ସାକ୍ସୋନୀର ମିସେନ୍ ଠାରେ ଜନ୍ମ ଗ୍ରହଣ କରିଥିଲେ ।

# ଚିତ୍ତବିନୋଦନ ଓ ପ୍ରତିଯୋଗିତା



କିଶୋର ଚନ୍ଦ୍ର ବେହେରା
ଅଧ୍ୟାପକ, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର,କୋରାପୁଟ
ମୋ-୯୪୩୭୯୫୫୫୬୮

ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ମାନ ଓ ଗୁଣବତ୍ତା ବୃଦ୍ଧି ପାଇଁ ପରୀକ୍ଷା ଅପରିହାର୍ଯ୍ୟ। ବିଚାର ଓ ବିଚାରଧାରାର ଆକଳନ କରିବା, ଜ୍ଞାନ ବଢ଼ାଇବା ଏବଂ ନିରନ୍ତର ଉନ୍ନତି ପାଇଁ ସେମାନେ ଏକ ମୂଲ୍ୟବାନ ସାଧନ ଭାବେ କାର୍ଯ୍ୟ କରୁଛନ୍ତି । ଆମ୍ଭମାନଙ୍କର ବିଶ୍ୱାସ ଅମୂଲ୍ୟ, ଆମେ ଏକ ପାରଦର୍ଶୀ ଏବଂ ସମାନତାପୂର୍ଣ୍ଣ ଶିକ୍ଷା ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ସମର୍ପିତ । ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ସମସ୍ତ ବାର୍ଷିକ ପରୀକ୍ଷା ସରିଯାଇଥିବାବେଳେ ବର୍ତ୍ତମାନ ପରିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ ଆରମ୍ଭ ହୋଇଗଲାଣି। ଜଣେ ବିଦ୍ୟାର୍ଥୀ ପରବର୍ତ୍ତୀ ଉଚ୍ଚତାର ଶିକ୍ଷାଲାଭ ପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସଦାସର୍ବଦା ଚେଷ୍ଟା କରିଥାଏ। ଗଣଶିକ୍ଷା ବିଭାଗ ଅଧିନରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ଥାଏ ପରବର୍ତ୍ତୀ ଅଧ୍ୟୟନ ନିମନ୍ତେ ଭଲ ଶିକ୍ଷାନୁଷ୍ଠାନ ପାଇଁ। ଉଚ୍ଚଶିକ୍ଷା ବିଭାଗ ଅଧିନରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ସ୍ନାତକୋତ୍ତର ଶିକ୍ଷା କିମ୍ବା କର୍ମନିଯୁକ୍ତି ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ସ୍ନାତକ ଶିକ୍ଷା ଅଧିକ ଗୁରୁତ୍ୱ ବହନ କରିଥାଏ। ବିଦ୍ୟାର୍ଥୀଙ୍କ ପରୀକ୍ଷା ସରିଲା ପରେ ଓ ଫଳ ପ୍ରକାଶିତ ପୂର୍ବରୁ ସେ ଅବସର ବିନୋଦନ ସହିତ ଉଚ୍ଚଶିକ୍ଷା ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଦ୍ୱାଦଶ ଶ୍ରେଣୀରେ ବିଶେଷ କରି ବିଜ୍ଞାନ ବିଭାଗରେ ଅଧ୍ୟାପନା କରୁଥିବା ଛାତ୍ରମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସମୟ । ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ରହିବା ଜରୁରି, ବିନା ପ୍ରତିଯୋଗିତା ଓ ଆହ୍ୱାନରେ ଜୀବନ ପ୍ରେରଣାହୀନ। ହେଲେ ପ୍ରତିଯୋଗିତା ବନ୍ଧୁଙ୍କ ସହ ନୁହେଁ, ନିଜ ସହ କରନ୍ତୁ। ବନ୍ଧୁଙ୍କଠାରୁ ପ୍ରେରଣା ନିଅନ୍ତୁ, ଆଗକୁ ବଢନ୍ତୁ। ଈର୍ଷା, ଦ୍ୱେଷ ମନୋଭାବ ଆଣିବା ଆଦୌ ଉଚିତ୍ ନୁହେଁ କାରଣ ଏହା ନିଜ ଉପରେ କୁପ୍ରଭାବ ପଡ଼ିବା ସହ ସମାଜ ଉପରେ ପ୍ରଭାବ ପକାଇଥାଏ। ସେହିପରି ଅବିଭାବକମାନେ ମଧ୍ୟ କେବେ ହେଲେ ପିଲାମାନଙ୍କ ତୁଳନା ଅନ୍ୟ କାହା ସହ କରନ୍ତୁ ନାହିଁ। ତୁଳନା ଦ୍ୱାରା ପିଲାଙ୍କ ଭିତରେ ବିକୃତ ମନୋଭାବ ଆସିଥାଏ। ପିଲାମାନଙ୍କୁ ଲେଖିବା ଅଭ୍ୟାସ ବଢ଼ାଇବାକୁ ପରାମର୍ଶ ଦେବା ଉଚିତ। ଆମେ ସବୁବେଳେ ଖାଲି ପଢୁଛୁ, ବହିରୁ ପଢୁଛୁ, କମ୍ପ୍ୟୁଟରରୁ ପଢୁଛୁ, ଆଇପଡ୍‌ରୁ ପଢୁଛୁ। କିନ୍ତୁ ଯାହା ପଢ଼ିଥିବୁ, ପରୀକ୍ଷାରେ ତାକୁ ଲେଖିବାକୁ ପଡ଼ିବ। ତେଣୁ ଲେଖିବା ଅଭ୍ୟାସ କରନ୍ତୁ। ଯଦି ଲେଖିବା ଅଭ୍ୟାସ ନଥିବ, ତେବେ ଲେଖିବାକୁ ସମସ୍ୟା ହେବ। ଏବେ ପରୀକ୍ଷାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଲେଖିବା। ନିୟମିତ ଲେଖାଲେଖି ଅଭ୍ୟାସ ନଥିଲେ, ଉତ୍ତର ଲେଖିବା କଷ୍ଟ ହେବ। ଘରେ ପଢ଼ିବା ସହ ନିୟମିତ ଲେଖିବା ଅଭ୍ୟାସ ନିହାତି ଜରୁରି ।

ପ୍ରତିଯୋଗିତା ମୂଳ ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ କିପରି ପ୍ରସ୍ତୁତ ହେବ ପ୍ରତିଯୋଗୀମାନେ ଜାଣିବା ଦରକାର। ପ୍ରଥମେ ଖାଇବା ଓ ଶୋଇବାକୁ ନିର୍ଧାରଣ କରିବାର ଆବଶ୍ୟକତା ରହିଛି। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଅଭ୍ୟାସ କର। ଠିକ୍ ଭାବେ ନ ଶୋଇଲେ, ଭାବନା ଠିକ୍ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ ଯାହାଫଳରେ ନିଦୁଆ ଲାଗେ। ପାଠ ମନେ ରହେ ନାହିଁ। ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ କ'ଣ ମନେ ରହୁନାହିଁ ପାଠଟି ବୁଝିକରି ମନେରଖିବା ପାଇଁ କେତେ ସମୟ ଲାଗିବ ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ।ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ ପାଠ ମନେ ରହୁନାହିଁ। ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇପଡ଼େ। ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। ମନ ଅସ୍ଥିରତାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଶାନ୍ତ ପରିବେଶରେ ପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତ କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ। ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ପରୀକ୍ଷା ସମୟରେ ନିଜକୁ ସାହସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି, ଯାହା ପଢ଼ିଛି ସବୁ ମନେଅଛି ଓ ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି' ।

ପ୍ରତିଯୋଗିତା ମୂଳକ ପରୀକ୍ଷା ଯେତିକି ମୂଲ୍ୟବାନ୍, ଅବସର ବିନୋଦନ ସେତିକି ଅପରିହାର୍ଯ୍ୟ। ଅବସର ବିନା ସମୟ ଅସମ୍ପୂର୍ଣ୍ଣ ଏବଂ ଜୀବନ ଅର୍ଥହୀନ। ସେଥିପାଇଁ ତ ରାତି ଓ ଦିନର ସୃଷ୍ଟି। କର୍ମକ୍ଷେତ୍ରରେ ବି ଏହାର ଆବଶ୍ୟକତା ସମ୍ୟକ୍ ଉପଲବ୍ଧ ଓ ତେଣୁ ଶିକ୍ଷାୟତନ, ଶିଳ୍ପାୟନ, ବ୍ୟବସାୟିକ ସଂସ୍ଥା, ସରକାରୀ ଦପ୍ତର, ଘରୋଇ ସଂସ୍ଥାନ, ସାମାଜିକ ଅନୁଷ୍ଠାନ ଏ ପ୍ରତ୍ୟେକ କ୍ଷେତ୍ରରେ ସପ୍ତାହାନ୍ତ ଅବକାଶ ପାଇଁ ବ୍ୟବସ୍ଥା କରାଯାଇଅଛି ।ତେଣୁ ଧରାବନ୍ଧା ଜଞ୍ଜାଳରୁ ଟିକିଏ ତ୍ରାହି ପାଇଁ ଛୁଟିଦିନକୁ ସମସ୍ତେ ଚାତକ ପରି ଚାହିଁ ରହିଥାନ୍ତି ଏବଂ ସେ ଦିନ ଆସିଗଲେ ବିଭିନ୍ନ ଉପାୟରେ ମନୋରଞ୍ଜନ ଲାଗି ଲାଗିପଡ଼ନ୍ତି। ବଣଭୋଜି, ବନ୍ଧୁ ଦର୍ଶନ, ସିନେମା ଥିଏଟର, ରିୟଲିଟି ଶୋ', ପ୍ରବଚନ, ପାର୍କ ଭ୍ରମଣ, ଦର୍ଶନୀୟ ସ୍ଥାନ ଭ୍ରମଣ, ଅବସର ବିନୋଦନ କେନ୍ଦ୍ର, ବାର, ହୋଟେଲ, ରେଷ୍ଟୋରାଁ, କ୍ଲବ, ପାର୍ଟି, ଭୋଜିଭାତ, ଜିମ୍, ସ୍ପୋର୍ଟସ କ୍ଲବ, ସାଇବର ହବ୍, ସଙ୍ଗୀତ ଏବଂ ସାଂସ୍କୃତିକ କେନ୍ଦ୍ର ଏ ପ୍ରତ୍ୟେକ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇଥାଏ। ଖେଳ କସରତ ମଧ୍ୟ ଏ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାରମ୍ପରିକ ପଶାପାଲି, ଲୁଡୁ, ପୁଚି, କବାଡ଼ିଠାରୁ ଆଧୁନିକ ଖେଳ ଯାଏ ମଣିଷକୁ ଭରପୂର ଆନନ୍ଦ ଦେଇଥାଏ ଓ ବୈଦ୍ୟୁତିକ ସରଂଜାମ ଯଥା ଟିଭି, ଭିଡିଓ, ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବି ଆମୋଦପ୍ରମୋଦର ଅନ୍ୟ ଏକ ଉତ୍ସ। କିନ୍ତୁ ଅବସର ବିନୋଦନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ଉପାଦାନ। ବହି ମଣିଷର ଚିରସହଚର ଓ ଅଧୁନା ୨୦୨୦ର ରାଷ୍ଟ୍ରୀୟ ଶିକ୍ଷାନୀତି ସାମାଜିକ ଏବଂ ପାରିବେଶିକ ଅନୁଭବଗୁଡ଼ିକୁ ଅଙ୍ଗୀକୃତ କରି ସମାଜର ବିଭିନ୍ନ ବର୍ଗର ବିଦ୍ୟାର୍ଥୀମାନଙ୍କୁ ସମ୍ମିଳିତ ଭାବେ ଶିକ୍ଷାପ୍ରଦାନ କରିବା ଉପରେ ପ୍ରାଧାନ୍ୟ ଦେଇଛି। ଏହି ପ୍ରସଙ୍ଗରେ ବିଦ୍ୟାଳୟର ଗତିବିଧିର ନିଷ୍ଠାପୂର୍ବକ ସାମାଜିକ ତଥା ସାମୁଦାୟିକ ସେବାକାର୍ଯ୍ୟକୁ ସମ୍ମିଳିତ କରିବାପାଇଁ କୁହାଯାଇଛି। ଯଦି ଉଚ୍ଚତମ ନ୍ୟାୟାଳୟର ମନ୍ତବ୍ୟକୁ ସମ୍ବନ୍ଧିତ କରି ନୂତନ ଶିକ୍ଷାନୀତିର ନିହିତାର୍ଥ ଉପରେ ଦୃଷ୍ଟିପାତ କରାଯିବ ତେବେ ପରୀକ୍ଷା ପ୍ରଣାଳୀର ପରିପୂରକ ରୂପେ ସାମାଜିକ ତଥା ଜନସେବା ଜନିତ ନିଷ୍ପାପର କାର୍ଯ୍ୟର ଅନୁଭବକୁ ପ୍ରତିଭାର ମାପଦଣ୍ଡରେ ଅନ୍ତର୍ଭୁକ୍ତ କରିବାକୁ ହେବ। କିଭଳି ବିଦ୍ୟାର୍ଥୀର ଆନ୍ତରିକ ଅଭିକ୍ଷମତା ଏବଂ ଆତ୍ମଶକ୍ତିକୁ ପ୍ରତିଭା ବିକାଶ ଗତିବିଧି ସହିତ ଯୋଡ଼ି ମୂଲ୍ୟାଙ୍କନ କରାଯିବ ତାହା ଏକ ସମସାମୟିକ ଆହ୍ୱାନ ବୋଲି ଶିକ୍ଷାବିତ୍‌ମାନଙ୍କୁ ମାନିନେବାକୁ ହେବ। ବ୍ୟକ୍ତିର ଆନ୍ତରିକ ଶକ୍ତି, ସାମର୍ଥ୍ୟ ସହିତ ପାରିବେଶିକ ସଂଜ୍ଞାନାତ୍ମକ ଅନୁଭବକୁ ପ୍ରତିଭା ଚିହ୍ନିତ କରିବାର ପ୍ରକ୍ରିୟାରେ ବିକେନ୍ଦ୍ରୀକୃତ ରୂପେ ପ୍ରୟାସ କରିବାଟା ଉଚିତ୍ ହେବ। ତାହାଦ୍ୱାରା ଅନ୍ତର୍ନିହିତ ଶକ୍ତିକୁ ପୂର୍ଣ୍ଣାଙ୍ଗରୂପେ ପ୍ରତିଭାରେ ପ୍ରତିବିମ୍ବିତ କରାଯାଇପାରିବ। ବିଦ୍ୟାଳୟୀ ପାଠ୍ୟକ୍ରମ ଆଧାରିତ ଗତିବିଧି ତଥା ରଚନାତ୍ମକ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଉକ୍ତ ବିଚାରକୁ ସମ୍ମିଳିତ କରାଯାଇ ସମାଜର ପ୍ରତ୍ୟେକ ବର୍ଗର ବିଦ୍ୟାର୍ଥୀଙ୍କୁ ସମ୍ମିଳିତ ଶିକ୍ଷାପ୍ରାପ୍ତିର ସୁଯୋଗ ମିଳି ପାରିବ।



ଉମରକୋଟ, (ଭାସ୍କର ନ୍ୟୁଜ): ପୂଜା ପାଇଁ ଦକ୍ଷିଣା ଦେଇ, ପୁଣି ଦକ୍ଷିଣା ଫେରସ୍ତ ମାଗିବା କେତେ ଯୁକ୍ତିଯୁକ୍ତ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ। ସୂଚନା ଅନୁଯାଇ ଉମରକୋଟ ସହରରେ ଚାଲିଥିଲା ମା ଜଗତଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା। ପୂଜାରୀଙ୍କ କହିବାନୁଯାୟୀ ଗତକାଲି ସହରର ଜଣେ କୋଟେଶ୍ୱର ପଟ୍ଟନାୟକ ନାମକ ବ୍ୟକ୍ତି ମାଁଙ୍କୁ ତାଙ୍କ ଘରେ ପୂଜା କରିବାକୁ ଡାକିଥିଲେ। ମାଁଙ୍କ ସହିତ ପୂଜକମାନେ ମଧ ଉକ୍ତ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ପୂଜା ସାରିବା ପରେ ଉକ୍ତ ବ୍ୟକ୍ତି ଜଣକ ମାଁଙ୍କୁ ୫୦୦୦ ଟଙ୍କା ଦକ୍ଷିଣା ଆକାରରେ ଦେଇଥିଲେ। ଏହି ପଇସା ଦେବା ସମୟରେ ଉକ୍ତ ବ୍ୟକ୍ତି ଜଣକ ମୋବାଇଲରେ ଫୋଟୋ ଉତ୍ତୋଳନ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବୁଧବାର ମଙ୍ଗଳା ମନ୍ଦିରକୁ ଆସି ପୂଜାରୀଙ୍କୁ ଦେଇଥିବା ୫୦୦୦ଟଙ୍କାକୁ ମାଗିଥିଲେ। ପୂଜାରୀ କୋଟେଶ୍ୱର ପଟ୍ଟନାୟକଙ୍କୁ ୫୫୦୦ ଟଙ୍କା ଫେରସ୍ତ କରିଥିଲେ। ବର୍ତ୍ତମାନ ଏହି ଖବରଟି ମୋବାଇଲରୁ ମୋବାଇଲ ଘୁରିବୁଲୁଛି। ଜନସାଧାରଣ ଏହା ଦେଖି ଏହା ଏକ ଲଜ୍ୟାଜନକ ବିଷୟ ବୋଲି ଆଲୋଚନା କରୁଥିବା ଦେଖିବାକୁ ମିଳିଛି।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

ତିହିଡି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ ନିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ଓ ଭୀଷ୍ମଦେବ ଶତପଥି, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିଶ ସାମଲ, ଜିପିଇଓ ପ୍ଲାବନ ପଣ୍ଡା, ଜୀବିକାମିଶନ ବିପିଏମ ରଶ୍ମିତା ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟା ସୁଚରିତା ମହାନ୍ତି, ପିଇଓ ଡ. ଅରୁଣ



କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବହି ମଣିଷକୁ ଶିକ୍ଷା ପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିବା ବେଳେ ପିଲାମାନେ ନିଜର ପାଠ୍ୟପୁସ୍ତକ ପଢ଼ିବା ସହିତ ଅନ୍ୟାନ୍ୟ ଓଡ଼ିଆ ବହି ପଢ଼ି ଶିକ୍ଷା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ସଭାପତି ରବୀନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସମାର ଟାଙ୍ଗୁଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ସହକାରୀ ଜିଲାପାଳ ଉମା ପ୍ରସାଦ ଦାସ, ପୌର ପରିଷଦ ନିର୍ବାହୀ ଅଧିକାରୀ କେ. ଅଶୋକ ଚକ୍ରବର୍ତ୍ତୀ ଓ ଜିଲା ବିଜ୍ଞାନ ପରିଦର୍ଶକ ଶରତ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଅତିଥିମାନେ ସରସ୍ୱତୀ ଶିଶୁ ମନ୍ଦିରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଜାୟ ରଖୁଛନ୍ତି, ଅନେକ ଅଭିଭାବକ ଆଧୁନିକ ଶିକ୍ଷାକୁ ଗୁରୁତ୍ୱ ଦେଇ ନିଜ ପିଲାମାନଙ୍କୁ ବେସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢାଉଥିବାରୁ ସେହି ପିଲାମାନେ ଆଜି ନିଜ ମାତୃଭାଷାକୁ ଭୁଲି ଯାଉଛନ୍ତି। ଫଳରେ ଲୋପ ପାଉଛି ମାତୃଭାଷା ଓ ସଂସ୍କୃତି। ଶିଶୁ ମନ୍ଦିର ଗୁରୁଜୀଗୁରୁମା, ଆଚାର୍ଯ୍ୟ, ଛାତ୍ରୀଛାତ୍ର ନିଷ୍ଠାର ସହ ଶିକ୍ଷା ଗ୍ରହଣ କରିବା ସହ ସମସ୍ତଙ୍କୁ ସମ୍ମାନ ଦେବା ବ୍ୟବହାର, ଶୁଦ୍ଧ ଓଡ଼ିଆ ଭାଷା, ସଂସ୍କୃତ, ପ୍ରାର୍ଥନା ଓ ବନ୍ଦନା ଇତ୍ୟାଦି ଶିକ୍ଷା ଲାଭକରି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହ ପିତାମାତା, ଗୁରୁମାଗୁରୁଜୀ, ଅତିଥି ଓ ଅନ୍ୟମାନଙ୍କୁ କିପରି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ ସେ ସମ୍ବନ୍ଧରେ ଜ୍ଞାନ ଆରୋହଣ କରୁଛନ୍ତି ବୋଲି ଅତିଥିମାନେ କହିଥିଲେ। ପରେ ବିଦ୍ୟା ମନ୍ଦିରର ବିଭିନ୍ନ ଅସୁବିଧା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଖୁବ ଶୀଘ୍ର ପୂରଣ କରାଯିବ ବୋଲି ବିଧାୟକ ମାଡକାମି ପ୍ରତିଶ୍ରୁତି ଦେଇଥିଲେ। ପରେ ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ଦିବାକର ପାଳ, ସଭାପତି ଅନଙ୍ଗ କୁମାର ମହାପାତ୍ର, ସମ୍ପାଦକ ସନ୍ଦିପ କୁମାର ଦାସ, ସଭାପତି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଓ ସହ ସମ୍ପାଦକ ବାମ ନୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ରୀଡା ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାହାଳରେ ସାଧାରଣ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

### ଗ୍ରାମାଞ୍ଚଳ ବିକାଶ ପାଇଁ ଜେଏସଡବ୍ଲୁର ପଦକ୍ଷେପ

ପାରାଦ୍ୱୀପ, (ଭାସ୍କର ନ୍ୟୁଜ): ଜେଏସଡବ୍ଲୁ ପକ୍ଷରୁ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳ ଜଗତସିଂହପୁର ଜିଲ୍ଲା କିଜିଆ ପଞ୍ଚାୟତ ଅନ୍ତର୍ଗତ ମାହାଳ ଗ୍ରାମରେ ଏକ ସାଧାରଣ ଗୋଷ୍ଠୀକେନ୍ଦ୍ର ବା କମ୍ୟୁନିଟି ସେଣ୍ଟର ଗତ ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଛି। ଏହି କମ୍ୟୁନିଟି ସେଣ୍ଟରର ଶୁଭ ଉଦଘାଟନ ଅବସରରେ ଫାଉଣ୍ଡେସନର ସିଇଓ ପବିତ୍ର କୁମାର ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ପାରାଦ୍ୱୀପ କାର୍ଯ୍ୟାଳୟର ପ୍ରଶାସନିକ ମୁଖ୍ୟ ଧନଞ୍ଜୟ କୁମାର ସିହ୍ନା ଉପସ୍ଥିତ ଥିଲେ। ଏହି ସେଣ୍ଟରରେ ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ସଭା ସମିତି, ଆଲୋଚନା ଚକ୍ର, ବୈଠକ, ସ୍ୱୟଂ ସହାୟିକା ମହିଳାମାନଙ୍କ ଗୋଷ୍ଠୀଗତ ଆଲୋଚନା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଭଳି ବହୁ କାର୍ଯ୍ୟକ୍ରମ ସୂଚାରୁ ରୂପେ ହୋଇପାରିବା ଭଳି ସ୍ଥାନ ରହିଛି। ଏହି କମ୍ୟୁନିଟି ସେଣ୍ଟରଟି ୧୩୭୮ ବର୍ଗ ଫୁଟ ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯାଇଛି ଯାହା କମ୍ପାନୀର ବିଭିନ୍ନ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ



ଗୁରୁତ୍ୱ ଦିଆଯିବା ଲକ୍ଷ୍ୟକୁ ସୂଚିତ କରୁଛି। ଏହି ଅବସରରେ ଜେଏସଡବ୍ଲୁ ସିଏସଆରର ଓଡ଼ିଶା ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ, ସ୍ଥାନୀୟ ପାରାଦ୍ୱୀପ କାର୍ଯ୍ୟାଳୟର ମୁଖ୍ୟ ଅଭିଜିତ ମହାନ୍ତିଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିହିଲେ। ଦୀର୍ଘଦିନ ଧରି ଏହି ଗାଁ'ଟି ଅନେକ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ହୋଇଆସୁଥିବା ବେଳେ ଏହି ଗାଁ'ରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ଲାଗି ସ୍ଥାନୀୟ ଗ୍ରାମବାସୀମାନେ ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ସ୍ଥାନ ନିରୂପଣ କରାଯାଇଥିଲା। ଏଭଳି ଜନହିତକର କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର ମା' ରାମଚଣ୍ଡୀ ଗ୍ରାମ୍ୟ ସୁରକ୍ଷା ସମିତିର ସମ୍ପାଦକ ଭ୍ରମରବର ସେଠୀ ଜେଏସଡବ୍ଲୁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସ୍ଥାନୀୟ ଲୋକଙ୍କ ଏଭଳି ସହଯୋଗ ରହିଲେ ଆଗାମୀ ଦିନରେ ତିନି ପଞ୍ଚାୟତରେ ଅନେକ କିଛି ଉନ୍ନୟନ ମୂଳକ କାର୍ଯ୍ୟ କରିଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଡିଏଲଆରଙ୍କ ବୋନସ ବୃଦ୍ଧି ପାଇଁ ବନ୍ଦର ଅଧକ୍ଷଙ୍କୁ କୃତଜ୍ଞତା




ପାରାଦୀପ, (ଭାସ୍କର ନ୍ୟୁଜ): ଗତ ୪/୯ / ୨୦୨୪ ରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱ୍ୱାର୍କମେନ ଆସୋସିଏସନର ସଦସ୍ୟମାନେ ପ୍ରକାଶ ତ୍ରିପାଠୀଙ୍କୁ ସଭାପତି ଭାବେ ନିର୍ବାଚିତ କରିବା ପରେ ପ୍ରକାଶ ପ୍ରଥମେ ଡିଏଲଆରମାନଙ୍କୁ ବୋନସ ଦେବାକୁ ୧/୧୦/ ୨୦୨୪ରେ ପାରାଦୀପ ବନ୍ଦର ଅଧକ୍ଷଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ ଏବଂ ଅଧକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏଥିପାଇଁ ୧୪/୨/୨୫ ତାରିଖ ଦିନ ଡିଏଲଆର ସଦସ୍ୟମାନଙ୍କୁ ଏକ ଶୋଭାଯାତ୍ରାରେ ନେଇ ବନ୍ଦର ପ୍ରଶାସନିକ ଭବନ ଆଗରେ ଏକ ବିକ୍ଷୋଭ ଓ ସଭା କରି ବୋନସ ଦାବୀକୁ ଜୋରଦାର କରାଯାଇଥିଲା। ତେବେ ବୁଧବାର ଦିନ ବନ୍ଦର ଟ୍ରଷ୍ଟ ବୋର୍ଡ ମିଟିଂରେ ଆଲୋଚନା କରାଯାଇ ଡିଏଲଆରଙ୍କ ବୋନସ ବୃଦ୍ଧି ମଞ୍ଜୁରୀ କରାଯାଇଥିବାରୁ ଡିଏଲଆର ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ପରେଶ ମୁର୍ମୁ, ସୁବ୍ରତ ପ୍ରଧାନ ଏବଂ ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଏହି ସଫଳତାର ସମସ୍ତ ଶ୍ରେୟ ଡିଏଲଆର ଭାଇମାନଙ୍କ ଏକତା ପାଇଁ ସମ୍ଭବ ହୋଇପାରିଛି ବୋଲି ସଭାପତି ପ୍ରକାଶ ତ୍ରିପାଠୀ କହିବା ସହିତ ଆଗାମୀ ଦିନରେ ପାରାଦୀପର ଶ୍ରମିକମାନେ ଏକତା ରଖିଲେ ସଫଳତା ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

## ବାଲି ବୋଝେଇ ହାଇୱା ଜବତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ବୁଧବାର ଏକ ହାଇୱା ବେଆଇନ୍ ଭାବେ ବାଲି ଓଭର ଲୋଡ଼ିଂ କରି ଯାଉଥିବା ବେଳେ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ୍ ନିକଟରେ ଖଣି ବିଭାଗ ହାଇୱାକୁ ଜବତ କରି ପୋଲିସ ଜିମା ଦେଇଥିବା ବେଳେ ପୋଲିସ ଏହି ଘଟଣାରେ ମାମଲା ରୁଜୁ କରିଅଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ଚାଲିଛି, ଯାହାକୁ ନେଇ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ପୂର୍ବରୁ ନିମାପଡ଼ା ଥାନା ପୋଲିସ ୬ଟି ହାଇୱାକୁ ଜବତ କରି ମାମଲା କରିଥିବା ବେଳେ ପୁନର୍ବାର ବାଲି ଚାଲାଣ ହେଉଥିବା ଖବର ପାଇ ପୁରୀ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର କୁମାର ମିଶ୍ର ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ୍ ନିକଟରୁ ଏକ ହାଇୱାକୁ ଧରି ପୋଲିସ ଜିମା ଦେବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ବାଲି ବୋଝେଇ ହାଇୱାକୁ ସିଜ୍ କରିଛି।

## ଓଡ଼ିଆ ପକ୍ଷ ଅବସରରେ 'ଆସ ବହିଟିଏ କିଣିବା' ଦିବସ ପାଳିତ



ଭୁବନ, (ଭାସ୍କର ନ୍ୟୁଜ): ଅପ୍ରେଲ ୧ ତାରିଖ ଠାରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ଉତ୍ସାହ ଉଦ୍ଦୀପନାର ସହ ପ୍ରଥମ ଥର ପାଇଁ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି। ଏହି ଅବସରରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ 'ଆସ ବହିଟିଏ କିଣିବା' ଦିବସ ପାଳିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଓ ଯୁକ୍ତ ତିନି ଅଧକ୍ଷ ଦିଲ୍ଲୀପ କୁମାର ଦାସ, ଯୁକ୍ତ ଦୁଇ ଅଧକ୍ଷା ସୁପ୍ରିମୟି ସେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହିତ ବହି କିଣିବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ମଧ 'ଆସ ବହିଟିଏ କିଣିବା' ଦିବସ ପାଳିତ ହୋଇଯାଇଛି। ଉଭୟ ମହାବିଦ୍ୟାଳୟରେ ୨୫ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ପର୍ଯ୍ୟବେସିତ ବହି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଉନସିଲର,ଏନ୍‌ଏସି କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ରାଧାକାନ୍ତ ମଠର ଉନ୍ନତି କରଣ ପାଇଁ ଶିଳାନ୍ୟାସ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ ଡ଼ିମିରି ପଂଚାୟତରେ ଥିବା ବହୁ ପୁରାତନ ରାଧାକାନ୍ତ ମଠର ଚତୁର୍ପାଶ୍ୱର ଉନ୍ନତିକରଣ ନିମନ୍ତେ ନିଆଳି ବିଧାୟକ ଛବି ମଳିକ ୯ତାରିଖ ବୁଧବାର ଦିନ ଶିଳାନ୍ୟାସ କରିଛନ୍ତି। ଦୀର୍ଘବର୍ଷ ହେବ ଉକ୍ତ ମଠଟି ଅବହେଳିତ ଅବସ୍ଥାରେ ପଡ଼ିଥିବା ବେଳେ ଡ଼ିମିରି ସରପଞ୍ଚ ଅଭିଷେକ ମହାପାତ୍ର ବିଧାୟକ ଛବି ମଳିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ତତ୍କାଳୀନ ମଠର ଉନ୍ନତି କରଣ ନିମନ୍ତେ ପାଖାପାଖି ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରି ଶିଳାନ୍ୟାସ କରିଛନ୍ତି। ସରପଞ୍ଚଙ୍କ ଉଦ୍ୟମ ଓ ବିଧାୟକଙ୍କ ତତ୍କାଳୀନ ସହାୟତାକୁ ନେଇ ଅଞ୍ଚଳବାସୀ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭଜନ ସଂକୀର୍ତ୍ତନ ମଠରେ କରାଯାଇଥିଲା। ଏମ ବି କେ ଓ ଏସ ଓ ଜି ମହିଳାମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡା ବିଡ଼ିଓ ସ୍ୱପ୍ନିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ଯନ୍ତ୍ରୀ ପ୍ରିୟଦର୍ଶିନୀ କୁଣ୍ଡୁ, କସ୍ତୁରୀ ଚରଣ ପାଢ଼ୀ, ଅଭିଜିତ ମହାପାତ୍ର ଙ୍କ ସମେତ ଗ୍ରାମର ବହୁ ଲୋକମାନେ ଉପସ୍ଥିତ ରହିଥିଲେ।

## ନୂତନ ଅଧିକାରୀଙ୍କ ଯୋଗଦାନ

ଭାପୁର, (ଭାସ୍କର ନ୍ୟୁଜ): ଭାପୁର ବ୍ଲକ ବଜାର ଉପକଣ୍ଠରେ ଥିବା ବିଟ ହାଉସରେ ନୂତନ ଅଧିକାରୀ ଯୋଗଦାନ କରିଛନ୍ତି। ଏଠାରେ ଥିବା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କର ଚାନ୍ଦପୁର ଥାନାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଶୁଶାନ୍ତ ବେହେରା ଭାପୁର ବିଟ ହାଉସର ଦାୟିତ୍ୱ ଗ୍ରହଣ କରିଛନ୍ତି। ବେହେରା ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଭାପୁର ପେଷାଦାର ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ତାଙ୍କୁ



ସ୍ୱାଗତ ଜଣାଇଛନ୍ତି। ଏଥିସହ ସେ ଯେପରି ନିର୍ଭୀକ ଭାବେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବେ ପରାମର୍ଶ ଦେବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମହିଳା ଉଦ୍ୟୋଗୀଙ୍କ ମନୋବଳ ବୃଦ୍ଧି କରିବ ବେଦାନ୍ତର 'ପରିଚୟ'



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଭାରତର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ମହିଳା ସଶକ୍ତିକରଣ ଏବଂ କାଳାହାଣ୍ଡିର ସମୃଦ୍ଧ ସାଂସ୍କୃତିକ ଚିତ୍ରକଳାର ଏକ ଜୀବନ୍ତ ଉତ୍ସବ 'ପରିଚୟ' ଆୟୋଜନ କରିଥିଲା। ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କ ଉଦ୍ୟମିତା ମନୋଭାବକୁ ପାଳନ କରୁଥିବା ଏହି କାର୍ଯ୍ୟକ୍ରମରେ ୬୦ଟି ଗାଁ'ରୁ ୨୦୦୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ମହିଳା ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ମାସେ ବ୍ୟାପୀ ଉତ୍ସବର ଭବ୍ୟ ପରିସମାପ୍ତି ଥିଲା 'ପରିଚୟ'। ମାସ ସାରା, ବେଦାନ୍ତ ଲାଞ୍ଜିଗଡ଼ କଳାହାଣ୍ଡିର ସୁଦୂର କୋଣ ଅନୁକୋଣରୁ ମହିଳାମାନଙ୍କୁ କୌତୁକିଆ ଖେଳ ଏବଂ ଗୋଷ୍ଠୀ ଗଠନ କାର୍ଯ୍ୟକଳାପ ମାଧ୍ୟମରେ ଯୋଡ଼ିଥାଏ ଯାହା ବନ୍ଧୁତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପରିକଳ୍ପନା କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ, 'ସମାବେଶୀ ବିକାଶର କେନ୍ଦ୍ରରେ ରହିଛନ୍ତି ମହିଳା। ଆମର ମହିଳା ସଶକ୍ତିକରଣ ପ୍ରକଳ୍ପ-ସଖୀ ମାଧ୍ୟମରେ, ଆମେ ସମଗ୍ର କଳାହାଣ୍ଡିରେ ୫୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରି, ସ୍ଥାନୀୟ ଉଦ୍ୟୋଗକୁ ସହାୟତା କରି ଏବଂ ସାମାଜିକ ତଥା ଆର୍ଥିକ ସ୍ୱାଧୀନତାକୁ ସକ୍ଷମ କରି ଗର୍ବିତ। 'ପରିଚୟ' ହେଉଛି ସେମାନଙ୍କ ଉତ୍ସାହ ଏବଂ ସଫଳତା କାହାଣୀର ଏକ ଉତ୍ସବ।

## ପାରାଦୀପରେ ଦ୍ୱିତୀୟ ପର୍ଯ୍ୟାୟ ଆପାତକାଳୀନ ଅଭ୍ୟାସ କୌଶଳ





ପାରାଦୀପ, (ଭାସ୍କର ନ୍ୟୁଜ): ଆଇଓସିଏଲ୍ ପାରାଦୀପ ତୈଳ ବିଶୋଧନାଗାରରେ ମଙ୍ଗଳବାର ଦିନ ଏକ ଦ୍ୱିତୀୟ ପର୍ଯ୍ୟାୟ ଅପାତକାଳୀନ ଅଭ୍ୟାସ କୌଶଳ ବା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଯେଉଁଥିରେ ବିଶୋଧନାଗାର ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପରୀକ୍ଷଣ କରିଥିଲା। ଜରୁରୀକାଳୀନ ପରିସ୍ଥିତି ଓ ପ୍ରସ୍ତୁତି ଯୋଜନା ଅନୁଯାୟୀ ଏହି ଡ୍ରିଲ କରାଯାଇଥିଲା। ଏହି ଅଭ୍ୟାସରେ ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ଏକ ଟ୍ୟାଙ୍କର ପୃଷ୍ଠରେ ବଜ୍ରପାତ ଘଟି ସମ୍ପୂର୍ଣ୍ଣ ଟ୍ୟାଙ୍କ ପୃଷ୍ଠରେ ନିଆଁ ଲାଗିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍‌ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ କରାଯାଇଥିଲା ଯାହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ। ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର ମୁଖ୍ୟ ମହାପ୍ରବନ୍ଧକ (ଇଏସ୍, ଇନସ୍ପେକସନ୍, ଏମ୍‌ଆଣ୍ଡ୍‌ସି), ତ୍ରିନାଥ ସାହୁଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା।

## ନିମାପଡ଼ା ଅଞ୍ଚଳରେ ବେଆଇନ୍ ଇଟାଭାଟି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ତହସିଲ ଅଂଚଳରେ ବ୍ୟାପକ ମାତ୍ରାରେ ହଜାର ହଜାର ସଂଖ୍ୟକ ଇଟା ଭାଟି ଗଢ଼ି ଉଠୁଥିବା ବେଳେ ତହସିଲଦାର ପଦକ୍ଷେପ ନେବାରେ ବିଳମ୍ବ କାରଣରୁ ଇଟା ମାଣ୍ଡିଆମାନେ



ଗୋଟିକ ପରେ ଗୋଟିଏ ଇଟା ଭାଟି କରି ବିକ୍ରି କରୁଛନ୍ତି। ଇଟା ବ୍ୟବସାୟ ନିମାପଡ଼ା ଅଂଚଳରେ କୁଟୀର ଶୀଳ୍ପ ପାଲଟିଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ତାତିର ପ୍ରକୋପ ବଢ଼ିଥିବା ବେଳେ ଇଟାଭାଟିର କୋଇଲା ଧୂଆଁରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। କଳାପାଂଚଣ ଠାରୁ ଆରମ୍ଭ କରି ପ୍ରତ୍ୟେକ ପଂଚାୟତରେ ଇଟା ଭାଟି ଗଢ଼ି ଉଠିଛି। ଏହି ବେଆଇନ୍ ଇଟା ଭାଟି ଉପରେ କୌଣସି ପଦକ୍ଷେପ ନିଆଯାଉ ନଥିବା ବେଳେ ରାଜସ୍ୱ ନିରୀକ୍ଷକମାନେ ପଦକ୍ଷେପ ନେଉ ନାହାନ୍ତି। ଯାହାଦ୍ୱାରା ଇଟା ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ସହିତ ଭିତିରି ବୁଝାମଣା ହୋଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ କଳାପାଂଚଣ ପଂଚାୟତରେ ବ୍ୟାପକ ମାତ୍ରାରେ ଇଟା ଭାଟି ଗଢ଼ିଉଠିଛି। କେତେଜଣ ବ୍ୟକ୍ତି ନିୟମିତ ଭାବେ ଇଟା ପକାଇ ବ୍ୟବସାୟ ଚଳାଇଛନ୍ତି। କଳାପାଂଚଣ ସମେତ ପ୍ରତ୍ୟେକ ରାଜସ୍ୱ ସର୍କଲ ଅଂଚଳରେ ଇଟା ଭାଟି ଗଢ଼ିଉଠିଛି। ବଳଙ୍ଗା ଠାରୁ ଆରମ୍ଭ କରି ଅରିଷଣ୍ଡ ପର୍ଯ୍ୟନ୍ତ ବେଆଇନ ଇଟା ଭାଟି ଥିବା ବେଳେ ରାଜସ୍ୱ ନିରୀକ୍ଷକମାନେ ପରିଦର୍ଶନକୁ ଯାଉନାହାନ୍ତି। କେତେଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ବେଆଇନ୍ ଇଟା ଭାଟି ଚଳାଉଥିବା ବ୍ୟକ୍ତିଙ୍କ ଘରକୁ ଯାଇ ଥଣ୍ଡା ପାନୀୟ ସେବନ କରି ହାତ ଚିକ୍କଣ କରୁଥିବା ଶୁଣିବାକୁ ମିଳୁଛି। ଯାହାଦ୍ୱାରା ସରକାରଙ୍କ ଆଇନ ବାଟବଣା ହେବାରେ ଲାଗିଛି। ଏହି ଇଟା ଭାଟି ଉପରେ ରାଜସ୍ୱ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିବା ବେଳେ ନିମାପଡ଼ା ଅଂଚଳରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

## ଅତିରିକ୍ତ ଏସପିଙ୍କ ନାମରେ ଲାଞ୍ଚ ଅଭିଯୋଗ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ତିର୍ତ୍ତୋଲ ଥାନାରେ ହୋଇଥିବା କେସ ରଫାଦଫା କରିଦେବା ପାଇଁ ଜଣେ ସାମ୍ବାଦିକ ଅତିରିକ୍ତ ଏସପିଙ୍କ ନାମରେ ଲାଞ୍ଚ ଓ ଉପହାର ସାମଗ୍ରୀ ଆଦାୟ କରିବା ପ୍ରସଙ୍ଗରେ ଅଭିଯୋଗ ହୋଇଛି। ତିର୍ତ୍ତୋଲ ଥାନା ଅଧିନ ରସଲପୁର ଗ୍ରାମର ଇଦ୍ରୀସ ଖାଁ ଙ୍କ ସ୍ତ୍ରୀ ତେହେରା ଖାତୁନ ଗତ ଅପ୍ରେଲ ୬ ତାରିଖରେ ତିର୍ତ୍ତୋଲ ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ଥାନା କର୍ତ୍ତୃପକ୍ଷ କେସ ପଞ୍ଜିକୃତ କରିଛନ୍ତି। ଏତଲାରେ ଉଲ୍ଲେଖ ଅଛି ଯେ ଅଭିଯୋଗକାରୀ ତେହେରା ଖାତୁନଙ୍କ ପୁଅ, ବୋହୂ ଓ ପିଲାମାନେ ବାହାରିନରେ ରହୁଛନ୍ତି। ମାତ୍ର ପୁଅ ନାମରେ ତିର୍ତ୍ତୋଲ ଥାନାରେ ଦୁଇଟି ମିଥ୍ୟା କେସ ରହିଛି। ଉକ୍ତ ମିଥ୍ୟା କେସକୁ ରଫାଦଫା କରିବା ପାଇଁ ସାମ୍ବାଦିକ ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଏସପି ସତ୍ୟ ଦାସଙ୍କ ସହାୟତାରେ ସଫଳ ହେବାର ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ସାମ୍ବାଦିକ ନନ୍ଦ ପୁଅ ସହିତ ଯୋଗାଯୋଗ କରି ତେହେରା ଖାତୁନ ଠାରୁ ଗତ ୩୦ ଡିସେମ୍ବର ୨୦୨୪ରେ ୩୦ ହଜାର ଟଙ୍କା ନେଇଥିଲେ। ନାରାୟଣ ପ୍ରସାଦ ନନ୍ଦଙ୍କ ସହିତ ତାଙ୍କ ସ୍ତ୍ରୀ ୪ ଜଣ ଲୋକଙ୍କ ଉପସ୍ଥିତରେ ଟଙ୍କା ନେଇଥିଲେ। ଏପରିକି ତାଙ୍କ ପୁଅ ମଧ ବାହାରିବାରୁ ଅତିରିକ୍ତ ଏସପି ଓ ସାମ୍ବାଦିକଙ୍କ ପାଇଁ ବାହାରିନରୁ ପଠାଇଥିବା ଉପହାର ସାମଗ୍ରୀ ତାଙ୍କ ସମ୍ପର୍କୀୟଙ୍କ ଠାରୁ ୧୫.୨.୨୫ରେ ଗ୍ରହଣ କରି ହ୍ୱାଟ୍ସଆପରେ ଜଣାଇଥିଲେ। ପରେ ପରେ ତେହେରା ଖାତୁନଙ୍କୁ ନେଇ ଅତିରିକ୍ତ ଏସପିଙ୍କୁ ସାକ୍ଷାତ କରାଇ ପୁନଃ ତଦନ୍ତ ପାଇଁ ଏସପିଙ୍କୁ ଆବେଦନ ମଧ କରିଥିଲେ। ମାତ୍ର ଏସପି ଏଥିରେ ବିରକ୍ତ ହୋଇଥିଲେ। ମାତ୍ର ସାମ୍ବାଦିକ ନାରାୟଣ ପ୍ରସାଦ ନନ୍ଦ ଉକ୍ତ କେସର ସମସ୍ତ ତଦନ୍ତ ରିପୋର୍ଟ ତେହେରା ଖାତୁନଙ୍କ ପୁଅ ପାଖକୁ ଯୋଗାଡ଼ କରି ପଠାଇଥିଲେ। ତଦନ୍ତ ରିପୋର୍ଟରେ ଅତିରିକ୍ତ ଏସପି ଠିକ ରିପୋର୍ଟ କରି ନଥିବାରୁ ଉଭୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଉକ୍ତ ସାମ୍ବାଦିକ ସେମାନଙ୍କୁ ଜୀବନରୁ ମାରିଦେବାର ଧମକ ଦେବା ସହିତ ଉପହାର ଓ ଟଙ୍କା ନେବା ଘଟଣାକୁ ଅସ୍ୱୀକାର କରୁଛନ୍ତି। ମାତ୍ର ଉକ୍ତ ମହିଳା ତାଙ୍କ ପାଖରେ ସମସ୍ତ ଭଏସ ରେକଡ଼ିଂ ଓ ଅନ୍ୟାନ୍ୟ ତଥ୍ୟ ଥିବାର ଦାବି କରିବା ସହିତ ଏସପି, ଆଇଜି ଓ ଡିଜିଙ୍କୁ ମଧ ଅଭିଯୋଗ କରିଛନ୍ତି। ତେବେ ଅତିରିକ୍ତ ଏସପିଙ୍କ ନାମରେ ଲାଞ୍ଚ ମାଗିବାର ପ୍ରସଙ୍ଗ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ୨ କୋଟି ଖର୍ଚ୍ଚ ପରେ ବି ଶେଷ ହୋଇପାରିଲାନି ରାସ୍ତା କାମ

ଗୋପ, (ଭାସ୍କର ନ୍ୟୁଜ): ଗୋପ ଜଳସମ୍ପଦ ବିଭାଗର ପକ୍ଷରୁ ୪ଥର ଟେଣ୍ଡର, ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ପରେ ବି ଶେଷ ହୋଇପାରିଲାନି ପ୍ରାୟ ୫କିମି ମେଣ୍ଟାଲ ମୋରମ ରାସ୍ତା। ଗୋଟିଏ ପଟେ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବା ବେଳେ ଅନ୍ୟପଟେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ମାତ୍ର ବାରମ୍ବାର ଅଭିଯୋଗକଲେ ବି ବିଭାଗୀୟ ଅଧିକାରୀମାନଙ୍କ ନିଦ ଭାଙ୍ଗୁ ନଥିବା ସାଧାରଣରେ ଆଲୋଚନା ହେଉଛି। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧିନ କୁଶଭଦ୍ରା ନଦୀ ଡାହାଣ ପାର୍ଶ୍ୱ ବନ୍ଧର ଷୋଳପୁର ଠାରୁ ମାଟିଆଖୋଳ ପର୍ଯ୍ୟନ୍ତ ହେଉଥିବା ମେଣ୍ଟାଲ ମୋରମ ରାସ୍ତାରେ। ଯାହାକି ଏବେ ଜଳସମ୍ପଦ ବିଭାଗର ଲେଉଟିଆ କିଆରି ପାଲଟିଛି। ଗୋପ ମାଟିଆଖୋଳ ଠାରୁ ସିଧାସଳଖ ମା ଅଡେଙ୍ଗେଇଙ୍କ ପୀଠ ଦେଇ ଗୋପ-ବାଲିଘାଇ ରାସ୍ତାର ଷୋଳପୁର ଠାରେ ବାହାରିବାକୁ ଥିବା ଏହି ବନ୍ଧର ସଦୃଢୀକରଣ ନାମରେ କୋଟି ଟଙ୍କା ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହେଉଛି। ମାତ୍ର ନୂଆ ମାଟି ପକାଇବା ପରିବର୍ତ୍ତେ ବନ୍ଧର ଉଭୟ ପାର୍ଶ୍ୱରୁ ମାଟି ତାଡି ବନ୍ଧ ଉପରେ ପକାଉଥିବା ବେଳେ ଦୁର୍ନୀତିକୁ ଘଣ୍ଟ ଘୋଡାଇବାକୁ ଯାଇ ଗୋଟିଏ ରାସ୍ତାକୁ ବାରମ୍ବାର ଟେଣ୍ଡର କରି ଗୋପ ଜଳସମ୍ପଦ ବିଭାଗ କୋଟିକୋଟି ଟଙ୍କା ଅର୍ଥ ଆତ୍ମସାତ କରିବା ପଛରେ ରହସ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସରକାରୀ ଚୁକ୍ତି ଅନୁଯାୟୀ ଏହି କାର୍ଯ୍ୟ ହେଉନଥିବା ବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଏବଂ କାର୍ଯ୍ୟ ସମୟରେ ଦାୟତ୍ୱରେ ଥିବା ଅଧିକାରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଛି। ନିମ୍ନମାର ମେଣ୍ଟାଲ ମୋରମରେ ଏହି କାର୍ଯ୍ୟ ବାରମ୍ବାର ହେଉଥିବା ବେଳେ ସଠିକ ଭାବେ ରୋଲିଂ ନହେବା ଏବଂ ପାଣି ନପଡିବାରୁ କାର୍ଯ୍ୟର କିଛି ଦିନ ପରେ ଉକ୍ତ ରାସ୍ତାରେ ଘାସ ଉଠିଯାଉଥିବା ବେଳେ ବନ୍ଧରୁ ଅତଡା ଖସି ମୋରମ ଧୋଇ ହୋଇ ଖାଲଖମା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଅଭିଯୋଗ ପରେ ବି ନା ଏଥିପ୍ରତି ଦୃଷ୍ଟି ଦେଉଛନ୍ତି ଅଧିକ୍ଷଣଯନ୍ତ୍ରୀ ନା କୌଣସି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ। ଫଳରେ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କୁ ହାତ କରି ଠିକାଦାର ତାର ମନଇଚ୍ଛା କାର୍ଯ୍ୟ କରି ଛୁ ମାରୁଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି। ସେହିପରି ୩ ବର୍ଷ ମଧ୍ୟରେ ୪ଥର ଟେଣ୍ଡର ପରେ ବି ଉକ୍ତ କାର୍ଯ୍ୟ ଶେଷ ହେଉନଥିବା ଏବଂ ଉକ୍ତ ବନ୍ଧ ଉପରେ ବାରମ୍ବାର ଟେଣ୍ଡର ହେଉଥିବା ପଛରେ ରହସ୍ୟ କଣ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସରକାରଙ୍କ ନିୟମାନୁଯାୟୀ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେଲେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବ। ମାତ୍ର ଜଳସଂପଦ ବିଭାଗ ପକ୍ଷରୁ ଏହି ବନ୍ଧରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେଉଥିଲେ ମଧ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରି ଲୋକମାନଙ୍କୁ ଏହି କାର୍ଯ୍ୟ ଠାରୁ ଦୂରରେ ରଖିବା ଉଦ୍ଦେଶ୍ୟରେ ବିନା ସୁଚନା ଫଳକରେ କାର୍ଯ୍ୟ ଚାଲୁଛି। ହେଲେ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ବିନା ସୂଚନା ଫଳକରେ ହେଉଥିବା କାର୍ଯ୍ୟକୁ ନେଇ ଅଧିକ୍ଷଣଯନ୍ତ୍ରୀ ଇଂ ବୈକୁଣ୍ଠନାଥ ଦଳାଇ ଏବଂ ନିର୍ବାହୀଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି ସେମାନେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ସଚିବ, ମନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ତଦନ୍ତ କରିବା ସହ ଭିଜିଲାନ୍ସ ତଦନ୍ତ କରାଗଲେ କୋଟିକୋଟି ଟଙ୍କାର ଦୁର୍ନିତି ଫର୍ଦ୍ଦାଫାସ ହେବାସହ ଦୁର୍ନିତିଗ୍ରସ୍ତ ଅଧିକାରୀଙ୍କ ଅସଲମୁଖା ଖୋଲିବ ବୋଲି ସ୍ଥାନୀୟ ବାସିନ୍ଧା ଦାବି କରିଛନ୍ତି। ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଅଧିକ୍ଷଣଯନ୍ତ୍ରୀ ଇଂ ଦଳାଇଙ୍କୁ ଫୋନ କରିବାରେ ସେ ଫୋନ ଉଠାଇ ନଥିବା ବେଳେ ନିର୍ବାହୀଯନ୍ତ୍ରୀ ଇଂ ମହାନ୍ତି କହିଛନ୍ତି ଏହା ଉପରେ ଖୁବ୍ ଶିଘ୍ର ତଦନ୍ତ କରାଯିବ। ହେଲେ ଦେଖିବାକୁ ବାକି ରହିଲା କେବେ ହେଉଛି ତଦନ୍ତ ଆଉ କେବେ ହେଉଛି କାର୍ଯ୍ୟାନୁଷ୍ଠାନ।



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍ ) : ଲହୁଣୀପଡା ଥାନା ପକ୍ଷରୁ ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିର ରାଉରକେଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ହେବା ନେଇ ସୂଚନା ମିଳିଛି। ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝଙ୍କାରଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଲହୁଣୀପଡା ଥାନାର ସବ୍ ଇନ୍ସପେକ୍ଟରଙ୍କ ପ୍ରିୟବ୍ରତ ବେହେରା,ଏସ୍ଆଇ ରଶ୍ମି ରଞ୍ଜନ ପରିଜା, ପ୍ରଶାନ୍ତ କୁମାର ଜେନା, ହରିହର ପାଲଙ୍କ ସମେତ ଲହୁଣୀପଡା ଥାନାର ପୁରା ଟିମ୍, ରାଜା ମୁଣ୍ଡା ବୋଲବେମ ସେବା ସଂଘ ସହଯୋଗ କରି ସୂଚାରୁରୂପେ ତୁଲାଇବା ସହିତ ରକ୍ତଦାନ ଶିବିରକୁ ସଫଳ କରିଥିଲେ। ବଣାଇ ଡାକ୍ତରଖାନାରୁ ଡଃ ଅନିରୁଦ୍ଧ ବେହେରା, ସସ୍ମିତା ରାଣୀ ନାଗ, ଅରବିନ୍ଦ ସାହୁ, ନର୍ସ ତାରାବତି ମିଞ୍ଜ, ରମାକାନ୍ତ ପାତ୍ର ଇନ୍ଦ୍ରଜିତ ପ୍ରଧାନ, ଅଞ୍ଜନା ମାହାନ୍ତ, ପଦ୍ମିନୀ ମାହାନ୍ତ, ହେମନ୍ତ କୁମାର ସିଂ ଓ ସେକ ମୁଜାଫରଙ୍କ ସମେତ ତାଙ୍କ ପୁରା ଟିମ୍ ଆସି ଏହି ରକ୍ତଦାନ ଶିବିରରେ ଉପସ୍ଥିତ ରହି ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ଲହୁଣୀପଡା, ବଣାଇ, ରାଜା ମୁଣ୍ଡା ଓ କଳେଇପୋଷ ଟିପର ମାଲିକ ସଂଘର ତଥା ବଣାଇ ମିଳିତ ଟିପର କୋର କମିଟିର ସଦସ୍ୟ, ଲହୁଣୀପଡା ଅଞ୍ଚଳର ସାମ୍ବାଦିକ ଭାଇ ଓ ପୋଲିସ ବିଭାଗ ସଦସ୍ୟ ମାନେ ଯୋଗ ଦେବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାପଡ଼ିଛି।

## ଭଉଣୀ, ଭିଣୋଇଙ୍କ ମହତ ପଦକ୍ଷେପ

# ଦୁର୍ଘଟଣାରେ ମୃତ ଭାଇଙ୍କ ଅଙ୍ଗଦାନ କରି ୭ଜଣଙ୍କୁ ଦେଲେ ନୂଆ ଜୀବନ

କୋରାପୁଟ, (ଭାସ୍କର ନ୍ୟୁଜ) : ସଡ଼କ ଦୁର୍ଘଟଣାରେ ଚାଲିଗଲା ଜୀବନ। ସତ ଚେଷ୍ଟା କରି ଜୀବନ ବଞ୍ଚାଇ ପାରିଲେନି ପରିବାର ଲୋକ। ଶେଷରେ ଅଙ୍ଗଦାନ କରି ମୃତ ଆଶିଷଙ୍କୁ ଅମର କରିଛନ୍ତି ପରିବାର, ଯାହା ୭ଜଣଙ୍କୁ ନୂଆ ଜୀବନ ଦେଇଛି। ସୁନାବେଡା ଡିପି କ୍ୟାମ୍ପରେ ଆଶିଷ କୁମାର ଛୁଆଳସିଂ । ବାପା, ମାଆ ଛେଉଣ୍ଡ ଆଶିଷ ଭଉଣୀ ସସ୍ମିତା ଓ ଭିଣୋଇ ଅମିତ ପ୍ରଧାନଙ୍କ ପାଖରେ ରହି ଆସୁଥିଲେ। ଆଇଟିଆଇ ଫିଟର୍ ପଢା ଶେଷ କରିବା ପରେ 'ହାଲ' ରେ ଆପ୍ରେଣ୍ଟିସିପ୍ କରୁଥିଲେ । ଏପ୍ରିଲ ୧ତାରିଖ ସକାଳେ ପ୍ରାୟ ୭ଟାରେ ସୁନାବେଡା ବି ଜୋନ ଗୋଲେଇ ଛକ ନିକଟରେ ଗୋଟିଏ କାର ସହ ଆଶିଷଙ୍କ ବାଇକ୍ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଆଶିଷ ଗୁରୁତର ଆହାତ ହୋଇଥିଲେ । ପ୍ରଥମେ ତାଙ୍କୁ ହାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲ ଏବଂ ପରେ ସେଠାରୁ ବିଶାଖାପଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ୫ତାରିଖ ବିଳମ୍ବିତ ରାତିରେ ଆଶିଷଙ୍କ ମୃତ୍ୟୁ ହୋଇଥିଲା। ଆଶିଷଙ୍କୁ ଚିକିତ୍ସା କରୁଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଅଙ୍ଗଦାନ କରିବାକୁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଚେନ୍ନାଇ, ବେଙ୍ଗାଲୁରୁ,



ବିଶାଖାପାଟଣା ସମେତ ଅନ୍ୟ ରାଜ୍ୟର ୭ରୋଗୀଙ୍କୁ ଅଙ୍ଗଦାନ କରିବାକୁ ସହମତି ପ୍ରକାଶ କରିଥିଲେ ଭଉଣୀ ସସ୍ମିତା ଓ ଭିଣୋଇ ଅମିତ। ଏହାପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଆଶିଷଙ୍କ ହୃତପିଣ୍ଡ, ବୃକକ, ଯକୃତ, ଫୁସ୍‌ଫୁସ୍ ଓ ଅଗ୍ନାଶୟ ଭଳି ଅଙ୍ଗକୁ ବାହାର କରି ୭ଗୁରୁତର ରୋଗୀଙ୍କୁ ପ୍ରଦାନ କରିଥିଲେ । ଯାହା ସେମାନଙ୍କୁ ନୂଆ ଜୀବନ ଦେଇଛି । ମୃତ ଆଶିଷଙ୍କ ଭଉଣୀ ଓ ଭିଣୋଇଙ୍କ ଏପରି ମହତ ପଦକ୍ଷେପକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା ସୁଅ ଛୁଟୁଛି । ପୁରୀ ସ୍ୱର୍ଗଦ୍ୱାରରେ ଆଶିଷଙ୍କ ଶେଷକୃତ ସଂପନ୍ନ ହୋଇଛି। ସୂଚନା ଯୋଗ୍ୟ ଯେ ମୃତ ଆଶିଷଙ୍କ ବାପା ପ୍ରସନ୍ନ ଛୁଆଳ ସିଂ ୨୦୨୧ରେ କରୋନାରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲି ଯାଇଥିଲେ । ସେହିପରି ୨୦୨୪ରେ ମାଆଙ୍କ ମୃତ୍ୟୁ ହୋଇଥିଲା। ବାପା, ମାଆ ପରେ ଭାଇ ଆଶିଷଙ୍କୁ ହରାଇ ଭଉଣୀ ସସ୍ମିତା ଓ ଭିଣୋଇ ଅମିତ ଭାଙ୍ଗି ପଡିଛନ୍ତି।

# ସମାଜ ସେବୀ ବିନୟ ଜେନାଙ୍କ ଜନ୍ମ ଜୟନ୍ତୀ ପାଳିତ

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ମର୍ଣ୍ଣିଙ୍ଗ ମିଟ ପକ୍ଷରୁ ଅନୁଷ୍ଠାନର ସଭାପତି ସମାଜ ସେବୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସଦସ୍ୟ ସମାଜସେବୀ ବିନୟ ଜେନାଙ୍କ ଜନ୍ମ ଜୟନ୍ତୀ ଫୁଲନଖରାଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜ ସେବୀ ସ୍ୱାଧୀନଚେତା ମହାନ୍ତି, ସୁଧୀର ପଟ୍ଟନାୟକ, ଟିଟନ ସାହୁ, ମୁକ୍ତିକାନ୍ତ ମହାପାତ୍ର, ନୀଳାମ୍ବର ସାହୁ, ଦୁର୍ଲଭ ଜେନା, ଟୁନା ଜେନା, ଯୁଗଳ କିଶୋର ସାହୁ, ଗଗନ ପାଢୀ, ଅମୂଲ୍ୟ



ବାରିକ, ହେମନ୍ତ ସାହୁ, ଅନୀଲ ମହାନ୍ତି, କରିମ୍ ସାହା, ପ୍ରଦୀପ୍ତ କୁମାର ଦାସ, ପ୍ରଣବ କୁମାର ଦାସ, ଗିରିଶ ବାରିକ ପ୍ରମୁଖ ଯୋଗ ଦେଇ ବିନୟ ଜେନାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଗଠନର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

## ପୋଷ୍ଟ ମାଷ୍ଟରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର କସନ୍ଦି ଶାଖା ଡାକଘରେ କାର୍ଯ୍ୟରତ ପୋଷ୍ଟ ମାଷ୍ଟର ପୀୟୁଷ ମିଶ୍ରଙ୍କ ଝୁଲନ୍ତା ମୃତଦେହ ବାଲଡାସ୍ଥିତ ଭଡାଘରେ ଉଦ୍ଧାର ହୋଇଛି। ମୃତ ମିଶ୍ରଙ୍କ ଘର କେଉଁଝର ଜିଲ୍ଲା ଚମ୍ପୁଆ ଥାନା ଅଞ୍ଚଳର ବୋଲି ଜଣାପଡିଛି । ପରିବାର ଲୋକ ପହଞ୍ଚିବା ପରେ ପୋଲିସ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛି । ତଦନ୍ତ ପରେ ପୋଷ୍ଟ ମାଷ୍ଟରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ସୂଚନା ଅନୁଯାୟୀ, ପୀୟୁଷ ମିଶ୍ର କସନ୍ଦି ଶାଖା ଡାକ ଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିଲେ । ସେ ବାଲଡାରେ ଏକ ଘର ଭଡା ନେଇ ରହୁଥିଲେ। ତେବେ ଗତ ଦୁଇ ଦିନ ହେଲା ସେ କଲ୍ ରିସିଭ ନକରିବା ସହିତ ଘରର କବାଟ ନଖୋଲିବାରୁ ସନ୍ଦେହରେ ଘର ମାଲିକ ଘର ଝରକା ଫାଙ୍କ ପଟେ ଦେଖିବାରୁ ଭିତରେ ପୋଷ୍ଟ ମାଷ୍ଟର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ଘର ମାଲିକଙ୍କ ଠାରୁ ଖବର ପାଇ ପାଡୁଆ ଥାନା ଏସଆଇ ଦୀପକ ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତ ପୋଷ୍ଟ ମାଷ୍ଟରଙ୍କ ପରିବାର ପହଞ୍ଚିବା ପରେ କବାଟ ଖୋଲାଯାଇ ମୃତଦେହ ଉଦ୍ଧାର କରାଯାଇଥିବା ଏସ୍ଆଇ ଶ୍ରୀ ବାରିକ କହିଛନ୍ତି ।

# ମୁଖ୍ୟମନ୍ତ୍ରୀ ଚାମ୍ପିଅନ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଚାମ୍ପିଅନ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ତହସିଲଦାର ସୟଦ ସବୀର ସାହା, ଡେପୁଟି କଲେକ୍ଟର ସୌରଞ୍ଜିତା ମାଝି, ଧରଣୀଧର ବେହେରା, ଜ୍ୟୋତି ପ୍ରକାଶ ସେଠୀ ଯୋଗ ଦେଇଥିଲେ । କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୋଟପାଡ ଦଳ ଜୟପୁର ଦଳକୁ ୬-୦ ଗୋଲରେ ପରାସ୍ତ କରିଥିଲେ। କୋଟପାଡ ଦଳର ରିଙ୍କୁ ବଡସେନ ୪ଟି , ପଙ୍କଜ ଅମନାତ୍ୟ ଓ ଲକିନାଥ ପୂଜାରି ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଜିଲ୍ଲା କ୍ରୀଡା ଅଧିକାରୀ ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାମସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୭୧ତମ ବାର୍ଷିକ ଉତ୍ସବ

ଝରିଗାଁ, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅନ୍ତର୍ଗତ ରାମସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୭୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଲିଆ ସରପଞ୍ଚ ରାଧା ସାନ୍ତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ମଦନାଦେଇ ଗୌଡ଼, ସ୍କୁଲ ସଭାପତି ସୁରେନ୍ଦ୍ର ଦୁର୍ଗା, ୱାର୍ଡ ସଭ୍ୟ ଧନେର ପୂଜାରୀ, ଆଲୁମନାଇଁ ସଭାପତି ମନୁରାମ ମାଝୀ, ରାଜେନ୍ଦ୍ର ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ନେତମ, ସହ ଶିକ୍ଷକ ଗୋପୀନାଥ ଭତରା,ବେଣୁଧର ଭତରା, ଖେଳ ଶିକ୍ଷକ ଦୀପକ କୁମାର ସିଂ, ଶିବ ପ୍ରସାଦ ସାହୁ, ଉତ୍ତମ କୁମାର ପ୍ରଧାନ, ଭାବଗ୍ରାହୀ ଲେଙ୍କା, ମୁକେଶ ନାୟକ, ସବିତା ନାଟୁଆ, ସୁଜାତା ପେଣ୍ଟଇ, ଦୁର୍ମିଳା ରଣା, ବାବୁଲି ଭତରା, ଜଗନ୍ନାଥ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଉପସ୍ଥିତ ଅତିଥିଗଣ ସର୍ବ ପ୍ରଥମେ ଶ୍ରୀ ଗଣେଶଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ ଓ ଧୂପଦୀପ ଦେଇ ପୂଜାର୍ଚ୍ଚନା କରି ସାରିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବରେଣ୍ୟ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବିବରଣୀ ପଠନ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅତିଥି ମାନଙ୍କୁ ଅବଗତ କରିଥିଲେ। ପରେ ଅତିଥି ମାନଙ୍କ ଅଭିଭାଷଣ ଆରମ୍ଭ ହୋଇଥିଲା। ଅତିଥି ମାନଙ୍କ ଅଭିଭାଷଣ ଶେଷ ହେବା ପରେ ଛାତ୍ରଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବିଦ୍ୟାଳୟର ସହ ଶିକ୍ଷକ ବେଣୁଧର ଭତରା କରିଥିବା ବେଳେ ଅନ୍ୟ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମାର୍କେଟ ଭିତରୁ ଉତ୍କଟ ଦୁର୍ଗନ୍ଧ ସାଜିଛି ଜନ ଅସନ୍ତୋଷର କାରଣ

- ପଥଚାରୀ ଅସ୍ତବ୍ୟସ୍ତ
- ଜିଲ୍ଲାପାଳଙ୍କୁ ପ୍ରତିକାର ଲାଗି ଦାବିପତ୍ର ଦେଲେ ସମାଜସେବୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହର ମଧ୍ୟସ୍ଥଳରେ ରହିଛି ଗାନ୍ଧୀ ମାର୍କେଟ। ଅଶୀ ଦଶକରେ ଗୋଟେ ପୋଖରୀକୁ କେନ୍ଦୁଝରଗଡ଼ ନଗରପାଳିକା ବେନିୟମ ଭାବେ ପୋତି ସେଠାରେ ଏହି ମାର୍କେଟ କରିଥିଲା। ଗୋଟେ ଗାନ୍ଧୀ ମୂର୍ତ୍ତି ସେଠାରେ ସ୍ଥାପନ କରି ବଜାର ନାମ ଗାନ୍ଧୀ ମାର୍କେଟ ଦିଆଯାଇଥିଲା। ହେଲେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ମଦ ଜୁଆ ଖେଳ ଲାଗି ଦୋକାନ ଚାଲିଲା ନାହିଁ। ଲଜ୍ଜାରେ ଗାନ୍ଧୀ ମୂର୍ତ୍ତିକୁ ସେଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏହି ମାର୍କେଟରେ ଦିନରାତି ଛେଳି କୁକୁଡ଼ା କଟା ହେଉଥିବାରୁ ରକ୍ତ ମାଂସ



ଲାଗି ସେଠାରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ରକ୍ତ ମାଂସ ପାଣି ଡ୍ରେନ ଦେଇ ରାସ୍ତାକୁ ମାଡ଼ି ଆସୁଛି। ତେଣୁ ସେ ଅଞ୍ଚଳରେ ପଚା ଦୁର୍ଗନ୍ଧ ହେଉଛି। ସବୁ ଦେଖି କେନ୍ଦୁଝରଗଡ଼ ନଗରପାଳିକା ନୀରବ ରହିଛି। ଏହି ଘଟଣା କେନ୍ଦୁଝର ସହର ଲାଗି ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିଛି। ସେହି ଅଞ୍ଚଳରେ ଦୋକାନୀ, ସାଧାରଣ ନାଗରିକ ଓ ପଥଚାରୀ ମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ନଗରପାଳିକା ମୌନ ରହିଛି। ତେଣୁ ସମାଜସେବୀ ଦିଲୀପ କୁମାର ସାହୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏହାର ପ୍ରତିକାର ଲାଗି ଦରଖାସ୍ତ ଦେଇଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ ଏହା ଉପରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟା ସମାଧାନ କରୁଛି।

# ରାସ୍ତା କଡରୁ ହଟିଲେ ପରିବା ବ୍ୟବସାୟୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫୁଟପାଥରେ ବହୁ ପରିବା ବେପାରୀ ବସି ବ୍ୟବସାୟ କରି ଆସୁଥିଲେ। ଫଳରେ ଏହି ରାସ୍ତାରେ ଜାମ ହେବା ସହ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିଲା। ମଙ୍ଗଳବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାରେ ଫୁଟପାଥ ଉପରେ ବସି ବ୍ୟବସାୟ କରୁଥିବା ବେପାରୀମାନଙ୍କୁ ପୌରପାଳିକା ପକ୍ଷରୁ ହଟାଯାଇ କୃଷକବଜାର କିମ୍ବା ଜେଲରୋଡ଼ ରାସ୍ତାରେ ବ୍ୟବସାୟ କରିବାକୁ କୁହାଯାଇଛି। ଉହ ଉହ ଖରାରେ ବ୍ୟବସାୟ ନ କରିବାକୁ ବ୍ୟବସାୟୀ ଏବଂ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇ ଅନ୍ୟତ୍ର ପଠାଯାଉଛି। ସେହିପରି କେନ୍ଦୁଝର ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଲାଗିଥିବା ବେଆଇନ ହୋର୍ଡିଂ ହଟାଯାଇଛି। ଯେଉଁ ବ୍ୟବସାୟୀକ ସଂସ୍ଥା ପୌରପାଳିକାର ବିନା ଅନୁମତିରେ ହୋର୍ଡିଂ ଲଗାଇଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଉଛି ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି। କେନ୍ଦୁଝର ସହରରେ ଦିନକୁ ଦିନ ଗାଡ଼ିମୋଟର ସଂଖ୍ୟା ବଢୁଥିବାବେଳେ ମୁଖ୍ୟ ରାସ୍ତା ପାର୍ଶ୍ୱର ଫୁଟପାଥ ବ୍ୟବସାୟୀଙ୍କ ଜବରଦଖଲରେ ରହୁଥିବାରୁ



ଲୋକମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ମଣ୍ଡୁଆଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପରେ ଉଭୟ ପାର୍ଶ୍ୱରେ ଡ୍ରେନ ଉପରେ ଚାଲି ଚାଲି ଯିବା ପାଇଁ ଫୁଟପାଥ କରାଯାଇଥିଲା। ଡ୍ରେନ ଉପରେ ଜନସାଧାରଣ ପାଦରେ ସୁରକ୍ଷିତ ଭାବେ ଚାଲି ଚାଲି ଯିବା ପାଇଁ ଫୁଟପାଥ କରାଯାଇଥିଲେ ମଧ ଅନେକ ସ୍ଥାନରେ ଜବରଦଖଲ ହୋଇଛି। ରାସ୍ତା ପ୍ରଶସ୍ତିକରଣ ପରେ ପୂର୍ବପରି ଦୋକାନୀମାନେ ଦୋକାନ ସମ୍ମୁଖରେ ବିକ୍ରି ପାଇଁ ସାମଗ୍ରୀ ରଖୁଥିବାବେଳେ ଅନେକ ଦୋକାନୀ ନିଜ ସମ୍ମୁଖରେ ଥିବା ଫୁଟପାଥକୁ ଭଡା ଦେଇଛନ୍ତି। ଠେଲା ଦୋକାନୀଠାରୁ ଆରମ୍ଭ କରି ପନିପରିବା, ଫଳ, ଖଲିପତ୍ର, ଜୋତା ଦୋକାନ, ବାଦାମ ଦୋକାନ, ବାରମଜା ଦୋକାନୀ, ଜଳଖିଆ ଦୋକାନ ଫୁଟପାଥ ଉପରେ ଜବରଦଖଲ କରିଛନ୍ତି। ସେହିପରି ଅଜନ୍ତା ଲଜ୍ ନିକଟରେ ଟ୍ରଲି ଛିଡା ହୋଇ ରହୁଥିବାରୁ ଜବରଦଖଲ ହୋଇ ପାଦଚଲା ପାଇଁ ଉଦ୍ଦିଷ୍ଟ ଫୁଟପାଥ ଲୋକଙ୍କ କାମରେ ଲାଗି ପାରୁନାହିଁ। ଏହି ସ୍ଥାନରେ ନିୟମିତ ଜବରଦଖଲ ରହୁଥିବାରୁ ଟ୍ରାଫିକ ସମସ୍ୟା ମଧ ଦେଖାଦେଉଛି। ବିଶେଷ କରି ରବିବାର ଦିନ ଅଧିକ ଟ୍ରାଫିକ ସମସ୍ୟା ଦେଖା ଦେଉଥିବାବେଳେ ରାସ୍ତା କଡ଼ରେ ମଧ ଅସ୍ଥାୟୀ ଦୋକାନୀ ଅବାଧରେ ବସି ବ୍ୟବସାୟ କରୁଛନ୍ତି। ଟାଉନ ପୋଲିସ ପେଟ୍ରୋଲିଂ ଗାଡି ଏବଂ ପୌରପାଳିକା ଫୁଟପାଥ ଅବରୋଧକାରୀଙ୍କୁ ଉଠାଇଲେ ମଧ ପୁଣି ସେହି ସ୍ଥାନରେ ବସି ବ୍ୟବସାୟ କରୁଛନ୍ତି। ପୌରପାଳିକା ପକ୍ଷରୁ ନିୟମିତ ଫୁଟପାଥ ଉପରୁ ଉଚ୍ଛେଦ କରାଯାଉଥିଲେ ହେଁ ପୁଣି କିଛି ଦିନ ପରେ ବ୍ୟବସାୟୀମାନେ ଉକ୍ତ ସ୍ଥାନରେ ବସୁଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପୋଲିସ ହାଇସ୍କୁଲ-ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଫୁଟପାଥରେ ପନିପରିବା ବିକ୍ରି ହେଉଥିବାରୁ ରାସ୍ତା ଜାମ ଏକ ନିତି ଦିନିଆ ଘଟଣାରେ ପରିଣତ ହେଉଛି। ଫୁଟପାଥରେ ଖଲି ଚଉପତି ବିକ୍ରି କରୁଥିବା ମହିଳାଙ୍କୁ କୃଷକ ବଜାରକୁ ସ୍ଥାନାନ୍ତର କରାଯିବା ସହିତ ଅନ୍ୟ ଫୁଟପାଥ ଅବରୋଧ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି। ପ୍ଲାନ ଉଲ୍ଲଙ୍ଘନ କରି ଏବଂ ବିନା ପାର୍କିଂରେ ଯେଉଁ ମାର୍କେଟ କମ୍ପ୍ଲେକ୍ସ ଗୁଡିକ ନିର୍ମାଣ ହୋଇଛି ସେମାନଙ୍କ ବିରୁଦ୍ଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି।

## ୫ଲକ୍ଷ ଇନାମି ୫ ମହିଳା ମାଓବାଦୀର ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ନାରାୟଣପୁର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ମାଓ ସଂଗଠନର ମାଡ ଡିଭିଜନରେ ସକ୍ରିୟ ଥିବା ପାଞ୍ଚଜଣ ଇନାମି ମହିଳା ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀ ମାନେ ହେଲେ ଲକ୍ଷ୍ମୀ ଭାଞ୍ଜାମୀ, ସନି ଓରଫ ଜାମଲି ପୋଡିୟମ, ଅନିତା ଉସେଣ୍ଡି, ସୁକୟ ପୋଡିୟମ ଏବଂ କୁମ୍ହେ ପୋଡିୟମ ଓ ପ୍ରତ୍ୟେକଙ୍କ ନାମରେ ୧ ଲକ୍ଷ ଲେଖାଏଁ ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତେବେ ଏ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ମାଓ ସଙ୍ଗଠନ ନିଜର ସ୍ଥିତି ଓ ନୀତି ଆଦର୍ଶ ହରାଉଥିବାରୁ ଏମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଚେକ୍ ଆକାରରେ ଦିଆ ଯାଇଥିବା ବେଳେ ଟଙ୍କାର ପ୍ରୋତ୍ସାହନ ରାଶି ସରକାରଙ୍କ ପୁନର୍ବାସ ଯୋଜନାରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଏମ୍‌ଏସ୍‌ପି, ଏମ୍‌ଏଫପି ପ୍ରଚାର ରଥର ଶୁଭାରମ୍ଭ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାବାସୀଙ୍କୁ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରିବା ନିମନ୍ତେ ପ୍ରଚାର ରଥ ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟରୁ ବାହାରିଥିବା ଏହି ରଥକୁ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକମାନଙ୍କୁ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ସଚେତନ କରାଇବ ବୋଲି ସେ କହିଛନ୍ତି । ଏହି ସମୟରେ ଟିଡିସିର ମାର୍କେଟିଂ ମ୍ୟାନେଜର ଆଶୁତୋଷ ନନ୍ଦ, କୋରାପୁଟ ଆଇଟିଡିଏ ସେକ୍ସନ ଅଫିସର ସୀମା ପାତ୍ର, ପ୍ରୋଗ୍ରାମ ମ୍ୟାନେଜର ସତ୍ୟରଞ୍ଜନ ମହାନ୍ତି ଓ ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ସହିଦ୍ ରତ୍ନା ନାଏକଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରିବାକୁ ନିଷ୍ପତ୍ତି

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସ୍ୱାଧିନତା ସଂଗ୍ରାମରେ ସହିଦ୍ ହୋଇଥିବା ଭୂୟାଁ ନେତା ସହିଦ ରତ୍ନା ନାଏକଙ୍କ ସ୍ମୃତିରେ କେନ୍ଦୁଝର ଏବଂ ବାଂଶପାଳର ୫ଟି ସ୍ଥାନରେ ପ୍ରତିମୂର୍ତ୍ତୀ ସ୍ଥାପନ କରାଯିବ। ଏ ନେଇ ଭୂୟାଁ ସାଂସ୍କୃତିକ ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ସଂଗଠନର ଦାବିକୁ ସମ୍ମତି ଜଣାଇବା ପରେ ସଂସ୍କୃତି ବିଭାଗ ପକ୍ଷରୁ ୫ଟି ସ୍ଥାନରେ ପ୍ରତିମୂର୍ତ୍ତୀର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲ୍ଲା ପ୍ରଶାସନ ଏବଂ ଭୂୟାଁ ସାଂସ୍କୃତିକ ସଂଗଠନ ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସହିଦ୍ ରତ୍ନା ନାଏକଙ୍କ ପ୍ରତିମୂର୍ତ୍ତୀ କେଉଁ କେଉଁ ସ୍ଥାନରେ ପ୍ରତିଷ୍ଠା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ବ୍ୟତୀତ ଡାଙ୍ଗରପଡା, ଚର୍ଚ୍ଚ ଛକ ଏବଂ ଅନ୍ୟ ୨ଟି ସ୍ଥାନରେ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହିଦ୍ ରତ୍ନା ନାଏକଙ୍କ ବଂଶଧରର ୧୪ଟି ପରିବାରକୁ ସାମିଲ କରାଯିବା ସହ ସେମାନଙ୍କର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ସହିଦ୍ ରତ୍ନା ନାଏକ ବନ୍ଦୀ ଥିବା ସମୟରେ ଚୌଦାର ଜେଲରେ ଫାଶି ପାଇଥିଲେ। ତେବେ ସେ କେଉଁ ସମୟରେ ଜେଲରେ ଥିଲେ ଏବଂ କେବେ ଫାଶି ପାଇଥିଲେ ତାହାର ବିବରଣୀ ଜେଲ କର୍ତ୍ତୃପକ୍ଷଙ୍କ ଠାରୁ ଆଣିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ସମସ୍ତ କାର୍ଯ୍ୟକ୍ରମରେ ଭୂୟାଁ ସର୍ଦ୍ଦାର ମାନଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାଏକ, ସଦର ବିଡିଓ ବିନୋଦ ପଣ୍ଡା, ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ, ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ, ବାଂଶପାଳ ତହସିଲଦାରଙ୍କ ସମେତ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ, ସଞ୍ଜୟ ଗିରି, ମମିତା ନାଏକ, ବୀର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ପାଇଁ ଡହଳବିକଳ ବଡ଼ପୁଟ ଗ୍ରାମବାସୀ

# ପାଣି ପାଇଁ ଚୁଆ ଏବଂ ରୋଗୀଙ୍କ ପାଇଁ ଭାର ଭରସା



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ପାନୀୟ ଜଳ ବ୍ୟବସ୍ଥା ଓ ରାସ୍ତା ନଥିବାରୁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗାଁରେ ନଳକୂପ ଓ କୂଅ ନଥିବାରୁ ବାଧ ହୋଇ ଲୋକେ ଚୁଆର ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି । ରାସ୍ତା ନିର୍ମାଣ ହୋଇନଥିବାରୁ ଜରୁରୀ ସମୟରେ ରୋଗୀଙ୍କୁ ଭାରରେ ବୋହିବାକୁ ପଡୁଛି। ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିବା ପରେ ମଧ ପଦକ୍ଷେପ ନିଆଯାଉ ନଥିବା ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡ଼ା ପଞ୍ଚାୟତର ବଡ଼ପୁଟ ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ପଞ୍ଚାୟତ ସଦରରୁ ୮କିମି ଦୂରରେ ଥିବା ବଡ଼ପୁଟ ଗାଁରେ ପ୍ରାୟ ୫୦ ପରିବାର ରହୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଗାଁରେ ପାନୀୟ ଜଳ ବ୍ୟବସ୍ଥା କରାଯାଇନଥିବା ଫଳରେ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ଗାଁର ମହିଳାମାନେ ୫୦୦ମିଟର ଦୂରରେ ଥିବା ଏକ ଚୁଆର ଦୂଷିତ ପାଣି ସଂଗ୍ରହ କରୁଛନ୍ତି। ଡବା ଦ୍ୱାରା ଚୁଆରୁ ପାଣି ସଂଗ୍ରହ କରିବା ପରେ ଟାଣ ଖରାରେ ପାଣି ହାଣ୍ଡି ଧରି ଘରକୁ ଫେରିଥାନ୍ତି। ଏହି ଦୂଷିତ ପାଣି ପିଇ ବିଭିନ୍ନ ସମୟରେ ଲୋକେ ରୋଗାକ୍ରାନ୍ତ ହେଉଥିବା କଥା ବି ଗ୍ରାମବାସୀ କହିଛନ୍ତି। ଚୁଆ ନିକଟରେ ଜଙ୍ଗଲ ଥିବା ବେଳେ ପାଣି ସଂଗ୍ରହ କରିବା ସମୟରେ ବେଳେବେଳେ ମହିଳାମାନେ ବନ୍ୟଜନ୍ତୁ ସହ ମୁହାଁମୁହିଁ ମଧ ହୋଇଥାନ୍ତି। ତଥାପି ଭୟ ନକରି ବର୍ଷ ତମାମ ଚୁଆରୁ ପାଣି ସଂଗ୍ରହ କରାଯାଉଥିବା ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଗାଁକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇପାରୁନି। ଗାଁକୁ ନଳକୂପ ଖନନ ଗାଡ଼ି ପହଞ୍ଚି ପାରୁନଥିବାରୁ ବାଧ ହୋଇ ଗ୍ରାମବାସୀ ଚୁଆର ଦୂଷିତ ପାଣି ପିଉଛନ୍ତି। ସେହିପରି ରାସ୍ତା ନଥିବାରୁ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ୪କିଲୋ ମିଟର ଭାରରେ ବୋହି ନିଆଯାଉଛି। ପରେ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡ଼ିରେ ଚିତ୍ରକୋଣ୍ଡା ମେଡିକାଲକୁ ଆଣି ଭର୍ତ୍ତି କରାଯାଇ ଥାଏ। ପାନୀୟ ଜଳ ଓ ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ପଲ୍ଲୀସଭା ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି କରିବା ପରେ ମଧ ପଦକ୍ଷେପ ନିଆଯାଉନି। ତୁରନ୍ତ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଢ଼େଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠରେ ୫୪ ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ତଥା ଧାର୍ମିକ ବ୍ୟକ୍ତି ଜୟଦେବ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ତଥା ସମାଜସେବୀ କୁଳମଣି ମଣ୍ଡଳ, ସମ୍ମାନୀତ ଅତିଥିଭାବେ ମୋ ସ୍କୁଲ ଅଭିଯାନର ସଭାପତି ସଂଜୟ କୁମାର ସାହୁ, ଶିକ୍ଷାବିତ ତଥା ଅବସରପ୍ରାପ୍ତ କରଞ୍ଜିଆ ଅଟୋନୋମସ କଲେଜର ଅଧକ୍ଷ ଭାଗିରଥି ପୃଷ୍ଟି, ସାଂସଦ ପ୍ରତିନିଧି ଅଖିଳ କୁମାର ପାତ୍ର, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଗଣେଶ୍ୱର ସାହୁ, ସମାଜସେବୀ ତଥା ପୁରାତନ ଛାତ୍ର ରାମଚନ୍ଦ୍ର ସାହୁ, ସରପଞ୍ଚ ଖଇର ନାଏକ, ଘଟଗାଁ ଏବିଇଓ ବେଣୁଧର ଆଚାର୍ଯ୍ୟ, ଭୋଳବେଢ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିଶୋଭା ବେହେରା । ପ୍ରଥମେ ଅତିଥିମାନେ ମା' ତାରିଣୀଙ୍କ ଫଟୋଚିତ୍ରରେ ଧୂପ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ପରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ପରିଚୟ ପ୍ରଦାନ କରିଥିଲେ ସଂଜୟ କୁମାର ସାହୁ । କାର୍ଯ୍ୟକ୍ରମ ପରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ଫେଲ୍ ମାରିଛି ପାନୀୟ ଜଳ ପ୍ରକଳ୍ପ ଯୋଜନା

## ଖରାଠୁ ବଳିଗଲାଣି ଜଳ ଯନ୍ତ୍ରଣା



ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସହିତ ମୁଣ୍ଡ ଫଟା ଖରା । ଗ୍ରାମାଞ୍ଚଳର ଚାରିଆଡ଼େ ଲାଗିରହିଛି ପାନୀଯ ଜଳ ସମସ୍ୟା । ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କୌଣସି ଠୋସ ପଦକ୍ଷେପ ନେଉନଥିବା ବେଳେ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଲୋକମାନେ ମୁନ୍ଦାଏ ପିଇବା ପାଣି ଡହଳ ବିକଳ ହେଉଥିବା ବେଳେ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମିଛ ପ୍ରଚାର କରୁଛି । କିନ୍ତୁ ନା ଦୂର ହେଉଛି ସମସ୍ୟା ନା ସୁଧୁରୁଛି ବିଭାଗ । ପଟ୍ଟାମୁଣ୍ଡାଇ ବ୍ଲକର ଉପାନ୍ତ ଧୋୟାଞ୍ଚଳରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି । ଧୋୟାଞ୍ଚଳ ଅନ୍ତର୍ଗତ ଅଳପୁଆ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ୨୦୦୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଦୀର୍ଘ ଦିନ ଧରି ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ବହୁ ବାର ଆପତ୍ତି ଅଭିଯୋଗ ପରେ ମଧ୍ୟ ପାନୀୟ ଜଳ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ନେଇ ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିକଟରେ ଅନେକ ଅଭିଯୋଗ ଏବଂ ଆବେଦନ ସତ୍ତ୍ୱେ, ବିଭାଗର ଅପାରଗତା ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ । ଅଳପୁଆ ତଳା ପଡ଼ିଆରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ, ଯେଉଁଥିରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ଼ ଟାଙ୍କି ରହିଛି । କିନ୍ତୁ ଏହି ଓଭରହେଡ଼ ଟାଙ୍କିଟି ଆରମ୍ଭରୁ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ । ଯାହା ଫଳରେ ଅଳପୁଆ ବିଶ୍ୱାଳ ସାହି, ଅଳପୁଆ ଡିଆ, ସୁବଳପୁର, ପାହାନ୍ତା ସିଂହ ସାହି, ଗୋଜିଆ କଣ ସାହି ଓ ବସ୍ତିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏହି ସବୁ ସାହି ବସ୍ତିରେ ଲାଗିଥିବା ପ୍ରାୟ ୪୦ଟି ଟ୍ୟାପ୍ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି । ପାହାନ୍ତା ସିଂହ ସାହିରେ ପରିସ୍ଥିତି ଅଧିକ ସଙ୍ଗିନ ହୋଇପଡିଛି । ଯେଉଁଠାରେ କୌଣସି ନଳକୂପ ନାହିଁ ଏବଂ ଟ୍ୟାପରୁ ପାଣି ମଧ୍ୟ ବାହାରୁନାହିଁ । ଅଳପୁଆ ପଞ୍ଚାୟତରେ ଥିବା ୨୦ଟି ଗଭୀର ନଳକୂପ ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି ଏବଂ ଅନ୍ୟଗୁଡ଼ିକ ଭୂତଳ ଜଳ ସ୍ତର କମ ଥିବାରୁ ପର୍ଯ୍ୟାପ୍ତ ପାଣି ଯୋଗାଣ କରିପାରୁନାହିଁ ବୋଲି ଅଭିଯୋଗ ହୋଇଛି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଞ୍ଚଳ ପରିଦର୍ଶନ କରି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ, ତଥାପି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ । ସ୍ଥାନୀୟ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ବିଭାଗୀୟ ଅଧିକାରୀମାନଙ୍କ ଠାରୁ ବିଫଳ ଓ ହତାଶ ହୋଇ ଗ୍ରାମବାସୀମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରିନଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହିତ ଲୋକମାନେ ଆନ୍ଦୋଳନ କରିବାକୁ ନିଷ୍ପତି ନେଇଥିବା କହିଛନ୍ତି । ପାନୀୟ ଜଳ ଭଳି ଏକ ମୌଳିକ ଆବଶ୍ୟକତା ସୁନିଶ୍ଚିତ କରିବାରେ ବିଭାଗର ବିଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ବିଶ୍ୱାଳ, ନିରାକାର ବିଶ୍ୱାଳ, ଗଗନ ମହାଳିକ, ମଧୁସୂଦନ ଦାସ ଏବଂ ନରେନ୍ଦ୍ର ଧଳ ପ୍ରମୁଖ ଏଥି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକରେ ବହୁ ଗ୍ରାମରେ ନଳକୂପ ଖରାପ ଅଛି । ସେଇଗୁଡ଼ିକୁ ବିଭାଗୀୟ ଅଧିକାରୀ ନ ସଜାଡି ଫଲ୍ସ ବିଲ କରି ଲକ୍ଷ ଲକ୍ଷ ଟଙ୍କା ବିଲ କରି ସରକାରୀ ତହବିଲରୁ ଟଙ୍କା ଲୁଟି ନେବା ଦ୍ୱାରା ଜନସାଧାରଣ ଗ୍ରୀଷ୍ମ ଦିନରେ ପାଣି ଟୋପା ପାଇଁ ଡହଳ ବିକଳ ହେଉଛନ୍ତି । ପଟ୍ଟାମୁଣ୍ଡାଇ ଜନସାଧାରଣ ଅଭିଯୋଗ କଲେ ମଧ୍ୟ କେହି ଅଧିକାରୀ କର୍ଣ୍ଣପାତ କରୁ ନାହାନ୍ତି । ଯଦି ଏଥିପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ନ ଦିଏ ଆଗାମୀ ଦିନରେ ଏକ ବିରାଟ ଜନ ଆନ୍ଦୋଳନ ଦେଖାଯିବାର ସମ୍ଭାବନା ଅଛି ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ମଙ୍ଗଳବାର ଏକ ନରହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଅମର ସିଂ ବିରୁଆ(୩୫), ପିତା-ଦୁବରାଜ ବିରୁଆ, ଗ୍ରାମ-ଦୁବିଲା, ଥାନା-ମଞ୍ଝହରି, ଜିଲ୍ଲା- ଓ୍ୱେଷ୍ଟସିଂହଭୁମକୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ମୃତକ ରାମଚନ୍ଦ୍ର ନାଏକ ସୁଣ୍ଡୁରା ଗ୍ରାମ ତା ୨୫।୩।୨୦୧୫ ରିଖରେ କାହାକୁ ନକହି କେଉଁଆଡେ ଘରୁ ଚାଲି ଯାଇଥିଲେ ଏବଂ ଘରକୁ ନଫେରିବାରୁ ତାଙ୍କ ପୁଅମାନେ ଖୋଜାଖୋଜି କରିବାରୁ ବସନ୍ତପୁର ରାସ୍ତାରେ ମରି ପଡିଥିବାର ପାଇଥିଲେ । ମୃତକଙ୍କ ଶରୀରରୁ ଗନ୍ଧ ବାହାରୁଥିଲା । ଏବଂ ତାର ପରିଧାନରୁ ତାଙ୍କ ପୁଅମାନେ ମୃତକ ଜଣକ ତାଙ୍କ ବାପା ବୋଲି ଚିହ୍ନି ପାରିଥିଲେ । ତା ୩୧।୩।୨୦୧୫ ରିଖରେ ନୟାକୋଟ ଥାନାରେ ମୃତକଙ୍କ ପୁଅ ମନ ନାଏକ ଏକ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୩ ତା ୩୧।୩।୨୦୧୫ ରିଖରେ ଏକ କେଶ ରୁଜୁ ହୋଇ ପୋଲିସ ଅନୁସନ୍ଧାନ କରି ଉପରୋକ୍ତ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଦିନ କେନ୍ଦୁଝର ଏଡିଜେ କୋର୍ଟର ବିଚାରପତି ମମିତା ଦାସ ୧୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ଉକ୍ତ ହତ୍ୟା ମାମଲାରେ ଦୋଷୀ ପାଇ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଅଭିଯୁକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରୁଥିଲେ ।

# ସ୍ୱଚ୍ଛତା କାର୍ଯ୍ୟକ୍ରମ



ଫୁଲନଖରା, (ଭାସ୍କର ନ୍ୟୁଜ୍): ବାରଙ୍ଗ ବିଡିଓ ସ୍ୱାଗତ ଦାସ କଂ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଦିବସ ପାଳନ ଅବସରରେ ଦେବାଳୟ ଓ ଐତିହ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି । ଦେବାଳୟ ପରିସର ସଫେଇ କରାଯାଇଥିଲା, କୁରାଙ୍ଗ ଶାସନ ଜଗନ୍ନାଥ ମନ୍ଦିର ଓ ତଳଗଡ ସିଦ୍ଧେଶ୍ୱର ମନ୍ଦିରର ପରିସରକୁ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱଚ୍ଛାସେବୀ ଓ ଜନସାଧାରଣଙ୍କ ଦ୍ୱାରା ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ସରପଞ୍ଚ ରୋହିଣି ଭୋଇ, ଗୀତାଞ୍ଜଳୀ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ସାହୁ, ପ୍ରୀତମ ପୃଷ୍ଟି, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପରମିତା ନନ୍ଦ, ସାଂସଦ ପ୍ରତିନିଧି ଦିଲ୍ଲିପ କୁମାର ପାତ୍ର ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ ।

# ଶ୍ରୀରଘୁନାଥ ଜୀଉଙ୍କ ପ୍ରାଣ ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି ପାଳନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରାମ ନବମୀ ଅବସରରେ ସବୁଠି ଜୟ ଶ୍ରୀ ରାମ ଧ୍ୱନିରେ ଉତ୍ସବ ମୁଖର ହେଉଛି ଗାଁଠୁ ସହର । ଏହି ପବିତ୍ର ଦିନରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସବୁଠି ଚାଲିଛି ପୂଜା ଆରାଧନା ଧର୍ମ ଶାସ୍ତ୍ର ଅନୁଯାୟୀ ଚୈତ୍ର ମାସର ନବମୀ ତିଥିରେ ରାମ ନବମୀ ଉତ୍ସବ କରାଯାଏ । ବିଶ୍ୱରେ ରାମ ନବମୀ ପର୍ବକୁ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଇଥିବା ବେଳେ ସେହିପରି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତରମାକାନ୍ତ ପଞ୍ଚାୟତ ବାଲରାଇ ଗ୍ରାମରେ ମଧ୍ୟ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଶ୍ରୀରାମ ନବମୀକୁ ଗ୍ରାମବାସୀ ଉତ୍ସାହର ସହ ପାଳନ କରିଛନ୍ତି । ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀ ରଘୁନାଥ ଜୀଉଙ୍କ ପାଖରେ ନିଜକୁ ସମର୍ପଣ କରି ନିଜ ନିଜର ମନସ୍କାମନା ମନାସିଛନ୍ତି ଏବଂ ଦର୍ଶକ ମାନଙ୍କ ପାଇଁ ବାଲରାଇ ଯୁବକମାନଙ୍କ ଦ୍ୱାରା ଓଡିଶାର ବହୁ ପ୍ରତିଷ୍ଠିତ ପାଲାଗାୟକ ମାନଙ୍କ ଦ୍ୱାରା ତିନିଦିନ ଧରି ଗାୟକ ଯୁବ ସମ୍ରାଟ୍ ନରସିଂହ ଚନ୍ଦ୍ର ହୋତା ଓ ଗାୟକ ବିଜୟ ଦାସଙ୍କ ଦ୍ୱାରା ସୁନ୍ଦର ପାଲା ପରିବେଷଣ ହୋଇଛି । ଏଥି ସହ ପ୍ରବଚନ ଦେବା ପାଇଁ କଳ୍ପନା ତ୍ରିପାଠୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ରାମ ନବମୀର ଦ୍ୱିତୀୟ ଦିନରେ ଅତିଥି ଭାବେ ଯୋଗଦେଇଥିଲେ ତେଲକୋଇ ବିଧାୟକ ଡ଼ ଫକୀର ମୋହନ ନାଏକ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ବାଂଶପାଳ ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା, ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ବାରିକ, ବାଂଶପାଳ ମଣ୍ଡଳର ଓବିସି ମୋର୍ଚ୍ଚା ସଭାପତି ଗୁରୁଚରଣ ମହାନ୍ତ, ବାଲରାଇ ଗ୍ରାମର ଯୁବକ ମାନଙ୍କର ଆୟୋଜନକୁ ଦେଖି ସାଧୁବାଦ ଜଣାଇବା ସହ ଅତି ଉତ୍ତମ ବୋଲି ପ୍ରଶଂସା କରିଥିଲେ ।

# ଗୋଠଛଡ଼ା ଦନ୍ତାର ଉତ୍ପାତ

## ଭାଙ୍ଗିଲା ସ୍କୁଲ ପାଚେରୀ



କେନ୍ଦୁଝର,(ଭାସ୍କର ନ୍ୟୁଜ୍): କେନ୍ଦୁଝର ପାଟଣା ଅଞ୍ଚଳରେ ହାତୀ ଉତ୍ପାତ ଜାରି ରହିଛି । ସୂଚନା ମିଳିଛି କି ପାଟଣା ବାନାଞ୍ଚଳର ଗୁଲୁଦିପଶି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପାଚେରୀ ଭାଙ୍ଗି ଦେଇଛି । ଅନୁମାନ ଏହି ହାତୀଟି ବୋଧେ ଦଳରୁ ଅଲଗା ହୋଇଯାଇଛି ତେଣୁ ଏକୁଟିଆ ବୁଲି ଉତ୍ପାତ ଜାରି ରଖିଛି । ପାଚେରୀ ଭାଙ୍ଗି ଥିଲେ ମଧ୍ୟ ଅନ୍ୟାନ୍ୟ କ୍ଷତି ବିଶେଷ କରିନାହିଁ ତଥାପି ଲୋକେ ଭୟଭୀତ ଅଛନ୍ତି । ବନ ବିଭାଗ କର୍ମଚାରୀ ଆସି ହାତୀ ଉପରେ ନଜର ରଖିଛନ୍ତି । ହାତୀକୁ ବିରକ୍ତ ନକରି ସତର୍କ ରହିବାକୁ ପରିବେଶ ପ୍ରେମୀ ମାନେ ନିବେଦନ କରିଛନ୍ତି ।

# ସନ୍ଧିନୂଆପଲ୍ଲୀ ଗ୍ରାମରେ ଅଷ୍ଟଦଣ୍ଡ ମହାମିଳନ

## ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମାଗମ





ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ସନ୍ଧିନୂଆପଲ୍ଲୀ ଗ୍ରାମରେ ଅଷ୍ଟଦଣ୍ଡ ମହା ମିଳନ ବହୁ ଆଡ଼ମ୍ବର ସହ ପାଳନ ହୋଇଛି । ସାହୁ ପରିବାରର କର୍ତ୍ତା ଭାବେ ବରିଷ୍ଠ ସମାଜ ସମାଜସେବୀ ଭଗବାନସାହୁ ଏହି ଅଷ୍ଟ ଦଣ୍ଡର ଆୟୋଜନ କରିଥିଲେ । ଗହଙ୍ଗୁ, ମୋରାବାଇ, ଭ୍ୟାମଶିଆଳି, କବିସୂର୍ଯ୍ୟନଗର ପରିଡ଼ା ପାର୍ଟି, ଖୁକୁଣ୍ଡିଆ, ଗୋଳିଆ, ଗୁଣ୍ଡୁପଡ଼ା-ଏ, ଦହିମୁଣ୍ଡଳି ପରି ଅଷ୍ଟ ଦଣ୍ଡ କାଳୀଙ୍କର ମହାମିଳନ ହୋଇଥିଲା । ଏହି ମହାମିଳନ ଦେଖିବାକୁ ଗ୍ରାମରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମାଇଥିବା ବେଳେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଯଦିଓ ଗଞ୍ଜାମ ଜିଲ୍ଲାର ଦଣ୍ଡ ନାଚର ପରମ୍ପରା କଥା କହିବା ଏହା ବହୁ ପ୍ରାଚୀନ ପରମ୍ପରା ଅଟେ । ଯେଉଁ ପରମ୍ପରାରେ ଦଣ୍ଡୁଆ ବା ଭୁକ୍ତା ମାନେ ନିଷ୍ଠାର ସହ ରୁଦ୍ର କାଳୀଙ୍କର ଉପାସନା କରିଥାନ୍ତି । ମାନସିକ ଧାରି ଦଣ୍ଡୁଆ ମାନେ ଷୋହଳ ପ୍ରକାର ଦଣ୍ଡର ଶୈଳୀରେ ଓଡ଼ିଆ ମାନଙ୍କର ପାରମ୍ପରିକ ଚାଷର ପଦ୍ଧତୀ, ତେଲ ପେଢ଼ା, ହଳଦୀବଟା, ମନ୍ଦିରତୋଳା ପରି ଅନେକ ଦୃଶ୍ୟକୁ ଦାଣ୍ଡୁଆ ମାନେ ଧୂଳିଦଣ୍ଡରେ ପରିବେଶଣ କରିଥାନ୍ତି । ପରେ ଦଣ୍ଡୁଆ ମାନେ ପାଣି ଦଣ୍ଡ ସାରି ଅଗ୍ନୀଦଣ୍ଡକୁ ଆସନ୍ତି । ଦଣ୍ଡୁଆ ମାନେ ଦିନ ତମାମ ନିଷ୍ଠାର ସହ ଉପବାସ ରହି ପାଣିଦଣ୍ଡ ସାରି ପଣା ସେବନ କରିଥାନ୍ତି । ସନ୍ଧ୍ୟାରେ ମାଆଙ୍କ ଆରତୀ ପରେ କାଠଚୁଲିରେ ଅବଟା, ଅକଟା ଅଫୁଟା ସହ ଅରୁଆ ଡାଲମା ଅନ୍ନ ପ୍ରସ୍ତୁତ ହୋଇ ଭୋଗ ଲାଗିବା ପରେ ପ୍ରସାଦ ସେବନ କରିବାର ନୀତି ରହିଥାଏ । ଏସବୁ ପରେ ରାତ୍ରରେ ବିଭିନ୍ନ ଦଳ ପକ୍ଷରୁ ଦଣ୍ଡ ସୁଆଙ୍ଗ, ଚାଢ଼ିଆ ଚଢ଼ିଆଣି, ସହ ବହୁ ସାଂସ୍କୃତିକ ପୌରାଣିକ ଓ ସାମାଜିକ ନାଟକ ପରିବେଷଣ ହୋଇଥାଏ ।

# ସରକାରୀ ଗାଡ଼ିରେ ଇଂରାଜୀ ନାମଫଳକ







ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟ ପାଳୁଛି ଓଡ଼ିଆ ପକ୍ଷ । ଓଡ଼ିଆ ଭାଷାକୁ ଦୈନନ୍ଦିନ ଜୀବନର ଅଂଶ କରିବା ଲକ୍ଷ୍ୟରେ ଓଡ଼ିଆ ନାମ ଫଳକକୁ ବାଧ୍ୟତାମୂଳକ କରାଯାଇଛି । ଓଡ଼ିଆରେ ନାମ ଫଳକ ଲେଖିବାକୁ ପ୍ରଶାସନ କେବଳ ତାଗିଦ କରୁନି, ବରଂ ଜରିମାନା ମଧ୍ୟ କଷୁଛି । ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନର ଇଂରାଜୀ ପ୍ରୀତି ମନରୁ ଯାଉନି । ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରିଣୀ ଚଢୁଥିବା ସରକାରୀ ଗାଡ଼ିରେ ଇଂରାଜୀ ନାମ ଫଳକ ଦେଖିବାକୁ ମିଳୁଛି । ଖୋଦ ବ୍ଲକର ମୁଖ୍ୟ ଅଧିକାରିଣୀ ବିଡ଼ିଓ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଯାତାୟାତ କରୁଥିବା ସରକାରୀ ଗାଡ଼ିରେ ଇଂରାଜୀକୁ ଭଲପାଇବା ଦେଖାଇଛନ୍ତି । ଓଡ଼ିଆରେ ଫଳକ ଲେଖିବାକୁ କୁଣ୍ଠା ପ୍ରକାଶ କରିଛନ୍ତି । ଓଡ଼ିଆ ପକ୍ଷ ପାଳନ ଅବସରରେ ଗତ ୪ତାରିଖକୁ 'ଓଡ଼ିଆ ନାମ ଫଳକ ଅଭିଯାନ'ଭାବେ ଉତ୍ସର୍ଗ କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ବିଭିନ୍ନ ଦିବସ ମଧ୍ୟ ପାଳନ ହେଉଛି । ସରକାରୀ ନିର୍ଦ୍ଦେଶ ପରେ ଜିଲ୍ଲାର ହେଉ ପ୍ରଶାସନିକ ଅଧିକାରୀ ଓଡ଼ିଆ ନାମ ଫଳକକୁ ଆପଣାଇ ନେଉଥିବା ବେଳେ ଖୋଦ ସରକାରୀ ବାବୁଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । କିଛି ବର୍ଷ ତଳେ 'ଇଂରାଜୀ ନାମ ଫଳକ' ଲେଖିବାକୁ ନେଇ ଲଗାତାର ଖବର ପ୍ରକାଶ ପାଇଥିଲା ଅସ୍ତରଙ୍ଗରୁ । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ପ୍ରଶାସନ ଗୁରୁତ୍ୱର ସହ ସମସ୍ତ ସରକାରୀ ଗାଡ଼ିରେ ଓଡ଼ିଆରେ ନାମ ଫଳକ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଅସ୍ତରଙ୍ଗ ଅଞ୍ଚଳର ଅଧିକାଂଶ ସରକାରୀ ଗାଡ଼ିରେ ଇଂରାଜୀ ଫଳକ ହଟାଇ ପ୍ରାଞ୍ଜଳ ଭାବରେ ଓଡ଼ିଆରେ ଫଳକ ଲେଖିଥିଲେ । ଏବେ ନୂତନ ସରକାର ସ୍ୱାଭିମାନ ଓଡ଼ିଶା ଗଠନ କରିବା ପାଇଁ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଆରେ ନାମ ଫଳକ ଲେଖିବାକୁ କଡ଼ା ନିର୍ଦ୍ଦେଶ ରହିଥିଲେ ହେଁ ଖୋଦ ସରକାରୀ ଅଧିକାରୀ ଓ ଅଧିକାରିଣୀ ମାନେ ଏହାକୁ ଫୁ କରିଦେଉଛନ୍ତି । ଅସ୍ତରଙ୍ଗ ବିଡ଼ିଓଙ୍କ ସରକାରୀ ଗାଡ଼ିରେ ଇଂରାଜୀରେ ନାମ ଫଳକ ରହିଥିବା ବେଳେ ଲେଖାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । କେବଳ ବିଡ଼ିଓ ନୁହେଁ, ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଗାଡ଼ିରେ ଇଂରାଜୀ ନାମ ଫଳକ ଦେଖିବାକୁ ମିଳିଛି । ଅନ୍ୟକୁ ଓଡ଼ିଆ ସମ୍ପର୍କରେ ସଚେତନ କରୁଥିବା ପ୍ରଶାସନ ଅଧିକାରିଣୀ ପ୍ରଥମେ ଓଡ଼ିଆ ଭାଷା ଆପଣାନ୍ତୁ ବୋଲି ଦାବି ହୋଇଛି ।

# ଜନ୍ତୁ ଶିକାର ପାଇଁ ପକାଇଥିବା ବୋମା ଜବତ, ଶିକାରୀ ଗିରଫ

କଣିହାଁ (ଭାସ୍କର ନ୍ୟୁଜ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମ ନିକଟସ୍ଥ ଗୁଡ଼ିଆ ଘାଇ ଠାରେ ଜନ୍ତୁ ଶିକାର ପାଇଁ ପକାଇଥିବା ୨ଟି ବୋମା ଜଙ୍ଗଲ ବିଭାଗ ଜବତ କରିଥିବା ସହ ଏଥିରେ ସଂପୃକ୍ତ ଶିକାରୀ ଲିପୁ ଗଡ଼ନାୟକ(୩୪)କୁ ଗିରଫ କରି ତାଳଚେର କୋର୍ଟ ଚାଲାଣ କରିଛି ବିଭାଗ । ଅଭିଯୁକ୍ତ ଜଣକ ଘର କଣିହାଁ ଥାନା ଯାମୂଜୋଡ଼ି ଗ୍ରାମରେ । ଜଙ୍ଗଲ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ଜଣକ ଜନ୍ତୁ ଶିକାର ପାଇଁ ସୋମବାର ବିଳମ୍ବିତ ରାତିରେ ବଡଗୁଣ୍ଡୁରି ଗ୍ରାମର ଗୋଡିଆ ଘାଇ ଠାରେ ବୋମା ଖଞ୍ଜିଥିବା କଥା କଣିହାଁ ବନ ବିଭାଗ ଜାଣିବାକୁ ପାଇଥିଲା । ପରେ କଣିହାଁ ବନାଞ୍ଚଳ ଅଧିକାରୀ ନୀଳାଦ୍ରି ନାଥ ସାହୁଙ୍କ ନେତୃତ୍ୱରେ ବନପାଳ ଦୀପକ କୁମାର ସେଠି, ବନରକ୍ଷକ ଦୀପକ କୁମାର ସାହୁ, ହାତୀ ଜଗୁଆଳି ଧ୍ରୁବ ସାହୁ, ପବିତ୍ର ପ୍ରଧାନ, ରଞ୍ଜନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚଢାଉ କରି ମଙ୍ଗଳବାର ଭୋର ସକାଳେ ଶିକାରି ଲିପୁ ଗଡ଼ନାୟକକୁ ଧରିଥିଲେ । ବୋମା ଦ୍ୱାରା କୌଣସି ଜନ୍ତୁ ମୃତାହତ ହୋଇନଥିବା ଜଙ୍ଗଲ ବିଭାଗ ସୂତ୍ରରୁ ପ୍ରକାଶ ।

# ରାଶିଫଳ

ଗୁରୁବାର, ୧୦ ଏପ୍ରିଲ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ । ନୂତନ କାମ ପାଇବେ ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ଚିନ୍ତା ରହିବ । ବ୍ୟବସାୟ ଭଲ କରିବ ।



**ମିଥୁନ:** ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ । ଟଙ୍କା ପାଇବା ସହଜ ହେବ । ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ । ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ । ଭଲ ଖବର ଗ୍ରହଣ କରାଯିବ ।




**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ । ନୂତନ ବନ୍ଧୁ ସୃଷ୍ଟି ହେବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଆସିପାରେ ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ । ଶାରୀରିକ ଆରାମ ମିଳିବ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ । ରୋଜଗାର ସହଜ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଂଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାଲକାନଗିରି(ଭାସ୍କର ନ୍ୟୁଜ) : ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି ଠାରେ ଦିନିକିଆ ବ୍ଲକ ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନିରଂଜନ ମହାରଣା ଙ୍କ ସଭାପତିତ୍ୱରେ ରେ ଅନୁଷ୍ଠିତ ହୋଇ ଯାଇଛି। ତିନୋଟି ବ୍ଲକ ମାଲକାନଗିରି, କାଲିମେଲା ଓ ପଡ଼ିଆର କାଉନସିଲରମାନଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କାଉସିଲର ଶରତ ଚନ୍ଦ୍ର ଦାଶ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ମାଲାକାନଗିରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରିରୀକ ଅଧିକାର କାର୍ତ୍ତିକ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସ ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଡଃ ରଂଜନ କୁମାର ସ୍ୱାଇଁ ଓ ଏବଂ ତା ୦୮.୦୪.୨୦୨୫ ଚାରିଗୋଟି ବ୍ଲକ କୋରୁକୋଣ୍ଡା, ମାଥିଲି, ଖଇରପୁଟ, ଓ ଚିତ୍ରକୋଣ୍ଡାର ପ୍ରଶିକ୍ଷାର୍ଥୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଉମା ପ୍ରସାଦ ଦାଶ, ଜିଲ୍ଲା ବିଜ୍ଞାନ ଅଧିକାରୀ ଶରତ ରାଉତ, ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ଡଃ ରଂଜନ କୁମାର ସ୍ୱାଇଁ,ଜିଲ୍ଲା ଶାରିରୀକ ଅଧିକାର କାର୍ତ୍ତିକ ଚନ୍ଦ୍ର ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ,ଜିଲ୍ଲା ରେଡ଼କ୍ରସ ସଂଯୋଜକ ଭାନୁ ପ୍ରକାଶ ରାଓ ଓ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନିରଂଜନ ମହାରଣା ଉପସ୍ଥିତ ରହିଥିଲେ। ଏହି ଶିବିରରୁ ଜିଲ୍ଲା ପ୍ରଶାସନ ତରଫରୁ 'ଓଡ଼ିଆ ପକ୍ଷ -୨୦୨୫' ନିମନ୍ତେ ଅନୁଷ୍ଠିତ ରକ୍ତଦାନ କାର୍ଯ୍ୟକ୍ରମରେ ଆଠଜଣ ପ୍ରଶିକ୍ଷାର୍ଥୀ ରକ୍ତଦାନ କରିଥିଲେ ।



## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରିସରରେ ସାମାଜିକ ସୁରକ୍ଷା , ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓ ଅଲିମ୍ କୋ କମ୍ପାନୀ ମିଳିତ ସହଯୋଗ ରେ ଦିବ୍ୟାଙ୍ଗ ମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳ ଦେବ୍ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ



ସୁଧାଂଶୁ ପାତ୍ର, ଏ ବିଡ଼ିଓ କୃପାସିନ୍ଧୁ ନାୟକ, ଲମତାଗୁଡା ସରପଞ୍ଚ କୃଷ୍ଣ ସୌରା ମଞ୍ଚାସୀନ ରହି ଥିଲେ । ବିଧାୟକ ଶ୍ରୀ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ଯୋଗାଇ ଦିଆଯାଉ ଥିବା ସୁବିଧା ସମ୍ପର୍କ ରେ ନିଜ ଅଭିଭାଷଣ ମାଧ୍ୟମରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ୩ ଜଣ ଙ୍କୁ ସ୍ମାର୍ଟ ଫୋନ,୩ ଜଣଙ୍କୁ ଟ୍ରାଇ ସାଇକେଲ,୪ଜଣ ଶିଶୁଙ୍କୁ ଟିଏଲଏମ କିଟ, ୮ଜଣ ଙ୍କୁ ଏଲବ କିଟ,୬ଜଣଙ୍କୁ ହ୍ୱିଲ୍ ଚେୟାର, ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିଲା। ସମସ୍ତ କାର୍ଯ୍ୟକ୍ରମକୁ ତେନ୍ତୁଳିଖୁଣ୍ଟି ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରାଣା ,ସିପି ତପନ କୁମାର ମିଶ୍ର, ଆର ଡବ୍ଲ୍ୟୁ ଏସ ଏସ ଯନ୍ତ୍ରୀ,ସନ୍ତୋଷ କାଡ଼ାକା ,ବିପିସି ଉମା ମାହେଶ୍ୱରୀ,କିରଣ କୁମାର, ବ୍ଲକର ସମସ୍ତ ଯନ୍ତ୍ରୀ,ସମସ୍ତ ପଞ୍ଚାୟତ ଅଧିକାରୀ ପୂର୍ଣ୍ଣ ସହଯୋଗ କରି ଥିଲେ ।

## ମହୁଲ ବୋଝେଇ ପିକ୍‌ଅପ୍ ଜବତ



ମୁରିବାହାଲ (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତରାବାହାଲ ଛକରେ ସୋମବାର ସକାଳେ କଣ୍ଟାବାଞ୍ଜି ଅବକାରୀ ବିଭାଗ ଚଢ଼ଉ କରି ଏକ ମହୁଲ ବୋଝେଇ ପିକଅପକୁ ଜବତ କରାଯାଇଛି । ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବର ପାଇ କଣ୍ଟାବାଞ୍ଜି ଅବକାରୀ ବିଭାଗ ଏହି ପିକଅପ ( ଓଡି ୦୩ ଏନ - ୬୭୧୨ ) କୁ ପିଛା କରି ଧରିଥିଲା ଓ ଗାଡି ସାଙ୍ଗରେ ୧୧. ୭ କୁଇଣ୍ଟାଲ ମହୁଲ ଜବତ କରିବା ସହିତ ବାଗବାହାଲି ଗ୍ରାମର ଦାନେଶ ମହାକୁଡ ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ଚଢ଼ାଉ ସମୟରେ ଅବକାରୀ ବିଭାଗର ଓଆଇସି ସୁମିତ କୁମାର ସାହୁ, ଏଏସଆଇ ହିଙ୍ଗୁଳା ସାହୁ,କନେଷ୍ଟବଳ ପ୍ରଫୁଲ୍ଲ ନାଗ, ଚନ୍ଦନ ପଟେଲ ଉପସ୍ଥିତ ଥିଲେ । ତେବେ ସେହି ସ୍ଥାନରେ ହିଁ ଅବକାରୀ ବିଭାଗ ଅନ୍ୟ ଦୁଇଟି ମହୁଲ ଗାଡିକୁ ଅଟକାଇ ଥିଲେ ହେଁ କାହିଁକି ସେହି ଦୁଇ ଟି ଗାଡିକୁ ଧରିନଥିଲା ଓ କେବଳ ଏହି ଗାଡିକୁ ଧରିଥିଲା ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ବାବଦରେ ଓଆଇସି ସୁମିତ କୁମାର ସାହୁଙ୍କୁ ପଚାରିବାରୁ ଆମେ ଅନ୍ୟ ଦୁଇ ଗାଡି କାଗଜପତ୍ର ଠିକ ଥିବାରୁ ଛାଡିଥିଲୁ ବୋଲି ପ୍ରକାଶ କରିଥିଲେ ।

## ପୂର୍ବଶତ୍ରୁତାରୁ ଲୋମଟାଙ୍କୁରା ହତ୍ୟାକାଣ୍ଡ

ବେଲପାହାଡ(ଭାସ୍କର ନ୍ୟୁଜ) : ପୂର୍ବ ଶତ୍ରୁତାରୁ ବୀଭତ୍ସ ହତ୍ୟା। ପ୍ରଥମେ ଗାଡ଼ିରେ ଧକ୍କା ଦେଲେ । ପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କଲେ । ତଥାପି ଜୀବନ ନ ଯିବାରୁ ବସ୍ତାରେ ପୁରାଇ ଏକ କଲଭର୍ଟ ତଳ ହ୍ୟୁମ୍ ପାଇପ୍‌ରେ ଭର୍ତ୍ତି କରି ନିଆଁ ଲଗାଇ ପୋଡ଼ିଦେଲେ । ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ବରିହାପାଲି ଗ୍ରାମରେ ଘଟିଛି ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ । ମୃତକ ବନହରପାଲି ଥାନା ଦଲଗାଁ ପଞ୍ଚାୟତସ୍ଥିତ ବାଦିମାଲର ରୂପେଶ ପୂଝାରୀ (୫୦)। ବନହରପାଲି ଥାନା ଓ ଲଖନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି । ଦରପୋଡ଼ା ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଏଫ୍.ଏମ୍.ଟି କୁ ପଠାଯିବ ବୋଲି ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି । ଅଭିଯୁକ୍ତ ସୁଶୀଳ ରାଉତ (୪୮)କୁ ପୋଲିସ ଅଟକ ରଖି ସିନ୍ ରିକ୍ରିଏସନ୍ କରିଛି । ହତ୍ୟା ପଛରେ ପୂର୍ବ ଶତ୍ରୁତା କାରଣ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଟିଆର୍‌ଏଲ୍ କମ୍ପାନିରେ କାମ କରୁଥିବା ରୂପେଶ ସବୁଦିନ ପରି ଗତ ୫ ତାରିଖରେ ଡ୍ୟୁଟିକୁ ଯାଇଥିଲେ । ସେଠାରୁ ରାତିରେ ବି ସିଫ୍ଟ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ମାଝୀପଡ଼ାର ଧୁନେଚଟିପି ନିକଟରେ ସାମନାରୁ ବୋଲେରୋ ଯୋଗେ ଆସୁଥିବା ବାଦିମାଲ ଲିମତଲିଆ ପଡ଼ାର ସୁଶୀଳ ରାଉତ ତାଙ୍କୁ ଧକ୍କା ଦେଇଥିଲା । କିନ୍ତୁ ଏଥିରେ ରୂପେଶଙ୍କ ମୃତ୍ୟୁ ହୋଇନଥିଲା । ଏହି ଦୃଶ୍ୟ ଦେଖି ଉକ୍ତ ବୋଲେରୋରେ ଥିବା ଅନ୍ୟ ଜଣେ ବ୍ୟକ୍ତି ସେଠାରୁ ଦୌଡ଼ି ପଳାଇଥିଲେ। ଏହା ପରେ ସୁଶୀଳ ଏକ ବାଡ଼ିରେ ରୂପେଶଙ୍କୁ ପିଟି ପିଟି ଦରମରା କରିଥିଲା । ପରେ ତାଙ୍କୁ ବୋଲେରୋ ଗାଡ଼ିରେ ଭର୍ତ୍ତି କରି ଲଖନପୁର ଥାନା ଅନ୍ତର୍ଗତ ଜାମବେର୍ଣ୍ଣା ରାସ୍ତାରେ ଥିବା ବରିହାପାଲି ଗାଁର ଏକ କଲଭର୍ଟକୁ ନେଇ ଯାଇଥିଲା । ସେଠାରେ ଏକ ଅଖାବସ୍ତାରେ ରୂପେଶଙ୍କୁ ଭର୍ତ୍ତି କରି ହ୍ୟୁମ୍ ପାଇପ୍



ଭିତରେ ପୂରାଇ ଦେଇଥିଲା । ପ୍ରମାଣ ନଷ୍ଟ କରିବାକୁ କିରୋସିନ୍ ଢାଳି ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ସୁଶୀଳ ସେଠାରୁ ଫେରି ରୂପେଶଙ୍କ ସାଇକେଲକୁ ଏକ ମୋରମ୍ ଖାଲରେ ପକାଇ ଦେଇଥିଲା । ପରିବାର ଲୋକେ ରୂପେଶଙ୍କୁ ଖୋଜାଖୋଜି କରିଥିଲେ । ତେବେ ବୋଲେରୋରୁ ବାହାରି ଦୌଡ଼ି ପଳେଇଥିବା ଯୁବକ ଜଣକ ୭ତାରିଖ ଦିନ ରୂପେଶଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏହି ଆଧାରରେ ପରିବାର ଲୋକେ ବନହରପାଲି ଥାନାରେ ଏତଲା ଦେଇଥିଲେ । ପୋଲିସ ସୁଶୀଳଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ଘଟଣାକୁ ସ୍ୱୀକାର କରିବା ସହିତ ପୋଲିସକୁ ଘଟଣାସ୍ଥଳ ଦେଖାଇଥିଲା । ହତ୍ୟାରେ ବ୍ୟବହୃତ ବୋଲେରୋକୁ ପୋଲିସ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି । ବୁଧବାର ଅଭିଯୁକ୍ତଙ୍କୁ ବାନହରପାଲି ପୋଲିସ କୋର୍ଟଚାଲାଣ କରିଛି ।

## ଅବକାରୀ ବିଭାଗର ଚଢ଼ଉ

କୋଷାଗୁମୁଡା (ଭାସ୍କର ନ୍ୟୁଜ) :ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ,କୋଡୀଙ୍ଗା ଅବକାରୀ ବିଭାଗ ଓ ଥାନା କର୍ମଚାରୀମାନଙ୍କ ମିଳିତ ସହଯୋଗରେ କୋଡୀଙ୍ଗା ଥାନା ଅନ୍ତର୍ଗତ କୋଡୀଙ୍ଗା



### ୨୫ଲିଟର ମଦ ଜବତ

ପାଣିଟାଙ୍କି ରାସ୍ତାରେ ବରଗାଁ ଗ୍ରାମର ଘାସି କେଉଟ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୨୫ଲିଟର ଦେଶୀ ମଦ ଜବତ କରାଯିବା ସହ ଟିଭିଏସ ଏକ୍ସ ଏଲ ୧୦୦ ମୋପେଡ (ଓଡ଼ି ୨୪କେ ୯୯୯୩) ମଟର ସାଇକେଲ ମଧ୍ୟ ଜବତ କରାଯାଇଛି ।ତତ ସହିତ ଆସାମୀ ଘାସି କେଉଟକୁ ଏସଡ଼ିଜେଏମ ଙ୍କ ଅଦାଲତରେ ହାଜର କରାଯିବା ସହ ଭାଇଡ ପିଆରା ନମ୍ବର ୦୪/୨୦୨୫-୨୬ (ଇ ନବରଙ୍ଗପୁର ରେଞ୍ଜ ) ରେ ମକଦ୍ଦମା ରୁଜୁ କରାଯାଇଛି । ଏହି ଚଢ଼ାଉରେ କୋଡୀଙ୍ଗା ଥାନା ଅଧିକାରୀ ଦେଶରାଜ ସୁନା, ସହ ଉପନିରୀକ୍ଷକ ହଲଧର ଯାନୀ, ରିସମା ସୁନା ପ୍ରମୋଦ ବାଘ, ଆକ୍ରମ ଖାନ, ରମେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ନିଷ୍ଠା ସମତା ଅନ୍ତର୍ନିବେଶୀ ଶିକ୍ଷା ସଚେତନ କାର୍ଯ୍ୟକ୍ରମ

ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କରଣ ପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନିଷ୍ଠା ସମତା ଅନ୍ତ ନିବେଶୀ ଶିକ୍ଷା ଶିବିର ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସେଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗମ ମାଝୀ , ସାଧନା କର୍ମୀ ଅକ୍ଷୟ କୁମାର ସାମଲ, ଚିତ୍ତରଞ୍ଜନ ଦାସ, ସାଗର କୁମାର ପାତ୍ର, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶୁକଦେବ ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିଲେ। ଏହାର ମୂଳ ଲକ୍ଷ୍ୟ ହେଲା ସମସ୍ତ ଭିନ୍ନକ୍ଷମ ଶିଶୁଙ୍କୁ ୟୁ ଡି ଏଲ୍ ଢାଞ୍ଚା ମଧ୍ୟମରେ ସର୍ବଜନିତ ଶିକ୍ଷଣ



ବ୍ୟବସ୍ଥାରେ ଶିକ୍ଷାଦାନ କରିବା ମୂଳ ଲକ୍ଷ୍ୟ। ଏହି ଶିବିର ବ୍ଲକ ସ୍ତରରେ ବିଭିନ୍ନ ବିଦ୍ୟାଳୟ ରେ ଆଗକୁ ଚାଲିବ ବୋଲି ରାଇଘର ସମ୍ବଳ ଶିକ୍ଷକ ଶୁକଦେବ ମଲ୍ଲିକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବନଦୁର୍ଗା ମହୋତ୍ସବର ଦ୍ୱିତୀୟ ସଂଧ୍ୟା

ବଲାଙ୍ଗୀର(ଭାସ୍କର ନ୍ୟୁଜ) : ମହୋତ୍ସବ କେବଳ ମନୋରଂଜନର ମାଧ୍ୟମ ନୋହୋଇ ବିସ୍ଥାପିତଙ୍କ ସମସ୍ୟାର ସମାଧାନର ମଞ୍ଚ ହେଉ । ଲୋୟର ସୁକତେଲ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଗ୍ରାମବାସୀମାନଙ୍କର ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି । ବିସ୍ଥାପିତ କଲୋନୀରେ ସେମାନଙ୍କ ପାଇଁ ମୌଳିକ ସୁବିଧା କରାଯାଇପାରି ନାହିଁ । ବିସ୍ଥାପିତଙ୍କ ପାଇଁ ରହିଥିବା ସରକାରୀ ନିୟମର ଏଠାରେ ଖୋଲାଖୋଲି ଉଲଂଘନ କରାଯାଉଛି । ବିସ୍ଥାପନର ଦୁଇବର୍ଷ ପରେ ଲୋକଙ୍କୁ ଉଚିତ୍ କ୍ଷତିପୂରଣ ମିଳିନାହିଁ କିମ୍ବା ଥଇଥାନ କରାଯାଇ ପାରିନାହିଁ। ପ୍ରକଳ୍ପ ହେବା ସମୟରେ ଯେଉଁମାନେ ପ୍ରକଳ୍ପକୁ ସମର୍ଥନ କଲେ ସେମାନେ ପ୍ରଶାସନ ସହିତ ଆଲୋଚନା କରି ଉଚିତ୍ ଥଇଥାନ କରାଇବେ ବୋଲି କହୁଥିଲେ ,ସେମାନେ ଏବେ ମୁହଁ ମୋଡିଦେଇଛନ୍ତି । ବୃହତ୍ତର ସ୍ୱାର୍ଥପାଇଁ ଭିଟାମାଟି ଛାଡିଥିବା ଲୋକେ ଏବେ ଅପଦସ୍ତ ହେଉଛନ୍ତି । ଏବେ ସମୟ ଆସିଛି ବିସ୍ଥାପିତଙ୍କ ସହିତ ଛିଡାହୋଇ ତାଙ୍କର ସମସ୍ୟାକୁ ସମାଧାନ କରାଇବା ବୋଲି ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ପ୍ରକଳ୍ପ ତଳେ ମାଗୁରବେଢାଠାରେ ଚାଲିଥିବା ବନଦୁର୍ଗା ମହୋତ୍ସବର ଦ୍ୱିତୀୟ ଦିନରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ବନଦୁର୍ଗା ମହୋତ୍ସବ କମିଟିର ସଭାପତି ମାଗୁରବେଢା ସରପଞ୍ଚ ସଞ୍ଜୟ ଗଡତ୍ୟାଙ୍କ ସଭାପତିତ୍ୱ ଓ ବିକାଶ ରଂଜନ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବରେ ଚାଷୀନେତା ଆକାଶ ମିଶ୍ର, ସମ୍ମାନୀତ ଅତିଥିଭାବରେ ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଜତିନ ପଟେଲ, କୁଶମେଲ ସରପଞ୍ଚ କୌସ୍ତୁଭ ସାହୁ, ରତାଖଣ୍ଡି ସରପଞ୍ଚ ହୀମାଞ୍ଚଳ ମେହେର, କୁଶମେଲ ସମିତି ସଭ୍ୟ ବିରେନ୍ଦ୍ର ସାହୁ, ମାଗୁରବେଢା ସମିତି ସଭ୍ୟ ଦିଲିପ ଦାସ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ ।

## ୫ଦିନିଆ ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଆନୁକୁଲ୍ୟରେ ୫ଦିନିଆ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ମାଥିଲି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହେଉଛି । ଶିବିରକୁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମିହିର ମଣ୍ଡଳ ଉଦଘାଟନ କରିଥିଲେ । ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଦିବ୍ୟାଙ୍ଗ ଶିଶୁମାନଙ୍କୁ ଦିବ୍ୟାଙ୍ଗ ପ୍ରକାର ଭିତ୍ତି ରେ ଚିହ୍ନଟି କରଣ ଓ ବର୍ଗୀକରଣ କରିବା, ଶ୍ରେଣୀ ଗୃହରେ ସାଧାରଣ ଛାତ୍ରଛାତ୍ରୀମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ କିପରି ଶିକ୍ଷା ଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବା, ଶିକ୍ଷା ଗ୍ରହଣ କରିପାରିବା ନେଇ ତାଲିମ ପ୍ରଦାନ କରାଯାଉଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ




କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଥିବାବେଳେ ସମ୍ବଳ କର୍ମୀ ମଧୁସୂଦନ ନାୟକ, ରତ୍ନାକର ପାଳ, ସିଆରସିସି ଉମାକାନ୍ତ ଛୋଟରାୟ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି ।

## ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରାଣସୀକୁ ତୀର୍ଥଯାତ୍ରା

ନବରଙ୍ଗପୁର (ଭାସ୍କର ନ୍ୟୁଜ): ସ୍ଥାନୀୟ ମିଶନ ଶକ୍ତି ପରିସରରୁ ଅପରାହ୍ନ ଘ୫.୦୦ ମି ସମୟରେ ନବରଙ୍ଗପୁର ଜିଲ୍ଲାର ୧୪୮ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରାଣସୀକୁ ତୀର୍ଥଯାତ୍ରା କରିଛନ୍ତି ।ଏହା ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ।ଏହା ତୀଥ ଯାତ୍ରୀଙ୍କର ଚଳିତ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ଅଟେ ।ଏହି



ଅବସରରେ ମୁଖ୍ୟ ଅତିଥି ରୂପେ ବିଧାୟକ ଡ଼ାବୁଗାଁ ମନୋହର ରାନ୍ଧାରି ଯୋଗ ଦେଇ ତୀର୍ଥଯାତ୍ରୀଙ୍କ ଶୁଭମନାସି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପଞ୍ଜୀକୃତ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଯାତ୍ରା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ୪ ଟି ବସ ଯୋଗେ ତୀର୍ଥଯାତ୍ରୀ ମାନେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ରାୟଗଡ଼ା ଷ୍ଟେସନରୁ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବେ ।ଏହି ତୀର୍ଥଯାତ୍ରୀମାନେ ଆସନ୍ତା ୧୩.୪.୨୦୨୫ ତାରିଖ ଦିନ ପ୍ରତ୍ୟାଗମନ କରିବେ। ତୀର୍ଥଯାତ୍ରୀ ମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ପାଇଁ ୫ ଜଣ ନୋଡାଲ ଅଧିକାରୀ ଭାବରେ ପି ଇ ଟି ଶିକ୍ଷକ ଅଜିତ ପରିଜା, ଦିଲ୍ଲୀପ ଭଞ୍ଜ, ମନୋରଞ୍ଜନ ପ୍ରହରାଜ, ଭିବାସିଶ ଦେ, ସତ୍ୟବ୍ରତ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ଏହି ସମାରୋହରେ ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

## ନବଦିନ ଯାତ୍ରାର ଅନ୍ତିମ ଦିବସରେ ଶାଶୂଘରକୁ ଫେରିବେ ମା'

ଉମରକୋଟ(ଭାସ୍କର ନ୍ୟୁଜ) : ମା' ଜଗତଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଥିବାବେଳେ ମା' ଠାକୁରାଣୀ ଶାଶୂଘରୁ ବାପଘରକୁ ନଅ ଦିନ ପାଇଁ ବୁଲିବାକୁ ଆସିଥାନ୍ତି। ସୋମବାର ଆସି ମଙ୍ଗଳବାର ଦିନ ବିଶ୍ରାମ ନେଇ ପୁଣି ବୁଧବାର ଦିନ ମା' ଘରେ ପୂଜା ପାଇଁ ସହରର ଘରେ ଘରେ ବୁଲିଥାନ୍ତି। ଚୈତ୍ର ପ୍ରତିପଦା ତିଥି ଅର୍ଥାତ୍ ଚୈତ୍ର ବାସନ୍ତୀ ନବରାତ୍ରି ଯେଉଁ ଦିନ ଆରମ୍ଭ ହୋଇଥାଏ, ତାର ପରବର୍ତ୍ତୀ ସମୟରେ ଯେଉଁ ପ୍ରଥମ ସୋମବାର ପଡିଥାଏ ସେହିଦିନଠାରୁ ମା'ଙ୍କ ଏହି ନବଦିନ ଯାତ୍ରା ବା କଳସ ଯାତ୍ରା ଆରମ୍ଭ ହୋଇଥାଏ ।ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ବହୁ ବହୁ ପୁରାତନ କାଳରୁ ପରମ୍ପରା ରହିଆସିଛି। ଏହି ଯାତ୍ରାରେ ନଅଦିନ ଧରି ୯ ଗୋଟି କଳସି ଓ ଗୋଟିଏ ଫୁଲ ଚାଙ୍ଗୁଡି ଏବଂ ବିମାନ ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି ।ମା'ଜଗତଜନନୀ



ଠାକୁରାଣୀଙ୍କ ସହର ପରିକ୍ରମା ଆରମ୍ଭରେ ପ୍ରଥମେ ଭିତରଗଡ ଠାରେ ଥିବା ମୁଖ୍ୟ ପୂଜକ ଭୁବନ ପୂଜାରୀ ଙ୍କ ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ଠାକୁରାଣୀ ଙ୍କ ସହର ପରିକ୍ରମା ଆରମ୍ଭ ହୋଇଥିଲା । ମଙ୍ଗଳବାର ଦିନ ମାଁ ଜଗତଜନନୀ ଠାକୁରାଣୀ ତାଙ୍କ ଶାଶୂଘର ଘରକୁ ଫେରିଯାଇଥାନ୍ତି। ଏହି ସମୟରେ ସମସ୍ତ କଳସି ହାଣ୍ଡି କୁ କଞ୍ଚାଦୋଳିରେ ପୂଜକ ଝୁଲାଇବା ପରେ ପୂଜକଙ୍କ ଘରକୁ ଯାଇ ପୂଜାର୍ଚ୍ଚନା ପାଇଥାନ୍ତି। ପରେ ପୂଜକ ମା'ଙ୍କୁ ମନାଇ ତାଙ୍କୁ ବାଜା ବାଜଣା କରି ଝରିଗାଁ ରୋଡ ସ୍ଥିତ ମଙ୍ଗଳା ମନ୍ଦିର ଶାଶୁ ଘରକୁ ନେଇଯାଇଥାନ୍ତି। ଏହି ସମୟରେ ପୂଜକ ଭୁବନେଶ୍ୱର ପୂଜାରୀ,ଶିରା ଙ୍କ ସହ ପୂଜା କମିଟିର ସଭାପତି ସାଇନାରାୟଣ ପାଢ଼ୀ,ଉପ , କୋଷାଧ୍ୟକ୍ଷ ଗୋବିନ୍ଦ ମାଝୀ, ସମ୍ପାଦକ ସତ୍ୟନାରାୟଣ ମିଶ୍ର ଉପସଭାପତି ଆଶିଷ ରାଓ ଙ୍କ ସହ ପୂଜା କମିଟିର ସମସ୍ତ ସଦସ୍ୟ ବାରପାଲି ଗାଁ ର ରଇତ , ଶିରା, ପୂଜାରୀ ଙ୍କ ସହ ପୁରୁଣା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।।

## ଖଇର କାଠ ଜବତ
### ୪ ଗିରଫ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡିଆଳ ବନାଞ୍ଚଳ ଅଧୀନରେ ଥିବା ଉପରପିଟା ଗ୍ରାମ ନିକଟରେ ଖଡ଼ିଆଳ ବନ ବିଭାଗ ପକ୍ଷରୁ ରାତ୍ର ୩ ଘଣ୍ଟା ସମୟରେ ପେଟ୍ରୋଲିଂ କରୁଥିବା ବେଳେ ୧୩୩୦ କେଜି (୭୧ ଖଣ୍ଡ) ଖଇର କାଠ ଜବତ ହୋଇଛି । ଏହି ଖଇରସବୁ ଉପରପିଟା ଗ୍ରାମରୁ କଞ୍ଚାବାଞ୍ଜି ଚାଲାଣ ହେଉଥିଲା। ଚାରି ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା, କଞ୍ଚାବାଞ୍ଜିର ପ୍ରଦୀପ ଶର୍ମା (୫୩) କଞ୍ଚାବାଞ୍ଜିର ସଞ୍ଜୟ ସାହୁ, ବଲାଙ୍ଗୀର ଜିଲ୍ଲା, ବେଳପଡା ଗ୍ରାମର ଅଭିଷେଖ ବାଗ (୨୦) ସୁନ୍ଦରଗଡ ଜିଲ୍ଲା, ଉଦିତ ନଗର ଥାନା କରନ ଶର୍ମା (୨୬) ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ଦୁଇଟି ପିକଅପ ଗାଡି ଓଡ଼ି ୩୧ ୬୩୩୬, ଓ ଆର ୦୨ ଏ ଏମ ୪୮୧୫ ଓ ଓଆର ୦୩ ଜିଂ ୬୧୬ସ୍କୁଟି କୁ ଜବତ କରିଛି । କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।



ଫରେଷ୍ଟର ଖଗେଶ୍ୱର ମାଝୀ, ମହାଦେବ ବନ୍ଦିଛୋଁ, ରାଜେଶ ହରିଜନ, ସୁଦାମ ବାଗ, ପୁରୁଷୋତ୍ତମ ନାଗ, ନରେଶ ଦଣ୍ଡସେନା ପ୍ରମୁଖଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ବଲାଙ୍ଗୀର (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଯୁବାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମଙ୍ଗଳବାର ଦିନ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆମ ଖେଳଣା ଆମ ସଂସ୍କୃତି କର୍ମଶାଳା ଉତ୍ସବ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁକ୍ରମେ ତଥା ପ୍ରଧାନଶିକ୍ଷୟିତ୍ରୀ ସବିତା କୁମ୍ଭାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ସାଲେମୁଡ଼ଗା କ୍ଲଷ୍ଟରର ସିଆରସିସି ମୋହନ ବରିହା, କନ୍ଦେଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେଶ କୁମାର ନାୟକ, ମାଝୀପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଲୁହା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବାମାଲ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ରାଜକିଶୋର ବାରିକ ସହକାରୀ ଶିକ୍ଷକ, ଶ୍ରୀମତୀ ସଞ୍ଜୁ ପଟେଲ ସହକାରୀ ଶିକ୍ଷୟିତ୍ରୀ, ସ୍ଥିତିପ୍ରଜ୍ଞା ସ୍ୱାଇଁ (ଜୁନିଅର ଟିଚର ସ୍କିମାଟିକ), ଚେତସ୍ୱିନୀ ନାଏକ (ଜୁନିଅର ଟିଚର ସ୍କିମାଟିକ) ଏବଂ ସ୍କୁଲ ପରିଚାଳନା କାମିଟିର ସଭାପତି ପ୍ରଫୁଲ୍ଲ ହାତୀ ସମେତ ସମସ୍ତ ସଦସ୍ୟ ତଥା ଅଭିଭାବକ ଅଭିଭାବିକା, ମାତାପିତା ଓ ସମସ୍ତ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତ ମୁଖ୍ୟ ଅତିଥିଙ୍କୁ ଫୁଲମାଳ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା, ସମ୍ମାନୀତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ଓ ଆମ ଖେଳଣା ଆମ ସଂସ୍କୃତି କର୍ମଶାଳା ଉତ୍ସବ ଶୁଭାରମ୍ଭରେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ସର୍ବପ୍ରଥମେ ମାଆ ବୀଣାପାଣି ଓ ବିଘ୍ନ ବିନାଶକ ଗଣେଷଙ୍କ ଫୋଟୋରେ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା ।

## କୁଚିଣ୍ଡା ମହାବିଦ୍ୟାଳୟ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



କୁଚିଣ୍ଡା(ଭାସ୍କର ନ୍ୟୁଜ) : କୁଚିଣ୍ଡା ମହାବିଦ୍ୟାଳୟ ସ୍ଥିତ ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ରବିନାରାୟଣ ନାଏକ ମନ୍ତ୍ରୀ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ଓଡ଼ିଶା ସରକାର ଯୋଗ ଦେଇ ଫିତାକାଟି ଶିବିରର ଶୁଭାରମ୍ଭ କରିଥିଲେ। କୁଚିଣ୍ଡା ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ସୁଭଦ୍ରା ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ମନ୍ତ୍ରୀ ରବି ନାଏକ, ମୁଖ୍ୟ ବକ୍ତା ସୁବୋଧ ନାଏକ ଉପଖଣ୍ଡ ଚିକିତ୍ସା ଅଧିକାରୀ କୁଚିଣ୍ଡା, ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ଡ଼ଃ ଗୌରବମୟ ପ୍ରଧାନ ଓ କୁଚିଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଜୟନ୍ତ ସାହୁ ଯୋଗ ଦେଇ ରକ୍ତଦାନର ବିଶେଷତା ଗୁରୁତ୍ୱ ତଥା ରକ୍ତଦାତାଙ୍କ ମହାନତା ପାଇଁ ଉଦ୍ ବୋଧନ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ଯୁକ୍ତ ତିନି ବିଭାଗର ଏନ୍ ଏସ୍ ଏସ୍ ଅଫିସର ସୁଶ୍ରୀ ବେଲମତୀ କୁମୁରା। କୁଚିଣ୍ଡା ଉପଖଣ୍ଡର ଡାକ୍ତରଖାନାର ରକ୍ତ କେନ୍ଦ୍ରର କାର୍ଯ୍ୟକର୍ତ୍ତା ପ୍ରମୋଦ କୁମାର ପଟେଲ ଏବଂ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିବା କାର୍ଯ୍ୟରେ ସାହାଯ୍ୟ କରିଥିଲେ। ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ବହୁ ସଂଖ୍ୟକ ନୂତନ ରକ୍ତଦାତା ରହିଥିଲେ। କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏ.ସିଇ କମ୍ପ୍ୟୁଟର ସେଣ୍ଟର୍ ର ଛାତ୍ରଛାତ୍ରୀ, ବ୍ଲକ୍ ଅଫିସ ଓ ଅଗ୍ନିଶମ ବିଭାଗର କର୍ମକର୍ତ୍ତା,ଲାଇନ୍ସ କ୍ଲବ ଓ ମାରୱାଡ଼ି ଯୁବା ମଞ୍ଚର ସଦସ୍ୟମାନେ ରକ୍ତଦାନ କରିଥିଲେ। କୁଚିଣ୍ଡା ମହାବିଦ୍ୟାଳୟର ଏନ୍ ସି ସି ଅଫିସର ରୋଶନ କୁଲୁ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ମଞ୍ଜୁଶ୍ରୀ ଦାସ, ଓଡିଆ ବିଭାଗର ମୁଖ୍ୟ ଡଃ ମଞ୍ଜୁଶ୍ରୀ ସାହୁ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ସୁଧାଂଶୁ ମହାପାତ୍ର, ଅର୍ଥନୀତି ବିଭାଗର ଅଧ୍ୟାପକ ଦିବ୍ୟ ନାଗ, ବାଣିଜ୍ୟ ବିଭାଗର ମୁଖ୍ୟ ଦୀଲିପ ନନ୍ଦ ଓ ଅଧ୍ୟାପିକା ଜୟନ୍ତୀ ସିଂ ସମାଜ ସେବୀ ଅତୁଲ୍ୟ ଅଗ୍ରୱାଲ, ରାଜେଶ ଶର୍ମା, ବିରଞ୍ଚି ଦାର୍କା, ରିଙ୍କୁ କୁସୁମ ପ୍ରମୁଖ ଉପସ୍ଥିତ ରହିଥିଲେ ଏବଂ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏନ୍ ଏସ୍‌ଏସ୍‌ଓଏନ୍. ସି.ସି.ର ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଅଙ୍କିତ ମେହେର, ସାଗର ପଣ୍ଡିତ, ରାକ୍ଷୀ ଅର୍କ, ସନ୍ଧ୍ୟା ଅମାଦ, ନାଗାର୍ଜ୍ଜୁନ ବୁଡା ସହଯୋଗ କରିଥିଲେ ।

## ସିମେଣ୍ଟ ପାତ୍ରରେ ଜଳଛତ୍ର ବ୍ୟବସ୍ଥା

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପକ୍ଷରୁ ସହରର ବିଭିନ୍ନ ଛକ ରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ୨୦୨୫ ର ପ୍ରଚଣ୍ଡ ଖରାକୁ ଆଖି ଆଗରେରଖି ପ୍ରଥମ ଥର ପାଇଁ ଖଡ଼ିଆଳ ଏନ ଏ ସି ପକ୍ଷରୁ ସିମେଞ୍ଚ ପାତ୍ରରେ ଜଳ ଛତ୍ର ର ବ୍ୟବସ୍ଥା କରାଯାଇଛି। ଏଥିରେ ସହ ସହ ପଶୁ, ପକ୍ଷୀ, କୀଟ ପତଙ୍ଗ. ସରୀସୃପ ଯେତେ ବି ବୁଲା ଜାତୀୟ ପଶୁ ସାମ୍ପ୍ରଦାୟର ଗାଇ ଗୋରୁ, ମାଙ୍କଡ଼, ଉଡୁଥିବା ପକ୍ଷୀ, ବୁଲା କୁକୁର ସମସ୍ତେ ଏହି ଜଳ ଛତ୍ରର ପାଣି ପିଇଁ ପାରିବେ। ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ର ଏଭଳି କାର୍ଯ୍ୟକୁ ସାଧାରଣରେ ଖୁବ ପ୍ରଂଶସା କରାଯାଉଛି।



### ଦୋକାନ ଜବରଦଖଲ ଉଚ୍ଛେଦ ଘଟଣା

## ଥଇଥାନ ନ କଲେ ଆନ୍ଦୋଳନ ଚେତାବନୀ

ଖପ୍ରାଖୋଲ(ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ର ପାଟଣାଗଡ଼ରୁ ଖପ୍ରାଖୋଲ ମୁଖ୍ୟ ରାସ୍ତା ପ୍ରଶସ୍ତି କରଣ କାମ ଚାଲୁଥିବା ବେଳେ ଖପ୍ରାଖୋଲ ସଦର ମହକୁମା ମୁଖ୍ୟ ରାସ୍ତାକଡ଼ରେ ଥିବା ଜବର ଦଖଲ ଜମିରେ ବେଆଇନ ନିର୍ମାଣ ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ସୋମବାର ଉଚ୍ଛେଦ ଆରମ୍ଭ କରିଥିଲା। ମଙ୍ଗଳବାର ମଧ୍ୟ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଦୋକାନ ଘର ହରାଇଥିବା ଦୋକାନୀମାନେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଭେଟି, ଏହି ଦୋକାନ ମାଧ୍ୟମରେ ପରିବାର ପ୍ରତିପୋଷଣ କରୁଥିବାରୁ ତୁରନ୍ତ ସମସ୍ତ ଙ୍କୁ ଥଇଥାନ କରି ସରକାରୀ ସ୍ଥାନରେ ରାସ୍ତା କଡ଼ରେ ଦୋକାନ ଘର ଯୋଗାଇଦେବାକୁ ଦାବି କରିବା ସହିତ, ଥଇଥାନନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ଏନେଇ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୋକାନୀଙ୍କ ଦାବି ଜଣାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଦୋକାନ ଘର ଭାଙ୍ଗିବା ପରେ ଦୋକାନ ହରାଇଥିବା ଦୋକାନୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଯାଇଛି।

## ୧୧ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା



ଉମରକୋଟ(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନାରେ ଉମରକୋଟର ୧୧ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ଯାଇଛନ୍ତି। ସେଥିମଧ୍ୟରୁ ୧୦ ଜଣ ମହିଳା ଥିବାବେଳେ ଜଣେ ପୁରୁଷ ଅଛନ୍ତି। ଏହି ବରିଷ୍ଠ ନାଗରିକମାନେ ପ୍ରଥମେ ରାୟଗଡ଼ା ଯିବେ। ସେଠାରୁ ଅଯୋଧ୍ୟା ଓ ବାରାଣସୀ ଯିବେ। ରବିବାର ଦିନ ସମସ୍ତେ ଉମରକୋଟ ଫେରିବେ। ବିଦାୟକାଳୀନ ସମୟରେ ପୌରାଧ୍ୟକ୍ଷା ରାଧା ଭତ୍ରା, ନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଅନୁଗୁଳିଆ, ନାରାୟଣ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ନିଆଳି ପଂଚାୟତ ଗୋପାଳ ନଗର ଗାଁ ଗାୟା ସାହିରେ ଗତ ୭ତାରିଖ ସୋମବାର ରାତିରେ ୪୪ ତମ ଯାଦବ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତ୍ରିଲୋଚନ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କେଦାର ନାଥ ବେହେରା ଯୋଗ ଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ବଇଁଶୀ ଧର ବେହେରା, ବେନୁ ବେହେରା, ଲକ୍ଷ୍ମଣ ଦାଶ, ଜଗୁ କାଠୁଆ, ମନୁ ବେହେରା, କୈଳାସ ଦାଶ, ପବିତ୍ର ବେହେରା ଉପସ୍ଥିତ ରହିଥିବା ବେଳେ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ ରମେଶ ବେହେରା। ଲଉଡ଼ି ଖେଳ ରାମଶାଳୀ ପକ୍ଷରୁ ୧୭ ଟି ଟିମ ଭାଗ ନେଇଥିଲେ। ରାତି ତମାମ ଏହି ଖେଳ ଚାଲୁ ରହିଥିବା ବେଳେ ସମସ୍ତ ଟିମକୁ ସମାନ ଭାବରେ ଟ୍ରଫି ପ୍ରଦାନ କରାଯାଇଥିଲା। ଗୋପାଳ ଭାଇ ମାନଙ୍କ ପକ୍ଷରୁ ଏହି ପରମ୍ପରା ୪୪ ବର୍ଷ ହୋଇଆସୁଛି। ଗ୍ରାମବାସୀଙ୍କ ପକ୍ଷରୁ ଲଉଡ଼ି ଖେଳକୁ ପରିଚାଳନା କରୁଥିଲେ ରସାନନ୍ଦ ପରିଡା, ଅନ୍ତର୍ଯ୍ୟାମୀ ଦାଶ, ସହଯୋଗ କରିଥିବା ଗ୍ରାମବାସୀ ହେଲେ କାହ୍ନୁ ବେହେରା,କାଳନ୍ଦୀ ଦାଶ, ରବୀନ୍ଦ୍ର ଦାଶ, ଶ୍ରୀଧର ଦାଶ, ମାଧବାନନ୍ଦ ଦାଶ, ରମାକାନ୍ତ ଦାଶ, ମନୋରଞ୍ଜନ ବେହେରା ଓ ଗୋପାଳ ନଗରର ଗ୍ରାମବାସୀ ଉପସ୍ଥିତ ରହିଥିଲେ।



## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟ ପରାମର୍ଶଦାତାଙ୍କ...

ଜାଣିନାହାନ୍ତି। ସେମାନେ ନବୀନ ବାବୁ ଓ ବିଜୁ ବାବୁଙ୍କ ଆଦର୍ଶ ସଂପର୍କରେ ମଧ୍ୟ ଅବଗତ ନାହାନ୍ତି। ସେମାନେ କାହା ଇସାରାରେ ପରିଚାଳିତ ହେଉଛନ୍ତି ସେ ନେଇ ସେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ସ୍ୱାଭିମାନ ନଥିବା ସ୍ୱାର୍ଥବାଦୀମାନେ ଦଳର ନୁହନ୍ତି କି ଓଡ଼ିଶାର ନୁହନ୍ତି। ଓଡ଼ିଆ ଅସ୍ମିତା ପାଇଁ ବିଜେଡି ପରାଜିତ ହୋଇଛି। ଏତେ ପରେ ବି ଆମ ନେତା ନବୀନ ବାବୁ ବୋଲି ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନବୀନ ବାବୁ ଆମ ନେତା। ତାଙ୍କ ନେତୃତ୍ୱରେ ଦଳ ଏକ। ଠିକଣା ସମୟରେ ସେ ଠିକଣା ନିଷ୍ପତ୍ତି ନେଇଥାନ୍ତି। ଆବଶ୍ୟକତା ପଡ଼ିଲେ ଆଗକୁ ସେ ସଠିକ ନିଷ୍ପତ୍ତି ନେବେ। ସେ କହିଥିଲେ, ସବୁ ସାଂସଦ ଓ ଦାୟିତ୍ୱରେ ଥିବା ନେତାମାନେ ଗୋଟିଏ ଧାଡ଼ିରେ ଅଛନ୍ତି। ସମସ୍ତେ ନବୀନଙ୍କ ନିର୍ଦ୍ଦେଶରେ ଚାଲୁଛନ୍ତି ବୋଲି ସେ ରୋକ୍‌ଠୋକ୍ କହିଥିଲେ। ଅନ୍ୟପକ୍ଷରେ ଦଳର ଜଣେ ବରିଷ୍ଠ ନେତା ଭୂପିନ୍ଦର ସିଂ କହିଛନ୍ତି ଯେ ଦଳ ଭିତରେ କୌଣସି ଗୋଷ୍ଠୀ ନାହିଁ। ନବୀନ ଏକମାତ୍ର ନେତା। ତେବେ ଦଳର ନେତୃତ୍ୱ ବାହାର ଲୋକ ନେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କହିଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଶଙ୍ଖ ଭବନରେ ପୁଣିଥରେ ବିଜେଡିର ବରିଷ୍ଠ ନେତାମାନେ ବୈଠକ କରିଥିବା ସୂଚନା ମିଳିଛି। ଏହି ବୈଠକରେ ଦେବୀ ମିଶ୍ର, ପ୍ରତାପ ଜେନା, ଅଂଶୁମାନ ମହାନ୍ତି, ପ୍ରତାପ ଦେବ, ଅରୁଣ ସାହୁ, ମୁନ୍ନା ଖାଁ, ଗଣେଶ୍ୱର ବେହେରା, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ ମାଝୀ ଓ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିବା ଜଣାପଡ଼ିଛି।

### ୨୨ ନକ୍ସଲଙ୍କ...

ନାମରେ ୮ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ପିଏଲଜିଏ ସଦସ୍ୟ ମହେଶ ପୁନମ୍‌ଙ୍କ ନାମରେ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତେବେ ଆତ୍ମ ସମର୍ପଣ କରିଥିବା ନକ୍ସଲମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେମାନେ ଆତ୍ମନିର୍ଭରଶୀଳ ହୋଇ ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ ହୋଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ବିଜାପୁର ଏସ୍‌ପି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଜାପୁର ଜିଲ୍ଲାରେ ୧୭୯ଜଣ ନକ୍ସଲ ଆତ୍ମସମର୍ପଣ କରି ସାରିଲେଣି। ସେହିପରି ବସ୍ତରରେ ୭୯୨ଜଣ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ନୂତନ ନିୟମ ଅନୁଯାୟୀ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ୩ ଦିନର...

ଜଣେ ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଡିସ୍‌ଚାର୍ଜ ହେବାଦିନ ସେ ଉକ୍ତ ଶିଶୁପୁତ୍ରକୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଏଥିପାଇଁ କାବୁ ନାମକ ଟିଟିଲାଗଡ଼ର ଜଣେ ଯୁବକ ମଧ୍ୟସ୍ଥି ସାଜିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ମହିଳା ଜଣକ ଟଙ୍କା ନେଇ ଶିଶୁପୁତ୍ରକୁ ବିକିଥିବା ସ୍ୱୀକାର କରିଛି। ଶିଶୁପୁତ୍ରଟି ବିକ୍ରି ପରେ ତାକୁ ରାଉରକେଲା ଚାଲାଣ କରାଯାଇଥିବା ସୂଚନା ମିଳିଛି। ପ୍ରଥମରୁ ଜଣେ ପଡୋଶୀଙ୍କୁ ଶିଶୁପୁତ୍ରଟି ପାଳିବା ପାଇଁ ଦେଇଥିବା କଥା ଜନ୍ମଦାତ୍ରୀ କହିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଟଙ୍କା ନେଇ ବିକିଥିବା ସ୍ୱୀକାର କରିଛନ୍ତି। ତେବେ ଦାରିଦ୍ର୍ୟରୁ ଏଭଳି ଘଟଣା ଘଟିଥିବା କୁହାଯାଉଥିବାବେଳେ ମହିଳା ଜଣକ କିପରି ଓ କେଉଁ ପରିସ୍ଥିତିରେ ଶିଶୁପୁତ୍ରକୁ ବିକିଲେ ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟ ସରକାର ଗରିବମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଜଣେ ମହିଳା ୩ ଦିନର ଶିଶୁପୁତ୍ରକୁ ଅର୍ଥର ଅଭାବ ପାଇଁ ବିକିଦେବା ଘଟଣା ରାଜ୍ୟସାରା ଆଲୋଡ଼ନ ସୃଷ୍ଟି କରିଛି।


**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ରେଳବାଇ ମ୍ୟାନେଜର/(ଇଞ୍ଜିନିୟର), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବ ଅନୁମତିପ୍ରାପ୍ତ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନଂ., ଟେଣ୍ଡର ନୋଟିସ୍ ନମ୍ବର ଏବଂ କାର୍ଯ୍ୟର ନାମ : ୧. ସିକେପି-ସେଣ୍ଟ୍ରାଲ୍-୨୫-୨୬-୦୧। ଆରସିସି ଜ୍ୟାକେଟିଂ ଏବଂ ବିଦ୍ୟମାନ ୨୦ ଫୁଟ ଗିର୍ଡରକୁ ପିଏସସି ସ୍ଲାବ୍ ବ୍ରିଜରେ ପରିବର୍ତ୍ତନ କରି ପ୍ରମୁଖ ସେତୁଗୁଡ଼ିକର ସୁଦୃଢ଼ୀକରଣ (ଦ୍ୱିତୀୟ କଲ୍)। ଟେଣ୍ଡର ମୂଲ୍ୟ: ଟ.୧,୮୦,୦୩,୭୭୪.୭୪, ସର୍ବଶ୍ରେଷ୍ଠ ଟଙ୍କା ଜମା : ଟ.୨,୪୦,୦୦୦/-। ୨. ଆଡ଼େନ/ଦକ୍ଷିଣ/ସିକେପି (୨ୟ କଲ୍)ଙ୍କ ଅଧିକାର କ୍ଷେତ୍ର ଅଧୀନରେ ସିକେପି-ସେଣ୍ଟ୍ରାଲ-୨୫-୨୬-୦୨ ସେତୁ ନମ୍ବର ୨୧୬ (ଅପ୍ ଏବଂ ଡାଉନ୍), ୨୦୬ (ଡାଉନ୍), ୨୦୨ (ଅପ୍ ଏବଂ ଡାଉନ୍)ର ଆର୍‌ସିସି ଜ୍ୟାକେଟିଂ ଏବଂ ଅନ୍ୟାନ୍ୟ ଭୁଲ କାର୍ଯ୍ୟ ଏବଂ ସେତୁ ନମ୍ବର ୧୮୪ର ବାକି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୨,୮୦,୦୨,୮୪୦.୧୮। ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୨,୯୦,୦୦୦/-। ୩. ସିକେପି-ସେଣ୍ଟ୍ରାଲ-୨୫-୨୬-୦୩। ଏସ୍‌ଏସ୍‌ଇ/ୱାର୍କସ/ଡିଏମ୍‌ଏଫ୍, ଜେଇ/ ୱାର୍କସ/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ପିଓ୍ୱେ / ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପିଓ୍ୱେ / ଡିଏମ୍‌ଏଫ୍‌ର ବ୍ୟବହାର ପାଇଁ ଇନ୍ଧନ ଏବଂ ଡ୍ରାଇଭର ସହିତ ୨୪ ଘଣ୍ଟା ପାଇଁ ୧ ଟନ୍ ଟ୍ରକ୍ ରୋଡ୍ ଯାନ (ଚାର ଚକିଆ ଯାନ) ନନ୍-ଏସି ଭଡ଼ା(୨ୟ କଲ୍)। ଟେଣ୍ଡର ମୂଲ୍ୟ: ଟ.୬୬,୨୪,୦୦୦/-। ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୧,୩୨,୫୦୦। ପ୍ରତ୍ୟେକ ପାଇଁ ତିନି ବର୍ଷ ସମୟ। ଟେଣ୍ଡର ଫର୍ମର ମୂଲ୍ୟ: ପ୍ରତ୍ୟେକ ପାଇଁ ଟ.୦। ଖୋଲିବାର ତାରିଖ: କ୍ରମିକ ନଂ. ୧ ପାଇଁ ୨୮.୦୪.୨୦୨୫, କ୍ରମିକ ନଂ.୨ ପାଇଁ ୩୦.୦୪.୨୦୨୫ ଏବଂ କ୍ରମିକ ନଂ.୩ ପାଇଁ ୨୯.୦୪.୨୦୨୫। ଟେଣ୍ଡରଟି ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପଲୋଡ୍ କରିବାକୁ ପଡିବ। ଟିପ୍ପଣୀ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃପକ୍ଷ-ରାୟଲ. ବିଡି.ଙ୍କ ଚିଠି ସଂଖ୍ୟା ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ ୧୬.୦୭.୨୦୨୦)।

(PR-32)



**AFFIDAVIT**

By virtue of an affidavit sworn before The Executive Magistrate, Sanakhemundi, Ganjam, dated: 03.04.2025, I Tukuna Das, Address: At-Dharmaraypur, PO-P.Ramchandrapur, PS-Pattapur, Dist- Ganjam, Odisha, PIN-761013, declare that I have changed my daughter's name from Adyasa Das to Priyadarshini Das. Henceforth, She shall be known as Priyadarshini Das for all purposes.

**Sd/- Tukuna Das**



**AFFIDAVIT**

By virtue of an affidavit sworn before the Executive magistrate Tentulikhunti Dtd : 08/04.2025 I TILATAMA BHATRA 22 yrs. D/o KUMA CHALAN and W/o GUPTA BHATRA At-Padeiguda po-patraput PS-tentulikhunti Dist-nabarangpur , declare that I have changed my sarname from TILATAMA CHALAN to TILATAMA BHATRA , TILATAMA BHATRA and TILATAMA CHALAN being one and same person .this affidavit is required to be produce before the concerned bank Authority for necessary action .



**AFFIDAVIT**

By virtue of an affidavit sworn before Notary Public, Biswanathpur, Kalahandi, dated: 2.03.2025, I Archana Boi, D/o-Karna Boi, resident of village/post-Kesinga, ward no-3, PS- Kesinga, Dist-Kalahandi, declares that my actual & correct name Archana Boi which is mentioned in voter Identity card. But in BSE Certificate as Archana Bal & in Aadhar Card as Sushant Boy. Archana Boi & Archana Bal & sushant Boy is same and one person myself. D/o- Karna Boi (Father) & Puspa Boi (Mother). This affidavit is to be produced before concerned authority for necessary action.

**Sd/- Archana Boi**



**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated: 04.04.2025, I Dhruba Charan Khatua, Address: At- Katakia Sahi, PO-Balarampur, PS-Athagarh, Dist- Cuttack, Odisha, PIN-754029, declare that I have changed my son's name from Swadhin Khatua to Dibyajyoti Khatua. Henceforth he shall be known as Dibyajyoti Khatua for all purposes.

**Sd/- Dhruba Charan Khatua**


# କଳାହାଣ୍ଡି କପ୍-୨୦୨୫ ଉଦ୍‌ଯାପିତ

କଟକ (ଭାସ୍କର ନ୍ୟୁଜ): ଓସିଏ ପକ୍ଷରୁ ଆୟୋଜିତ କଳାହାଣ୍ଡି କପ୍-୨୦୨୫-ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସଫଳତାର ସହ ଉଦ୍‌ଯାପିତ ହୋଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଗତ ମାର୍ଚ୍ଚ ୧୮ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ୩୮ଟି ଟିମ୍ ୬ ଭାଗରେ ବିଭକ୍ତ ହୋଇ ଅଂଶଗ୍ରହଣ କରିଥିଲେ। ମୋଟ ୧୦୯ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ର ଚୂଡ଼ାନ୍ତ ପର୍ଯ୍ୟାୟରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଥିଲା। କଟକ- କ ଅନର୍ସଅପ୍ ହାସଲ କରିଥିଲା। ସୁନ୍ଦରଗଡ଼ର ସାହିଲ ପ୍ରସାଦଙ୍କୁ ପ୍ଲେୟାର ଅଫ୍ ଦ ଫାଇନାଲ ଘୋଷଣା କରାଯାଇଥିଲା। ସୁନ୍ଦରଗଡ଼ ଟିମ୍‌କୁ ୨ଲକ୍ଷ ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିବାବେଳେ କଟକ-କ କୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ସଂପାଦକ ଅଭିଜିତ ପାଉଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଅତିଥିମାନେ ସମ୍ବର୍ଦ୍ଧିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସଂପାଦକ ସଞ୍ଜୟ ବେହେରା ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏର ସୁଶାନ୍ତ କୁମାର ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ, ଶିବବ୍ରତ ମଲ୍ଲିକ, ଅମିତ ବେହେରା, ନିର୍ବାଣ ରାୟ, ସନ୍ତୋଷ ଦାସ, ତଡ଼ିତ ରାଉତ, ଗୌତମ ଗଜପତି ଏବଂ ନୃଶିଂହଚରଣ ଚୌଧୁରୀ ଉପସ୍ଥିତ ଥିଲେ।





**AFFIDAVIT**

By virtue of an affidavit sworn before The Executive Magistrate, Khordha, dated: 24.03.2025, I Urmila Champati, W/o- Ratikanta Champati, At/Po-Ramachandi, PS-Khordha Sadar, Dist-Khordha, declare that I have changed my name from Umarani Champati to Urmila Champati. Henceforth I shall be known as Urmila Champati for all purposes.

**Sd/- Urmila Champati**



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-04-2025, ତା.02.04.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ମେନ୍ ଲାଇନ୍‌ରେ ରମ୍ଭା-ହୁମା ଷ୍ଟେସନଗୁଡ଼ିକ ମଧ୍ୟରେ (1) ଲେଭେଲ କ୍ରସିଙ୍ଗ୍ ନଂ.275 ପରିବର୍ତ୍ତେ ରେଳୱେ କି.ମି.556/1-3 ଠାରେ ସ୍ପାନ୍ (1x36m କମ୍ପୋଜିଟ୍ ଗର୍ଡର+1x18m କମ୍ପୋଜିଟ୍ ଗର୍ଡର) ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ଏବଂ (2) କି.ମି.558/01-03 ଠାରେ ଲେଭେଲ କ୍ରସିଙ୍ଗ୍ ନଂ.276 ପରିବର୍ତ୍ତେ ରେଳୱେ କି.ମି.557/39-41 ଠାରେ ସ୍ପାନ୍ (1x36m କମ୍ପୋଜିଟ୍ ଗର୍ଡର) ସହିତ ରୋଡ଼ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳୱେ ଅଂଶ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 29 କୋଟି, EMD (ଟଙ୍କାରେ): 16,03,700/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.05.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉତ୍ତର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/RSP/ ଭୁବନେଶ୍ୱର

PR-3/CI/25-26



**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 09.04.2025, I Santosh Kumar Nayak, Address: village/Town- Durdura, PS- Nayagarh, Dist-Nayagarh, Odisha, PIN-752094, declare that I have changed my daughter's name from Adya Amrusha Nayak to Adya Amrusha. Henceforth She shall be known as Adya Amrusha for all purposes.

**Sd/- Santosh Kumar Nayak**



**AFFIDAVIT**

By virtue of an affidavit sworn before The Executive Magistrate, Kanas, dated: 07.04.2025, I Aladin Patsani, Address: village-Garhsanput, Po-Garhsanput, PS- Kanas, Dist- Puri, Odisha, PIN-752060, declare that I have changed my name from Allajini Patasani to Aladin Patsani. Henceforth I shall be known as Aladin Patsani for all purposes.

**Sd/- Aladin Patsani**


# ବ୍ଲକ କାର୍ଯ୍ୟାଳୟ ପରିସରରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ଶୁଖିଲା ବରଗଛ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବିରାଟ ବର ଗଛ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି।ଗଛଟି ପୁରା ଶୁଖିଯାଇଥିବା ବେଳେ ଉପରୁ ଛୋଟ ଛୋଟ ଡାଳ ଖସି ତଳେ ପଡୁଛି।ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧାରୁ ଅଧିକ ବିଭାଗର କାର୍ଯ୍ୟାଳୟ ଗୁଡିକ ରହିଛି।ପ୍ରତିଦିନ ଉକ୍ତ କାର୍ଯ୍ୟାଳୟ ଗୁଡିକୁ ଶତାଧିକ ଲୋକେ ନିଜ ନିଜ କାମ ପାଇଁ ଆସିଥାନ୍ତି।ହେଲେ ସେମାନଙ୍କ ଜୀବନ ପ୍ରତି ଏବେ ବିପଦ ଦେଖା ଦେଇଛି।ଶୁଖିଲା ବର ଗଛଠୁ କିଛି ଦୂରରେ ମିଶନ ଶକ୍ତି,କୃଷି ବିଭାଗଓ ବ୍ଲକ କାର୍ଯ୍ୟାଳୟ ରହିଥିବା ବେଳେ ବ୍ଲକ ସଭାଗୃହ,କେ ସି ସି ବ୍ୟାଙ୍କ ଓ ଆଇସିଡ଼ିଏସ ଅଫିସ ଗଛ ମୂଳରେ ରହିଛି।ଗଛଟି ଶୁଖି ବହୁ ଦିନ ହୋଇଥିବାରୁ କେତେ ବେଳେ କାହା ଉପରେ ପଡ଼ିବ ତାହା କହିବା ମୁସ୍କିଲ।ତେଣୁ କିଛି ଅଘଟଣ ଘଟିବା ପୂର୍ବରୁ ବ୍ଲକ ପ୍ରଶାସନ ତୁରନ୍ତ ଶୁଖିଲା ଗଛକୁ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି।




**ଜଳସମ୍ପଦ ବିଭାଗ,ଓଡ଼ିଶା ସରକାର ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା:EE-DD-CTC- 01/ 2025-26**

A-29

୧. କାର୍ଯ୍ୟର ନାମ: ମୋଟ ୦୨ (ଦୁଇ) ଗୋଟି ଜଳନିକାସ କାର୍ଯ୍ୟ।

୨. ଅଟକଳ ମୂଲ୍ୟ: ୭୩.୫୧ ଲକ୍ଷ ଟଙ୍କା ଏବଂ ୮୩.୭୫ ଲକ୍ଷ ଟଙ୍କା।

୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୦୯ (ନ) ମାସ।

୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା. ୧୧.୦୪. ୨୦୨୫ ର ୧୧.୦୦ ଘଣ୍ଟା ରୁ ତା.୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।

୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା. ୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା।

୬. ନିଲାମ ଡ଼ାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଜନ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩; ଇ-ମେଲ : eeddcuttack@gmail.com.

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧି ପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ ରେ ପ୍ରକାଶ କରାଯିବ।

ନିର୍ବାହୀ ଯନ୍ତ୍ରୀ
ଜଳନିକାସ ବିଭାଜନ, କଟକ

OIPR 32466/11/0003/2425



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
MEGALIFT PROJECTS DIVISION, SUNDARGARH
At:1st Floor, Sundargarh Irrigation Division,Sankara-770020
e-mail: eemegalift.sng@gmail.com

A-27

**QUOTATION CALL NOTICE No. 01/2025-26 Dated : 08/04/2025**

Sealed quotations are invited from interested reputed Travel agencies/ Tour operators/ Private individuals having valid GST, PAN Card etc. for providing one number of AC petrol/ diesel driven vehicle or BS-VI compliant petrol/ diesel vehicle (TUV 300/Bolero/ Sumo Gold/ Ertiga ) having seating capacity not more than 7(Seven) including Driver (which shall confirm to the terms & conditions of the quotation call notice) for official use of Executive Engineer, Megalift Projects Division, Sundargarh for inspection of the project work & official work on monthly rent basis.

Please visit website *https://dowrodisha.gov.in* or *https://sundargarh.odisha.gov.in* for details Date & time of availability of Quotation Document from 10.00 A.M. Date. 08/04/2025 to 3.00 P.M. Dt. 19/04/2025. The last date & time of sale and receipt of Quotation is 3.00 P.M. Dt. 19/04/2025 respectively and to be opened on the same date at 3.30 P.M.

Sd/-Executive Engineer
Megalift Projects Division
Sundargarh

OIPR 32546/11/0001/2425



**WORKS DEPARTMENT**

B-11

OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 1 /2025-26
No. 2655 / dt- 05.04.2025

Nature of work: - Civil Work and Electrical Works
Number of works: -2(Two) No's
Amount put to Tender: - Rs.17.39 to 72.34Lakhs
Class of Contractor: B Class
Date & Time of availability of bid document in the portal: - ...10.04.2025 at 11.00 AM
Last Date / Time of receipt of bid in the portal: ......17.04.2025........up to 05.00 PM
Date of opening of bid: - Dt......19.04.2025 at 11.30 AM
Name & address of the Office inviting bid: - Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only.

Sd/-Superintending Engineer
Bhadrak (R&B) Division

OIPR 34079/11/0020/2425



**NATIONAL COMPETITIVE BIDDING THROUGH e-Procurement**
Tel. No.06752222092, e-mail id-eerwpuri@gmail.com
**TCN NO. TENDER ONLINE - 02 OF 2025-26**
No. 4307 /Dt. 07.04.2025

O-32

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri.

1.Total no. of works: **2 nos.**

2 .Tender cost of packages: Amount varies from **Rs.71.64 lakhs**

3.Class of contractor: **As per DTCN.**

4.Period of completion: **5 (Five) Calendar months.**

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri. | Online- 02 | 17.04.2025 at 11.00 A.M. | 30.04.2025 up to 5.00 P.M. | 29.04.2025 up to 01.30 P.M. | 01.05.2025 at 12.00 Noon Office of the S.E., R.W. Division, Puri. | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

Sd/-Superintending Engineer,
R.W. Division, Puri.

OIPR 25065/11/0017/2425



**OFFICE OF THE ROURKELA MUNICIPAL CORPORATION**
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com

C-66

No. 4923 Date. 08.04.2025

**Quotation call Notice for Supply of Sanitation item for Aahaar Kendras under Rourkela Municipal Corporation**

Sealed quotation are invited from the intending Suppliers/ Agencies Dealer having PAN, valid GST certificate and Trade License for Supply of Sanitation item for Aahaar Kendras under Rourkela Municipal Corporation.

The sealed Quotation should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before **15.04.2025** by 5.00 PM through postal/ courier/ speed post/ registered post or by hand . The Quotation will be opened on **16.04.2025** at 11.30 AM in presence of the bidders who wish to attend.

Details terms and conditions of the quotation can be downloaded from the official website of Rourkela Municipal Corporation (www.rmc.nic.in).

The undersigned reserves the right to negotiate or reject / cancel any or all the Quotations at any time without assigning any reason thereof.

Sd/-Commissioner
Rourkela Municipal Corporation

OIPR 13131/11/0115/2425



GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)

B-08

Ltr. No.4885 // Dtd.03.04.2025

**INVITATTIONS FOR BIDS ( IFB)**

**E-Procurement Bid Identification No. S.E –BNJ-R&B- 01 / 2025-26.**

1. Name of work :- Electrical Works
2. No. of works :- 2 Nos. Electrical Work
3. No. of Covers :- Single Cover
4. Estimated cost :- Rs.12.85 to 19.49 lakhs
5. Period of Completion :- Three Calendar Month.
6. Date of time of availability of bid document in the portal :- From 12.00 Noon of dated 10.04.2025 to 5.00 P.M. of dated 25.04.2025.
7. Last date/time for receipt of bids in the portal :- Up to 5.00 PM. of dated 25.04.2025.
8. Date of opening of bid documents :- At 11.00 A.M. of dated 28.04.2025.
9. Class of Contractor :- "HT" Elect. Contractor
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Sd/- Superintending Engineer
Bhanjanagar (R&B) Division

OIPR 34015/11/0025/2425



**Government of Odisha "e" Procurement Notice**
**Bid Identification No 05 of 2025-26**

O-36

1. Name of the Work: - Construction of check dams for Rural Piped Water Supply scheme.

(Refer DTCN available in the website: - tendersorissa.gov.in)

2. Total No of work :- 03 Nos.
3. Estimated Cost :- Rs. 123.63 Lakh to 228.03 Lakh
4. Eligible Bidder :- 'B' & 'A' class Contractor
5. Period of Completion: - 10 (ten) Months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 05 of 2025-26 | Dt. 16.04.2025 At. 10.00 Hrs | Dt. 30.04.2025 Up to. 13.30 Hrs | Dt. 01.05.2025 at 11.00 A.M |

Further details can be seen from the website *www.tendersorissa.gov.in*

Corrigendum, if any, will be uploaded in website only.

Sd/-Executive Engineer
RWS&S Division, Phulbani

OIPR 25006/11/0009/2425



**OFFICE OF THE REGULATED MARKET COMMITTEE, PADAMPUR**
No. 102 /Dated. 07.04.2025

H-01

*Government Of Odisha "e" procurement of Notice.*
*Bid Identification No. 01 of 2025-26*
*( Ref- TCN No. 99 / dated 07.04.2025 )*

| Sr.No. | Item | Details |
|---|---|---|
| 1 | The Sub-collector-Padampur-cum-Chairman, RMC Padampur invites percentage rate bids in single cover system in ONLINE MODE only for work as detailed below: | |
| 2 | Nature of the work | Construction of building type works. |
| 3 | No of work | 10 Nos |
| 4 | Bid Cost | Rs.6000.00 online transfer. |
| 5 | Value of Tender | Rs 37.62 lakhs to Rs. 37.92 lakhs |
| 6 | Class of Contractor | "C" & "B" Class |
| 7 | Availability of BID Documents in the website | Dt 09.04.2025 to 23.04.2025 |
| 8 | Last date/time of Receipt of bids in the portal | Dt 23.04.2025 up to 5.00 P.M |
| 9 | Date of opening of bid | Dt 24.04.2025 at 11.30 A.M |
| 10 | The Bidders have to participate in ONLINE bidding only. Further details can be seen from the website :*https://tendersorissa.gov.in*. Any Addendum/Corrigendum/Cancellation of the Tender etc can also be seen in the website:*https://tendersorissa.gov.in* . | |

Sd/-
Sub-Collector, Padampur -Cum- Chairman,
R.M.C. Padampur

OIPR 07044/11/0006/2425




ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ବିମାନରେ ପୁଣି ଥରେ ପରିସ୍ରାକୁ ନେଇ ବିବାଦ ଦେଖାଦେଇଛି। ଦିଲ୍ଲୀରୁ ବ୍ୟାଙ୍କକକ୍ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୨୩୩୬ର ବିଜନେସ୍ କ୍ଲାସରେ ଜଣେ ପୁରୁଷ ଯାତ୍ରୀ ଏକ ଘରୋଇ କମ୍ପାନିର ବଡ଼ ଅଧିକାରୀଙ୍କ ଉପରେ ପରିସ୍ରା କରିଥିବା ନେଇଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। କ୍ରିୟୁ ସଦସ୍ୟ ପୀଡ଼ିତ ଯାତ୍ରୀଙ୍କୁ ଅଭିଯୋଗ କରିବାରେ ସହଯୋଗ କରିବେ ବୋଲି କହିଥିଲି, କିନ୍ତୁ ସେ ଏପରି କରିବାକୁ ମନା କରିଛନ୍ତି। ବିମାନ ବ୍ୟାଙ୍କକରେ ଲ୍ୟାଣ୍ଡ୍ କରିବା ବେଳେ ଏହି ଘଟଣା ଘଟିଥିଲା। ମାମଲା ବଢ଼ିବା ପରେ ଯାତ୍ରୀ ଜଣକ ପୀଡ଼ିତଙ୍କୁ କ୍ଷମା ମାଗିଛନ୍ତି। ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି, ଏପ୍ରିଲ୍ ୯ରେ ଦିଲ୍ଲୀରୁ ବ୍ୟାଙ୍କକକ୍ ଯାଉଥିବା ବିମାନ ଏଆଇ ୨୩୩୬କୁ କଣ୍ଟ୍ରୋଲ କରୁଥିବା କେବିନ୍ କ୍ରିୟୁଙ୍କୁ ଜଣେ ଅନିୟନ୍ତ୍ରିତ ଯାତ୍ରୀଙ୍କ ଦୁର୍ବ୍ୟବହାର ସୂଚନା ମିଳିଥିଲା । କ୍ରିୟୁ ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରିଥିଲେ ଓ ମାମଲା ସମ୍ପର୍କରେ ଅଧିକାରୀଙ୍କୁ ସୂଚନା ଦିଆଯାଇଛି।

## ନବକାର ମହାମନ୍ତ୍ର ଦିବସ ସମାରୋହକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ନବକାର ମହାମନ୍ତ୍ର ଦିବସ ସମାରୋହକୁ ଉଦଘାଟନ କରିବା ସହିତ ଏଥିରେ ଅଂଶଗ୍ରହଣ କରିଥିଲେ। ସଭାକୁ ସମ୍ବୋଧିତ କରି ସେ ନବକାର ମନ୍ତ୍ରର ଗଭୀର ଆଧ୍ୟାତ୍ମିକ ଅନୁଭୂତି ଉପରେ ଆଲୋକପାତ କରିବା ସହ ମନକୁ ଶାନ୍ତି ଓ ସ୍ଥିରତା ଆଣିବାର କ୍ଷମତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶବ୍ଦ ଓ ଚିନ୍ତାଧାରାକୁ ଅତିକ୍ରମ କରି ମନ ଓ ଚେତନା ଭିତରେ ଗଭୀର ଭାବରେ ଅନୁଭୂତ ହେଉଥିବା ଶାନ୍ତିର ଅସାଧାରଣ ଅନୁଭବ ଉପରେ ସେ ମନ୍ତବ୍ୟ ଦେଇଥିଲେ । ଶ୍ରୀ ମୋଦୀ ନବକାର ମନ୍ତ୍ରର ମହତ୍ତ୍ୱ ଉପରେ ଆଲୋକପାତ କରି ଏହାର ପବିତ୍ର ଶବ୍ଦ ପାଠ କରିଥିଲେ ଏବଂ ମନ୍ତ୍ରକୁ ଶକ୍ତିର ଏକ ସମନ୍ୱିତ ପ୍ରବାହ, ସ୍ଥିରତା, ସମାନତା ଏବଂ ଚେତନା ଏବଂ ଆଭ୍ୟନ୍ତରୀଣ ଆଲୋକର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଲୟର ପ୍ରତୀକ ରୂପରେ ବର୍ଣ୍ଣନା କରଥିଲେ। ନିଜ ବ୍ୟକ୍ତିଗତ ଅନୁଭୂତିକୁ ନେଇ ସେ କହିଥିଲେ ଯେ, କିପରି ସେ ନିଜ ଭିତରେ ନବକାର ମନ୍ତ୍ରର ଆଧ୍ୟାତ୍ମିକ ଶକ୍ତିକୁ ଅନୁଭବ କରୁଛନ୍ତି । କିଛି ବର୍ଷ ପୂର୍ବେ ବେଙ୍ଗାଲୁରୁରେ ଏଭଳି ଏକ ସାମୂହିକ ନୃତ୍ୟ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା, ଯାହା ତାଙ୍କ ମନରେ ଏକ ସ୍ଥାୟୀ ଛାପ ପକାଇଥିଲା ବୋଲି ସେ ମନେ ପକାଇଥିଲେ। ପ୍ରଧାନମନ୍ତ୍ରୀ ଦେଶ ବିଦେଶର ଲକ୍ଷ ଲକ୍ଷ ପୁଣ୍ୟ ଆତ୍ମା ଏକ ମିଳିତ ଚେତନାରେ ଏକାଠି ହୋଇ ଅତୁଳନୀୟ ଅନୁଭୂତି ଲାଭ କରିବା ଉପରେ ଆଲୋକପାତ କରିଥିଲେ । ସେ ସାମୂହିକ ଶକ୍ତି ଏବଂ ସମନ୍ୱିତ ଶବ୍ଦ ଉପରେ ମନ୍ତବ୍ୟ ଦେଇଥିଲେ ଏବଂ ଏହାକୁ ପ୍ରକୃତରେ ଅସାଧାରଣ ଏବଂ ଅଭୂତପୂର୍ବ ବୋଲି ବର୍ଣ୍ଣନା କରିଥିଲେ। ଗୁଜରାଟରେ ଜୈନ ଧର୍ମର ପ୍ରଭାବ ସବୁ ଗଳିକନ୍ଦିରେ ଦେଖିବାକୁ ମିଳୁଥିବା ବେଳେ କିପରି ସେ ଛୋଟ ବେଳୁ ଜୈନ ଆଚାର୍ଯ୍ୟଙ୍କ ସାଙ୍ଗରେ ରହିବାର ସୌଭାଗ୍ୟ ଲାଭ କରିଥିଲେ ସେ ବିଷୟରେ ଆଲୋକପାତ କରିଥିଲେ । 'ନବକାର ମନ୍ତ୍ର କେବଳ ଏକ ମନ୍ତ୍ର ନୁହେଁ , ବରଂ ବିଶ୍ୱାସର ମୂଳ ଏବଂ ଜୀବନର ସାର' ବୋଲି ସେ ଜୋର ଦେଇ କହିଥିଲେ। ସେ ନବକାର ମନ୍ତ୍ରର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଆତ୍ମବିଶ୍ୱାସକୁ ପ୍ରେରଣା ଦେଇଥାଏ ଏବଂ ନିଜ ଯାତ୍ରାର ଆରମ୍ଭ କରିଥାଏ । 'ନବକାର ମନ୍ତ୍ର ପ୍ରକୃତରେ ମାନବ ଧ୍ୟାନ, ଅଭ୍ୟାସ ଏବଂ ଆତ୍ମଶୁଦ୍ଧିର ଏକ ମନ୍ତ୍ର', ବୋଲି କହିଥିଲେ। ଜୀବନର ନଅଟି ଉପାଦାନର ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଭାରତୀୟ ସଂସ୍କୃତିରେ ନବମ ସଂଖ୍ୟାର ବିଶେଷ ମହତ୍ତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ନବକାର ମହାମନ୍ତ୍ର ଦିବସ ହେଉଛି ଆଧ୍ୟାତ୍ମିକ ସୌହାର୍ଦ୍ଦ୍ୟ ଏବଂ ନୈତିକ ଚେତନାର ଏକ ମହତ୍ୱପୂର୍ଣ୍ଣ ଉତ୍ସବ ଯାହା ଜୈନ ଧର୍ମର ସବୁଠାରୁ ସମ୍ମାନଜନକ ଏବଂ ସାର୍ବଜନୀନ ଜପ, ନବକାର ମହାମନ୍ତ୍ର ସାମୂହିକ ଜପ ମାଧ୍ୟମରେ ଲୋକଙ୍କୁ ଏକାଠି କରିବାକୁ ଚେଷ୍ଟା କରେ । ଅହିଂସା, ନମ୍ରତା ଏବଂ ଆଧ୍ୟାତ୍ମିକ ପ୍ରଗତିର ନୀତି ଉପରେ ଆଧାରିତ ଏହି ମନ୍ତ୍ର ପ୍ରଜ୍ଞାଦୀପ୍ତ ପ୍ରାଣୀଙ୍କ ଗୁଣକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରେ ଏବଂ ଆଭ୍ୟନ୍ତରୀଣ ପରିବର୍ତ୍ତନକୁ ପ୍ରେରଣା ଦେଇଥାଏ । ସ୍ୱାଭିମାନ, ସହିଷ୍ଣୁତା ଏବଂ ସାମୂହିକ କଲ୍ୟାଣର ମୂଲ୍ୟବୋଧ ଉପରେ ପ୍ରତିଫଳନ କରିବାକୁ ଏହି ଦିବସ ସମସ୍ତ ବ୍ୟକ୍ତିଙ୍କୁ ଉତ୍ସାହିତ କରନ୍ତି । ଶାନ୍ତି ଓ ଏକତା ପାଇଁ ୧୦୮ରୁ ଅଧିକ ଦେଶର ଲୋକ ମାନେ ବିଶ୍ୱସ୍ତରୀୟ ସ୍ଲୋଗାନରେ ସାମିଲ ହୋଇଥିଲେ । ସେମାନେ ପବିତ୍ର ଜୈନ ଜପ ମାଧ୍ୟମରେ ଶାନ୍ତି, ଆଧ୍ୟାତ୍ମିକ ଜାଗରଣ ଏବଂ ସାର୍ବଜନୀନ ସୌହାର୍ଦ୍ଦ୍ୟ ବଢ଼ାଇବାରେ ଅଂଶଗ୍ରହଣ କରିଥିଲେ

## ଭାରତ ଆସିବ ତହବୁର




ନୂଆଦିଲ୍ଲୀ: ୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହବ୍ବୁର ରାଣାକୁ ଖୁବଶୀଘ୍ର ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିବ। ରାଣା ଭାରତକୁ ଆସିବା ପରେ ଏଠାରେ ତା' ବିରୋଧରେ ବିଚାର ପ୍ରକ୍ରିୟା ଆରମ୍ଭ ହେବ। ତେବେ ରାଣାକୁ ଫାଶୀ ଦଣ୍ଡ ଦେବାକୁ ଦାବି କରିଛନ୍ତି ଆକ୍ରମଣରେ ସହିଦ ହୋଇଥିବା ଜଣେ କନଷ୍ଟେବଲଙ୍କ ବାପା। ତହବ୍ବୁର ମୂଳତଃ ପାକିସ୍ତାନୀ ହୋଇଥିବାବେଳେ କାନାଡ଼ାର ନାଗରିକତା ଗ୍ରହଣ କରି ସେଠାରେ ରହୁଥିଲା। ମୁମ୍ବାଇ ଆକ୍ରମଣରେ ସହିଦ କନଷ୍ଟେବଲ ରାହୁଲ ସିନ୍ଦେଙ୍କ ବାପା ସୁଭାଷ ସିନ୍ଦେ କହିଛନ୍ତି, ୧୬୬ ଲୋକଙ୍କ ଜୀବନ ନେଇଥିବା ଆକ୍ରମଣ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ, ଯାହା ପ୍ରାଣ ହରାଇଥିବା ପୁଲିସ ଅଧିକାରୀ ଏବଂ ନାଗରିକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏହାର ୧୬ ବର୍ଷ ବିତି ଯାଇଥିଲେ ବି ସେଦିନର ଘଟଣା ଆଜି ବି ଜୀବିତ ରହିଛି।

## ୱାକଫ୍ ଆଇନ୍‌କୁ ନେଇ ରଣକ୍ଷେତ୍ର ପାଲଟିଲା ବିଧାନସଭା



ଶ୍ରୀନଗର: ୱାକଫ୍ ଆଇନକୁ ନେଇ ବୁଧବାର ତୃତୀୟ ଦିନରେ ଜମ୍ମୁ କାଶ୍ମୀର ବିଧାନସଭା ପରିସରରେ ସଦସ୍ୟଙ୍କ ଭିତରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ଠେଲାପେଲା ପାଟିତୁଣ୍ଡ ସହ ମୁଥ ମରାମରି ଭିତରେ ରଣକ୍ଷେତ୍ର ପାଲଟିଲା ବିଧାନସଭା ପରିସର। ତେବେ ତେବେ ୱାକଫ୍ ଆଇନ ଉପରେ ଗୃହରେ ଆଲୋଚନା ଦାବି ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏହା ପରେ ବାଚସ୍ପତି ଗୃହକୁ ଅଧ ଘଣ୍ଟା ପାଇଁ ମୁଲତବୀ ରଖିଥିଲେ । ଏଠାରେ, ବିଜେପି ବିଧାୟକମାନେ ଗୃହ ବାହାରେ ଧାରଣାରେ ବସିଛନ୍ତି। ସେ ଗୃହର କାର୍ଯ୍ୟ ଚାଲିବାକୁ ନ ଦେବା ପାଇଁ ଏନସି ଏବଂ ପିଡିପି ବିଧାୟକମାନଙ୍କୁ ଟାର୍ଗେଟ କରିଛନ୍ତି। ଏହି ସମୟରେ, ଗୃହ ବାହାରେ, ଆପ ବିଧାୟକ ମେହରାଜ ମଲିକ ଏବଂ ବିଜେପି ବିଧାୟକ ପରସ୍ପର ସହିତ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ କିଛି ବିଧାୟକ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ତେବେ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ବିଧାୟକ ବିକ୍ରମ ରନ୍ଧାୱା। ସେ କହିଛନ୍ତି, ମେହରାଜ୍ ହିନ୍ଦୁମାନଙ୍କୁ ଦୁର୍ବ୍ୟବହାର କରିଛନ୍ତି, ଆମେ ଏହାକୁ ସହ୍ୟ କରିବୁ ନାହିଁ । ହିନ୍ଦୁମାନେ ତିଳକ ଲଗାଇ ପାପ କରୁଥିବା ସେ କହିଛନ୍ତି, ଆମେ ତାଙ୍କୁ ଏକଥାର ଜବାବ ଦେବୁ। ମଙ୍ଗଳବାର ଦିନ ବିଧାନସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ, ଏନସି ଏବଂ ପିଡିପି ବିଧାୟକମାନେ ୱାକଫ ବିଲ୍ ଉପରେ ଆଲୋଚନାକୁ ନେଇ ହଙ୍ଗାମା କରିବା ଆରମ୍ଭ କରିଦେଇଥିଲେ। ଏହି ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଏକ୍ସରେ ଦଳୀୟ ବିଧାୟକଙ୍କ ପ୍ରସ୍ତାବକୁ ସେୟାର କରିଥିଲେ। ବିଧାନସଭାରେ ହଟ୍ଟଗୋଳ ମଧ୍ୟରେ, ନ୍ୟାସନାଲ କନଫରେନ୍ସର ଅନେକ ବିଧାୟକ ବେଞ୍ଚ ଉପରେ ଠିଆ ହୋଇଥିଲେ, କିଛି ବିଧାୟକ କାଗଜପତ୍ର ଚିରି ଚେୟାର ଆଡକୁ ଫିଙ୍ଗି ଦେଇଥିଲେ। ଏହାପରେ, ସେମାନେ ଗୃହରେ ସ୍ଲୋଗାନ ଦେଇଥିଲେ ଏବଂ ବିଲ୍ ଉପରେ ବିତର୍କ ଦାବି କରିଥିଲେ । ପିପୁଲ୍ସ କନଫରେନ୍ସ ସଭାପତି ଏବଂ ବିଧାୟକ ସଜ୍ଜନ ଗନି ଲୋନ କହିଛନ୍ତି ଯେ ନ୍ୟାସନାଲ କନଫରେନ୍ସ ଶାସକ କିମ୍ବା ବିରୋଧୀ ଭୂମିକା ଗ୍ରହଣ କରିପାରିବ ନାହିଁ । ଯଦି ନ୍ୟାସନାଲ କନଫରେନ୍ସର ସଭାପତି ଏହି ବିଲ୍ ଉପରେ ବିତର୍କ କରିବାକୁ ଚାହାଁନ୍ତି ଏବଂ ବିଧାନସଭାର ବାଚସ୍ପତି ଏଥିରେ ରାଜି ନ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣାଯିବା ଉଚିତ ।

## ମୋଦୀଙ୍କୁ ନିମନ୍ତ୍ରଣ କଲେ ପୁଟିନ୍



ମସ୍କୋ: ମେ'୯ ତାରିଖରେ ଜର୍ମାନୀ ବିପକ୍ଷରେ ବିଜୟର ୮୦ତମ ବାର୍ଷିକୀ ପାଳନ ପାଇଁ ରୁଷିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛି। ରୁଷିଆ ଉପ-ବୈଦେଶିକ ମନ୍ତ୍ରୀ ଆନ୍ଦ୍ରେ ରୁଡେଙ୍କୋ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରୁଷିଆ ଆଶା କରୁଛି, ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷର ବିଜୟ ଦିବସ ପରେଡରେ ଯୋଗଦେବେ। ଏକ ରୁଷିଆନ ଖବର ସଂସ୍ଥାର ରିପୋର୍ଟ ଅନୁଯାୟୀ, ରୁଡେଙ୍କୋ ମଙ୍ଗଳବାର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ନିମନ୍ତ୍ରଣ ପଠାଯାଇଛି ଏବଂ ତାଙ୍କର ସମ୍ଭାବ୍ୟ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି। ଏହି ଗସ୍ତ ଚଳିତ ବର୍ଷ ହେବାର ସମ୍ଭାବନା ଅଛି। ଚଳିତ ବର୍ଷ ବିଜୟ ଦିବସ ପରେଡରେ ରୁଷିଆ ଅନେକ ବନ୍ଧୁତ୍ୱପୂର୍ଣ୍ଣ ଦେଶର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଛି। ୧୯୪୫ ମସିହାରେ ଜର୍ମାନୀ ଉପରେ ସୋଭିଏତ୍ ୟୁନିଅନର ବିଜୟକୁ ମନେ ପକାଇ ପ୍ରତିବର୍ଷ ୯ ମେ'ରେ ରୁଷିଆ 'ବିଜୟ ଦିବସ' ପାଳନ କରିଥାଏ। ଏହି ଦିନଟି ରୁଷିଆ ପାଇଁ ଗର୍ବ ଏବଂ ସମ୍ମାନର ପ୍ରତୀକ। ବିଜୟ ଦିବସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୁଷିଆର ନିମନ୍ତ୍ରଣ ଏହି କଥାର ସଙ୍କେତ ଦେଉଛି ଯେ, ରୁଷିଆ ଏବେ ବି ଭାରତକୁ ନିଜର ନିର୍ଭରଯୋଗ୍ୟ ଏବଂ ରଣନୈତିକ ସହଯୋଗୀ ଭାବରେ ବିବେଚନା କରୁଛି। ବିଶ୍ୱ ରାଜନୀତିରେ ବିଭିନ୍ନ ଗୋଷ୍ଠୀ ଏବଂ ମେରୁ ଉଭା ହେଉଥିବା ସମୟରେ, ଭାରତ ଏବଂ ରୁଷିଆ ମଧ୍ୟରେ ନିରନ୍ତର ଘନିଷ୍ଠତା ବିଶ୍ୱ ସନ୍ତୁଳନ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି କୂଟନୈତିଜ୍ଞ ମତପୋଷଣ କରିଛନ୍ତି।

## ଡ. ରାମପ୍ରତାପ ସିଂଙ୍କ ପଦଭାର ଗ୍ରହଣ ସମାରୋହରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ନୂଆ ରାୟପୁରସ୍ଥିତ ବିଓସି ଭବନରେ ଆୟୋଜିତ ଛତିଶଗଡ ଭବନ ଏବଂ ଅନ୍ୟ ସର୍ନିମାଣ କର୍ମକାର କଲ୍ୟାଣ ମଣ୍ଡଳର ନବନିଯୁକ୍ତ ଅଧ୍ୟକ୍ଷ ଡ. ରାମପ୍ରତାପ ସିଂଙ୍କ ପଦଭାର ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରମ ମନ୍ତ୍ରୀ ଲଖନ ଲାଲ ଦେବାନନ୍ ଏବଂ ବୋର୍ଡ ଅଧ୍ୟକ୍ଷ ଡକ୍ଟର ରାମ ପ୍ରତାପ ସିଂ ୪୪,୯୪୦ଜଣ ଶ୍ରମିକଙ୍କୁ ୧୫.୩୭କୋଟି ଟଙ୍କାର ସହାୟତା ଡିବିଟି ମାଧ୍ୟମରେ ପଠାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ରାମପ୍ରତାପଙ୍କୁ ବଧାଇ ଜଣାଇବା ସହ ତାଙ୍କର ଶୁଭକାମନ କରିଥିଲେ। ସେ କହିଥିଲେ ତାଙ୍କ ନେତୃତ୍ୱରେ ଛତିଶଗଡ ଭବନ ଓ ଶ୍ରମିକମାନଙ୍କ ବିକାଶ ପାଇଁ ସେ ନିଜକୁ ନିୟୋଜିତ କରିବେ। ଏହି ଅବସରରେ ଶ୍ରମ ମନ୍ତ୍ରୀ ଶ୍ରୀ ଦେବାଗନ କହିଥିଲେ ଯେ, ଛତିଶଗଡରେ ବିଷ୍ଣୁଦେବ ସାଏଙ୍କ ସରକାର ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ବିକାଶ ପାଇଁ ଲଗାତାର ଯୋଜନାମାନ କରି ଆସୁଛନ୍ତି। ଏହି ଯୋଜନାରେ ଶ୍ରମିକଙ୍କ ପରିବାରବର୍ଗ ଉପକୃତ ହୋଇଛନ୍ତି। ଗତବର୍ଷ ବିଭିନ୍ନ ଯୋଜନାରେ ଶ୍ରମିକାମାନଙ୍କ ଆକାଉଣ୍ଟକୁ ୫୦୦କୋଟିର ସହାୟତା ରାଶି ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟୱାଲ, ଜଙ୍ଗଲମନ୍ତ୍ରୀ କେଦାର କଶ୍ୟପ, ଖାଦ୍ୟ ମନ୍ତ୍ରୀ ଦୟାଲଦାସ ବାଘେଲ, ବିଧାୟକ ଧରମଲାଲ କୌଶିକ,ରାୟମୁନୀ ଭଗତ, ପୁରନ୍ଦର ମିଶ୍ରା, ଅନୁଜ ଶର୍ମା, ଶ୍ରମଆୟୁକ୍ତର ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟ

ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ୨୦୨୫ରେ ଭାରତବ୍ୟାପୀ ଏହାର ଆଶ୍ରୟ କେନ୍ଦ୍ରଗୁଡିକର ନେଟ୍‌ୱର୍କକୁ ୧୦୦କୁ ବୃଦ୍ଧି କରିବା ପାଇଁ ଯୋଜନା ରଖିଛି। ଏହି ଉତ୍ସର୍ଗୀକୃତ ବିଶ୍ରାମ ସ୍ଥଳୀଗୁଡ଼ିକରେ ଇକମର୍ସ ଓ ଲଜିଷ୍ଟିକ୍ସ ଇକୋସିଷ୍ଟମର ଡେଲିଭରି ସହଯୋଗୀମାନଙ୍କୁ ଏୟାର-କଣ୍ଡିସନ୍ଡ ସିଟିଂ, ସ୍ୱଚ୍ଛ ପାନୀୟ ଜଳ, ଇଲେକ୍ଟ୍ରୋଲାଇଟ, ମୋବାଇଲ ଚାର୍ଜିଂ ପଏଂଟ, ୱାଶରୁମ, ଫାଷ୍ଟ-ଏଡ କିଟ ଓ ରିଫ୍ରେଶମେଂଟ ସୁବିଧା ପ୍ରଦାନ କରାଯାଉଛି। ଏହି ପ୍ରୟାସ ଏକ ଶିଳ୍ପ ପ୍ରଥମ ପଦକ୍ଷେପ ଅଟେ ଯାହାକୁ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ଡେଲିଭରି ଆସୋସିଏଟ ଓ ଲଜିଷ୍ଟିକ୍ସ ପାର୍ଟନରଙ୍କୁ ଉତ୍ସର୍ଗୀକୃତ ବିଶ୍ରାମ କେନ୍ଦ୍ର ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏକ ସମୟରେ ୧୫ ଜଣ ପର୍ଯ୍ୟନ୍ତ ଲୋକଙ୍କ ରହଣୀ ପାଇଁ କ୍ଷମତା ଥିବା ଏହି କେନ୍ଦ୍ରଗୁଡିକ ସୁବିଧାଜନକ ପାର୍କିଙ୍ଗ ସ୍ଥାନ ମଧ୍ୟ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ ଆମାଜନରେ ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଭିପି ଅପରେଶ୍ନସ, ଅଭିନବ ସିଂହ କହିଛନ୍ତି, 'ଆମର ଡେଲିଭରି ଆସୋସିଏଟମାନଙ୍କର ସ୍ୱାସ୍ଥ୍ୟ, ସୁସ୍ଥତା ଓ ଆରାମ ଆମର ଶୀର୍ଷ ପ୍ରାଥମିକତା।

## କୌସିଓକୁ ମିଳିଲା ୧୧ କୋଟି ଟଙ୍କାର ପାଣ୍ଠି

ନୂଆଦିଲ୍ଲୀ : ଏଆଇ-ପରିଚାଳିତ ଭିଡିଓ ଟେଲିମାଟିକ୍ସ ଷ୍ଟାର୍ଟଅପ୍ କୌସିଓ ଏହାର ବିଦ୍ୟମାନ ସିଡ ରାଉଣ୍ଡର ଅଂଶ ଭାବେ ୧୧ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ଏହି ରାଉଣ୍ଡରେ ୯ୟୁନିକର୍ଣ୍ଣସ, ଭେଂଚର କାଟାଲିଷ୍ଟ୍ସ, ଆଂଟ୍ଲର ଇଣ୍ଡିଆ, ଇନ୍ଫିନାଇଟ ଡଟ୍ କ୍ଲବ, ପିଆଇଇଡିଏସ, ବିଟ୍ସ ପିଲାନି ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, କାର୍ସ୨୪ର ପ୍ରତିଷ୍ଠାତା ଗଜେନ୍ଦ୍ର ଜାଙ୍ଗିଦ ଓ ବିକ୍ରମ ଚୋପ୍ରା ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ କୌସିଓର ସହପ୍ରତିଷ୍ଠାତା ଓ ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, 'ଏଆଇ-ଚାଳିତ ଭିଡିଓ ଟେଲିମାଟିକ୍ସ ସହିତ ଆମେ କାହାଣୀକୁ ପରିବର୍ତ୍ତନ କରୁଛୁ। ଆମେ ଫ୍ଲିଟ ଅପରେଟର, ଡ୍ରାଇଭର ଓ ଯାତ୍ରୀମାନଙ୍କୁ ସଡକରେ ଅଧିକ ସୁରକ୍ଷିତ, ଦାୟିତ୍ୱବାନ ଓ ଉତରଦାୟୀ ରହିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛୁ। ଏ ସମ୍ପର୍କରେ କୌସିଓର ସହପ୍ରତିଷ୍ଠାତା ଓ ସିଟିଓ ପ୍ରାଲ ନାଧାନି କହିଛନ୍ତି, 'କୌସିଓ ସହିତ ଆମେ ସେମାନଙ୍କୁ ପ୍ରତ୍ୟେକ ଯାତ୍ରା ଯେପରି କେବଳ ସମ୍ପୂର୍ଣ୍ଣ ହେବ ନାହିଁ ବରଂ ସୁରକ୍ଷିତ ଭାବେ ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରୁଛୁ। ସେହିପରି ୯ୟୁନିକର୍ଣ୍ଣସ ଓ ଭେଂଚର କାଟାଲିଷ୍ଟର ସହ-ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଡଃ ଅପୂର୍ବ ରଞ୍ଜନ ଶର୍ମା କହିଛନ୍ତି, 'କୌସିଓ ମୋବିଲିଟି ସଲ୍ୟୁଶନଗୁଡିକରେ ଏଆଇ-ପରିଚାଳିତ ଭିଡିଓ ଟେଲିମାଟିକ୍ସକୁ ଏକୀକୃତ କରି ଭାରତର ଅନ୍ୟତମ ସର୍ବାଧିକ ଚିନ୍ତାଜନକ ପ୍ରସଙ୍ଗ-ସଡକ ସୁରକ୍ଷାକୁ ସମ୍ବୋଧିତ କରୁଛି। ଆଂଟଲର୍ର ପାର୍ଟନର ନିତିନ ଶର୍ମା କହିଛନ୍ତି, 'ନିବେଶକ ଭାବେ ଆମେ ଅଙ୍କିତ ଓ ପ୍ରାଲଙ୍କ ଭଳି ପ୍ରତିଷ୍ଠାତାଙ୍କୁ ସହଯୋଗ କରିବା ପାଇଁ ଉତ୍ସାହିତ ଅଛୁ, ଯିଏ ସଡକ ସୁରକ୍ଷାକୁ ଅଧିକ ପହଂଚଯୋଗ୍ୟ ଓ ମୂଲ୍ୟ ସାପେକ୍ଷ କରିବା ପାଇଁ ଅତ୍ୟାଧୁନିକ ଏଆଇର ବ୍ୟବହାର କରୁଛନ୍ତି। କାର୍ସ୨୪ର ସହ-ପ୍ରତିଷ୍ଠାତା ବିକ୍ରମ ଚୋପ୍ରା ଓ ଗଜେନ୍ଦ୍ର ଜାଙ୍ଗିଦ କହିଛନ୍ତି, 'ଅଧିକାଂଶ ଟେକ୍ନୋଲୋଜି ଦକ୍ଷତା ପଛରେ ପଡିଥାଏ। କିନ୍ତୁ କୌସିଓ କିଛି ଜଟିଳ ଓ ପରିଣାମକୁ ଅନୁସରଣ କରୁଛି। ଆମେ ଭବିଷ୍ୟତରେ ଏକ ସୁରକ୍ଷିତ ସଡକ ଦେଖିବା ପାଇଁ ଉତ୍ସାହିତ ଅଛୁ। ଇନ୍ଫିନାଇଟ କ୍ଲବର ପ୍ରତିଷ୍ଠାତା ଅଙ୍କିତା ଟଣ୍ଡନ ଓ ଜୟଲିତା ସଲଦାନା କହିଛନ୍ତି, 'କୌସିଓର ପ୍ରତିଷ୍ଠାତା କେବଳ ଟେକ୍ନୋଲୋଜିର ନିର୍ମାଣ କରୁନାହାନ୍ତି ବରଂ ସେମାନେ ଏକ ବିଶାଳ ଭିତ୍ତିଭୂମି ଅନ୍ତରକୁ ଦୂର କରୁଛନ୍ତି - ଏଆଇ ସହ ଭାରତୀୟ ସଡକଗୁଡିକୁ ସୁରକ୍ଷିତ କରୁଛନ୍ତି।

## 'ପ୍ରକଳ୍ପବିଦ୍ୟା' ଏବଂ 'ପ୍ରକଳ୍ପ ନିର୍ମଳ' କାର୍ଯ୍ୟରେ ଲୋକେ ଉପକୃତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାର ହେମଗିର ଏବଂ କୁରାଲୋଇ ଅଞ୍ଚଳରେ ଶିକ୍ଷା, ଜଳ ଯୋଗାଣ ଏବଂ ପରିମଳ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ଜୀବନର ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ଦୁଇଟି ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆରମ୍ଭ କରିଛି। 'ପ୍ରକଳ୍ପବିଦ୍ୟା' ଏବଂ 'ପ୍ରକଳ୍ପନିର୍ମଳ' ୩୦,୦୦୦ରୁ ଅଧିକ ଲୋକଙ୍କୁ ଉପକୃତ କରୁଛି। ମୁଣ୍ଡେରଖେଟରେ ଆୟୋଜିତଉ ଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଜିତେନ୍ଦ୍ର ମୁଣ୍ଡା, ଅତିରିକ୍ତ ବିଇଓ କପିଳ ଚନ୍ଦ୍_ଦାସ, ମୁଣ୍ଡେରଖେଟର ସରପଞ୍ଚ ସନ୍ନ୍ୟାସୀ ବାଗ, ଗର୍ଜନଜୋରର ସରପଞ୍ଚ ସୁନନ୍ଦାକାଲୋ ଏବଂ ଚକ୍ରକ୍ଲଷ୍ଟରର ସିଆରସିସି ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିଉ ପସ୍ଥିତ ଥିଲେ। ପ୍ରକଳ୍ପବିଦ୍ୟା ଏହି ଅଞ୍ଚଳର ଆଖପାଖର ୨୦ଟିସ୍କୁଲରେ ୨୨ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରି ସରକାରୀ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବକୁ ଦୂର କରିବା ସହିତ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ପରି ପ୍ରମୁଖ ବିଷୟରେ ଛାତ୍ର-ଶିକ୍ଷକ ଅନୁପାତ ଏବଂ ଶିକ୍ଷାରେ ଉନ୍ନତି ଆଣିଥାଏ। ଘୋଘରପାଲି ଅଞ୍ଚଳରେ, ହିତାଧିକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସରକାରୀ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ୟୁ.ପି.ଏସ୍. ମୁଣ୍ଡେରଖେଟ୍, ଭୋଗ୍ରାକାଛର, ଘୋଘରପଲ୍ଲୀ, ପୋଡାଜାଲାଙ୍ଗା, ରେଙ୍ଗଲପାଣି, ଛତାବର ହାଇସ୍କୁଲ ଏବଂ ବିଲେମୁଣ୍ଡା। ନିର୍ମଳପ୍ରକଳ୍ପ ଜରିଆରେ ୧୨ଟି ଗ୍ରାମରେ ୧୧ଟି ସୌରଶକ୍ତିଚାଳିତ ବୋରୱେଲ, ୫୦ଟି ବାୟୋ ଶୌଚାଳୟ ଏବଂ ୨୦ଟି ଜଳବିଶୋଧକ ସ୍ଥାପନ ମାଧ୍ୟମରେ ସ୍ଥାୟୀ ଜଳ ଏବଂ ପରିମଳ ସମାଧାନ ପ୍ରଦାନ କରିଥାଏ। ସୁନ୍ଦରଗଡ଼ ଉପ-ଜିଲ୍ଲାପାଳ ଦଶରଥି ସରାବୁ (ଓ.ଏ.ଏସ୍.), 'ମୋଶିକ୍ଷାଦାନ ପୃଷ୍ଠଭୂମିକୁ ପ୍ରତିଫଳିତ କରି, କହିଛନ୍ତି, ମୁଁ ଗୁରୁତ୍ୱାରୋପ କରୁଛି ଯେ ଗୁଣାତ୍ମକ ଶିକ୍ଷାପ୍ରଦାନ କରିବା ପାଇଁ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ସହଯୋଗ ମୌଳି କଅଟେ। ଡେଭିଡଷ୍ଟୋନ, ସିଇଓ, ବେଦାନ୍ତ କୋଇଲାଖଣି କହିଛନ୍ତି, 'ବେଦାନ୍ତରେ, ଆମେ ଶିକ୍ଷା ଏବଂ ସ୍ଥାୟୀ ବିକାଶର ଶକ୍ତି ଉପରେ ବିଶ୍ୱାସ କରୁ, ଯାହାଦ୍ୱାରା ସମାଜରେ ପରିବର୍ତ୍ତନ ଆସିପାରିବ। ପ୍ରୋଜେକ୍ଟ ବିଦ୍ୟା ଏବଂ ପ୍ରୋଜେକ୍ଟ ନିର୍ମଳ ଏକ ସକାରାତ୍ମକପ୍ରଭାବ ସୃଷ୍ଟି କରିବାପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ। ଶିକ୍ଷାଗତ ସମ୍ବଳର ଉନ୍ନତି ଏବଂ ଅତ୍ୟାବଶ୍ୟକ ଜଳ ଏବଂ ପରିମଳ ସୁବିଧା ପ୍ରଦାନ କରି, ଆମେ ଆମର ଆଖ ପାଖର ଲୋକଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛୁ।

## ରିଅଲମି ପକ୍ଷରୁ ନାର୍ଜୋ ୮୦ପ୍ରୋ ଏବଂ ୮୦ଏକ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତୀୟ ଯୁବାମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲମି ନାର୍ଜୋ ୮୦ଏକ୍ସ ୫ଜିର ଶୁଭାରମ୍ଭ କରାଯାଇଛି। ଏହି ଡିଭାଇସଗୁଡିକ ରିଅଲମିର ସିଗ୍ନେଚର ମୂଲ୍ୟ ପ୍ରସ୍ତାବ ସହିତ ଗ୍ରାଉଣ୍ଡବ୍ରେକିଂ ଉଦ୍ଭାବନକୁ ମିଶ୍ରଣ କରିଛନ୍ତି, ଯାହାକି ସୁଲଭ ମୂଲ୍ୟରେ ଫ୍ଲାଗସିପ୍-ଗ୍ରେଡ୍‌ର ବୈଶିଷ୍ଟ୍ୟ ପ୍ରଦାନ କରୁଛି। ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଅଲମି ନାର୍ଜୋ ୮୦ଏକ୍ସ ୫ଜି, ଆଇପି୬୯ ୱାଟରପ୍ରୁଫିଂ, ମିଲିଟାରି-ଗ୍ରେଡ୍ ଶକ୍ ରେଜିଷ୍ଟାନ୍ସ ଏବଂ ଉନ୍ନତ କୁଲିଂ ସିଷ୍ଟମ ସମେତ ଶିଳ୍ପ-ପ୍ରଥମ ବୈଶିଷ୍ଟ୍ୟ ସହିତ ଆସୁଛନ୍ତି। ଏହି ସ୍ମାର୍ଟଫୋନଗୁଡ଼ିକ ପ୍ରିମିୟମ୍ ଡିଜାଇନ୍, ଅତୁଳନୀୟ ସ୍ଥାୟୀତ୍ୱ ଏବଂ ପରବର୍ତ୍ତୀ ପିଢ଼ିର ପ୍ରଦର୍ଶନକୁ ଏକାଠି କରିଛନ୍ତି। ରିଅଲମି ନାର୍ଜୋ ୮୦ ପ୍ରୋ ୫ଜି ଶକ୍ତିଶାଳୀ ମିଡିଆଟେକ ଡିମେନସିଟି ୭୪୦୦ ୫ଜି ଚିପସେଟ୍, ୪୫୦୦ନିଟ୍ସ ହାଇପରଗ୍ଲୋ ଡିସପ୍ଲେ, ସୋନି ଆଇଏମଏକ୍ସ୮୮୨ ଓଆଇଏସ ୫୦ଏମପି କ୍ୟାମେରା, ୬୦୦୦ ଏମଏଏଚ୍ ଟାଇଟାନ ବ୍ୟାଟେରୀ, ୮୦ ୱାଟ ଅଲଟ୍ରା ଚାର୍ଜିଂ ଏବଂ ବିଜିଏମଆଇ ପାଇଁ ୯୦ ଏଫପିଏସ ସପୋର୍ଟ ସହିତ ଆସୁଛି । ସ୍ପିଡ୍ ସିଲଭର୍ ଏବଂ ରେସିଂ ଗ୍ରୀନରେ ଉପଲବ୍ଧ ହେଉଥିବାବେଳେ ଏହାର ମୂଲ୍ୟ ୧୭,୯୯୯ ଟଙ୍କାରୁ ଆରମ୍ଭ ହେବ। ସେହିଭଳି ରିଅଲମି ନାର୍ଜୋ ୮୦ଏକ୍ସ ୫ଜି -ମିଡିଆଟେକ ଡାଇମେନସିଟି ୬୪୦୦ ୫ଜି ଚିପସେଟ୍, ୪୫ ୱାଟ୍ ଫାଷ୍ଟ ଚାର୍ଜିଂ ଏବଂ ୧୨୦ ହର୍ଜ୍ ଆଇ କର୍ଟ ଡିସପ୍ଲେକୁ ସାମିଲ କରିଛି। ଏହା ଡିପ୍ ଓସେନ୍ ଏବଂ ସନଲିଟ ଗୋଲ୍ଡରେ ୧୧,୯୯୯ ଟଙ୍କାରୁ ଉପଲବ୍ଧ ହେବ। ଏପ୍ରିଲ ୧୫ରୁ ରିଅଲମି.କମ ଏବଂ ଆମାଜନରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଅଫର ସହ ପ୍ରଥମ ସେଲ୍ ଆରମ୍ଭ ହେବ। ରିଅଲମିର ମୁଖପାତ୍ର କହିଛନ୍ତି ଯେ, ନିରବଚ୍ଛିନ୍ନ ପ୍ରଦର୍ଶନ ଚାହୁଁଥିବା ଯୁବା ଉପଭୋକ୍ତାଙ୍କ ପାଇଁ ନାର୍ଜୋ ୮୦ ସିରିଜରେ ଆମର ସବୁଠାରୁ ଶକ୍ତିଶାଳୀ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଆମାଜନ ଇଣ୍ଡିଆର ସ୍ମାର୍ଟଫୋନ ଓ ଆକ୍ସେସରି କ୍ୟାଟେଗୋରୀ ଲିଡର ତନ୍ମୟ ଶାହ କହିଛନ୍ତି, 'ଆମାଜନ.ଇନରେ ଆମର ବିସ୍ତାରିତ ୫ଜି ସ୍ମାର୍ଟଫୋନ୍ ପୋର୍ଟଫୋଲିଓରେ ନୂଆ ରିଅଲମି ନାର୍ଜୋ ୮୦ ସିରିଜକୁ ସାମିଲ କରି ଆମେ ଉତ୍ସାହିତ।

## ବିରଳ ପ୍ଲାଟିନମ୍‌ରେ ନିର୍ମିତ ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସ

ନୂଆଦିଲ୍ଲୀ: ଆଇପିଏଲ୍ ଋତୁ ଆରମ୍ଭ ହେବା ମାତ୍ରେ କ୍ରିକେଟ୍ ଚରମ ସୀମାରେ ପହଞ୍ଚିଛି ଏବଂ ଥାଲା ପୁଣି ଥରେ ହଳଦିଆ ଜର୍ସି ପିନ୍ଧିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ସାରା ଦେଶର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ପ୍ରତ୍ୟେକ ଏମ୍‌ଏସ୍ ଧୋନିଙ୍କ ସମର୍ଥକଙ୍କ ପାଇଁ ଏହା କେବଳ ଏକ ଖେଳ ନୁହେଁ- ଏହା ଏକ ଅତୁଟ ବନ୍ଧନ, ବିଶ୍ୱାସ, ସ୍ଥିରତା ଏବଂ ମୁହୂର୍ତ୍ତ ଉପରେ ନିର୍ମିତ ଯାହା ସବୁଦିନ ପାଇଁ ବଞ୍ଚିଥାଏ। ଚଳିତ ଋତୁରେ ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ମାନ ଦିଅନ୍ତୁ ଏବଂ ବିରଳ ପ୍ଲାଟିନମ୍‌ରେ ନିର୍ମିତ ସ୍ୱତନ୍ତ୍ର ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସ ଏମ୍‌ଏସ୍ ଧୋନି ସିଗ୍ନେଚର ଏଡିସନର ମାଲିକ ହୋଇ ଗର୍ବର ସହ ନିଜ ଫାଣ୍ଡୋମ୍ ପିନ୍ଧିବେ। ୯୫% ପ୍ଲାଟିନମ୍‌ରେ ନିର୍ମିତ ପ୍ରତ୍ୟେକ ଖଣ୍ଡକୁ ସ୍ୱଚ୍ଛ, ବୋଲ୍ଡ ଲାଇନ୍ ଏବଂ ମିନିମାଲିଷ୍ଟ ସୌନ୍ଦର୍ଯ୍ୟ ଦ୍ୱାରା ବ୍ୟାଖ୍ୟା କରାଯାଇଛ । ଏହି ଦସ୍ତଖତ ସଂଗ୍ରହ ବିଷୟରେ ମହେନ୍ଦ୍ର ସିଂହ ଧୋନି କହିଛନ୍ତି, ମୋର କ୍ରିକେଟ୍ ଯାତ୍ରାରେ ପ୍ରତ୍ୟେକ ଚ୍ୟାଲେଞ୍ଜ, ବିଜୟ ଏବଂ ଶିକ୍ଷା ମୁଁ କିଏ ତାହା ରଚନା କରିଛ । ଏପରି ମୂଲ୍ୟବୋଧ ସୃଷ୍ଟି କରିଛି ଯାହା ମୋତେ ଉଭୟ ଜୀବନରେ ଏବଂ ପଡ଼ିଆରେ ମାର୍ଗଦର୍ଶନ କରୁଛି । ପ୍ଲାଟିନମ୍ ବିରଳ, ସ୍ଥିର ଏବଂ ସ୍ଥାୟୀ ହେବା ପାଇଁ ନିର୍ମିତ, ଯେମିତି ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଅତିକ୍ରମ କରିବା ପାଇଁ ଆବଶ୍ୟକ ମାନସିକତା । ପ୍ଲାଟିନମ୍ ଗହଣା ପିନ୍ଧିବା ମୋ ପାଇଁ ଧୈର୍ଯ୍ୟର ସ୍ମୃତି। ଏହା ହିଁ ମେନ୍ ଅଫ୍ ପ୍ଲାଟିନମ୍‌ଙ୍କ ସହ ସହଯୋଗକୁ ସ୍ୱତନ୍ତ୍ର କରିଛି।

With Best Compliments from :

A Well Wisher





ନୂଆଦିଲ୍ଲୀ: ଆଇପିଏଲରେ ଇତିହାସ ରଚିଛନ୍ତି ଯୁବ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ। ସେ ଆଇପିଏଲ ଇତିହାସରେ ପ୍ରଥମ ଅନକ୍ୟାପଡ ଖେଳାଳି ଭାବେ ମଙ୍ଗଳବାର ସର୍ବଶ୍ରେଷ୍ଠ ଶତକ ହାସଲ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗସ ଭଳି ଆଇପିଏଲର ସବୁଠାରୁ ସଫଳ ଟିମ ବିପକ୍ଷରେ ପଞ୍ଜାବ କିଙ୍ଗସ ପାଇଁ ଖେଳୁଥିବା ପ୍ରିୟାଂଶ ୩୯ ବଲରେ ଶତକ ହାସଲ କରିଛନ୍ତି। ଏହା ଟୁର୍ଣ୍ଣାମେଣ୍ଟ ଇତିହାସର ୪ର୍ଥ ଦ୍ରୁତତମ ଶତକ। ଚଳିତ ବର୍ଷ ଆଇପିଏଲରେ ପ୍ରିୟାଂଶଙ୍କ ଡେବ୍ୟୁ ହୋଇଛି। ଡେବ୍ୟୁ ସିଜିନରେ ସେ ବିସ୍ଫୋରକ ଇନିଂସ ଖେଳି ସମସ୍ତଙ୍କୁ ନିଜ ଜଲୱା ଦେଖାଇଛନ୍ତି। ତେବେ ପ୍ରିୟାଂଶ ରାତାରାତି ଆଇପିଏଲ ମଞ୍ଚରେ ଏପରି ସଫଳତା ପାଇ ନାହାନ୍ତି। ସଫଳତା ହାସଲ ପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ୨୦୨୫ ଆଇପିଏଲ ପୂର୍ବରୁ ବାମହାତୀ ବ୍ୟାଟର ପ୍ରିୟାଂଶ କେମିତି ଟ୍ରେନିଂ ନେଇଥିଲେ, ତା'ର ତଥ୍ୟ ତାଙ୍କ କୋଚ ସାର୍ବଜନୀନ କରିଛନ୍ତି। ପ୍ରିୟାଂଶ ଜଣାଶୁଣା କୋଚ ସଞ୍ଜୟ ଭରଦ୍ୱାଜଙ୍କ ଅଧୀନରେ ତାଲିମ ନେଇଥିଲେ। ସଞ୍ଜୟ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀରଙ୍କ କୋଚ୍। ପ୍ରିୟାଂଶ ୨୦୨୫ ଆଇପିଏଲର ମାସକ ପୂର୍ବରୁ ଭରଦ୍ୱାଜଙ୍କ ଆବାସିକ ଟ୍ରେନିଂ ସେଣ୍ଟରରେ ପହଞ୍ଚିଥିଲେ। ଏହା ଭୋପାଳ ଠାରୁ ୨୦ କିମି ଦୂର। ମଧ୍ୟପ୍ରଦେଶର ରତପାଣି ଜଙ୍ଗଲ ମଧ୍ୟରେ ଏହା ରହିଛି। ଭରଦ୍ୱାଜ ସେଠାରେ ଗୁରୁକୁଳ ଶୈଳୀରେ କ୍ୟାମ୍ପ ଚଳାନ୍ତି। ତାଙ୍କ କ୍ୟାମ୍ପରେ ନୀତୀଶ ରାଣା, ଉନ୍ମୁକ୍ତ ଚାନ୍ଦ, କୁଲୱାନ୍ତ ଖେଜରୋଲିଆ ଭଳି ଖେଳାଳି ପୂର୍ବରୁ ତାଲିମ ନେଇଥିଲେ। ଏଥର ସେ ପ୍ରିୟାଂଶଙ୍କୁ ଆଇପିଏଲ ପୂର୍ବରୁ ପ୍ରସ୍ତୁତ କରିଥିଲେ।

**୨୩ତମ ମ୍ୟାଚ୍ | ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ**

# ଗୁଜରାଟ ଟାଇଟାନ୍ସ ୫୮ରନ୍‌ରେ ବିଜୟୀ



ଅହମ୍ମଦାବାଦ : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲର ୨୩ତମ ମ୍ୟାଚ ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଗୁଜରାଟ ୫୮ ରନ୍‌ରେ ଜିତି ନେଇଛି। ରାଜସ୍ଥାନ ରୟାଲ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୭ ରନ କରିଥିଲା। ଦଳର ଅଧିନାୟକ ଶୁଭମନ ଗିଲ୍ ମାତ୍ର ୨ ରନ କରି ଆଉଟ ହୋଇଥିବା ସତ୍ତ୍ୱେ ସାଇ ସୁଦର୍ଶନଙ୍କ ସହ ଜସ୍ ବଟଲର ଓ ଶାହରୁଖ ଖାଁଙ୍କ ମଧ୍ୟରେ ଦୁଇଟି ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ସାଇ ସୁଦର୍ଶନ ୮୨ ରନ କରିଥିବାବେଳେ ଜସ୍ ବଟଲର ଓ ଶାହରୁଖ ଖାଁ ୩୬ ରନ ଲେଖାଏଁ କରିଥିଲେ। ସେହିପରି ରାହୁଲ ତେୱାଟିଆ ୨୪ ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ମହିଶ ତିକସନା ଓ ତୁଷାର ଦେଶପାଣ୍ଡେ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୨୧୮ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ରାଜସ୍ଥାନ ରୟାଲ୍ସ। ଦଳ ପକ୍ଷରୁ ସିମରନ ହେଟମେୟର ୫୨ ରନ କରିଥିବାବେଳେ ସଂଜୁ ସାମସନ ୪୧ ରନ ଓ ରିୟାନ ପରାଗ ୨୬ ରନ କରିଥିଲେ। କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଶେଷ ଯୋଗଦାନ ଦେଇପାରିନଥିଲେ। ଗୁଜୁରାଟ ପକ୍ଷରୁ ମହମ୍ମଦ ସିରାଜ ଗୋଟିଏ ୱିକେଟ ପାଇଥିବା ବେଳେ ଅର୍ସଦ ଖାନ୍ ଗୋଟିଏ ଏବଂ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୩ୱିକେଟ ଅକ୍ତିଆର କରିଥିଲେ। ସେହିପରି କୁଲୱାନ୍ତ ଖେଜୋରିଆ ୧, ରସିଦ୍ ଖାନ୍ ଓ ରବିଶ୍ରୀନିବାସନ ସାଇ କିଶୋର ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ୱାଟର ଚିଲର କମ୍ ପ୍ୟୁରିଫାୟର ଉଦ୍‌ଘାଟିତ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ରୋଟାରୀ କ୍ଲବର ସମସ୍ତ ରୋଟାରିଆନ୍ ଏବଂ ହ୍ୟାଣ୍ଡବଲ୍ ଆସୋସିଏସନର ସମସ୍ତ ସଦସ୍ୟ ଏବଂ ଜାତୀୟ ଖେଳାଳିଙ୍କ ଉପସ୍ଥିତିରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ର ସଭାନେତ୍ରୀ ରୋଟାରିଆନ୍ ରାଜଲକ୍ଷ୍ମୀ ସ୍ୱାଇଁଙ୍କ କରକମଳରେ ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ ଠାରେ ଏକ ୱାଟର ଚିଲର କମ୍ ପ୍ୟୁରିଫାୟରର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦେଶ୍ୱର ପାଣ୍ଡେ ନିର୍ବାହୀ ନିର୍ଦ୍ଦେଶକ ହ୍ୟାଣ୍ଡବଲ୍ ଆସୋସିଏସନ୍ ଇଣ୍ଡିଆ-ଅତନୁ ମଜୁମଦାର ବୈଷୟିକ କମିଟିର ଅଧ୍ୟକ୍ଷ। ବିପ୍ଳବ ଚୌଧୁରୀ ସଭାପତି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍। ମାନସ କୁମାର ସିଂହ ସମ୍ପାଦକ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍, ରିତିକ ଅଧିକାରୀ ସମ୍ପାଦକ ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ୍। ଦୟାସାଗର ପଣ୍ଡା କୋଷାଧ୍ୟକ୍ଷ ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ୍, କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡ ବଲ ଆସୋସିଏସନ୍‌ର ସଭାପତି ରୋଟାରୀଆନ୍ ଇଂ.ବସନ୍ତ କୁମାର ଦାନୀ, ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଦସ୍ୟ ଡାଃ.ସୁରେଶ କୁମାର ଖଟୋଇ, ଇଂ.ଦେବବ୍ରତ ସ୍ୱାଇଁ ବସନ୍ତ କୁମାର ପୃଷ୍ଟି, ସଞ୍ଜୟ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ବେହେରା, ଅମୀୟ କୁମାର ବେହେରା, ସବିତା ବେହେରା, ବିଜୟନାଥ କପୁର ଏବଂ କୃତିସୁନ୍ଦର ନାୟକ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଅତି ସରସ ସୁନ୍ଦର କରାଯାଇଥିଲା ଓ ଏଠାରେ ଉଲ୍ଲେଖଯୋଗ୍ୟ ୨୦୧୩ ମସିହାରେ ଏହିପରି ଏକ କାର୍ଯ୍ୟକ୍ରମରେ କେନ୍ଦୁଝର ରୋଟାରୀ କ୍ଲବ ଜିଲ୍ଲାର ଇଣ୍ଡୋରଷ୍ଟାଡ଼ିୟମରେ ଏକ ୱାଟର ପ୍ୟୁରିଫାୟର ଲଗାଇ ଥିଲା ଯାହାକି ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଅଛି। ଏହିପରି ଆହୁରି ଅନେକ ସ୍ଥାନରେ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିପାରିବା ପାଇଁ ରୋଟାରୀ କ୍ଲବ କେନ୍ଦୁଝର ଶାଖା ସହୃଦୟତାର ସହିତ ଜନଗହଳି କୁ ଦୃଷ୍ଟିରେ ରଖି ଭବିଷ୍ୟତ ରେ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ସୂଚନା ଦେଇଛନ୍ତି ରୋଟାରୀ କ୍ଲବ କେନ୍ଦୁଝର ଶାଖାର ସଭାନେତ୍ରୀ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ।

# ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ୍‌ର ଦ୍ୱିତୀୟ ଦିବସ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝରରେ ଉଦଘାଟିତ ହୋଇଯାଇଛି ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ମ୍ୟାଚ୍। ଦୀର୍ଘ ୪୫ ବର୍ଷ ପରେ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍‌ର ଆଜି ଦିତୀୟ ଦିବସ। ଏଥିରେ ୨୪ଟି ରାଜ୍ୟ ଭାଗ ନେଇଛନ୍ତି। ଗତକାଲି ଠାରୁ ଆଜି ମଧ୍ୟରେ ୧୦ଟି ମ୍ୟାଚ ସମାପନ ହୋଇଛି। ଯେଉଁଥିରେ ମହାରାଷ୍ଟ୍ର - ପଶ୍ଚିମବଙ୍ଗଙ୍କୁ ୩୨ - ୧୦ ଗୋଲରେ, ଆନ୍ଧ୍ର ପ୍ରଦେଶ - ମଧ୍ୟ ପ୍ରଦେଶକୁ ୨୩-୧୧ ଗୋଲ, ଉତ୍ତର ପ୍ରଦେଶ - ତେଲେଙ୍ଗାନା କୁ ୩୦ - ୧୪ ଗୋଲ, ରାଜସ୍ଥାନ - ଛତିସଗଡ଼କୁ ୩୩-୯ ଗୋଲରେ, ଦିଲ୍ଲୀ- ଝାରଖଣ୍ଡକୁ ୨୭-୭ ଗୋଲରେ, ବିହାର-ଆର୍ଯ୍ୟବ୍ରତ ଏକାଡେମି ୨୦-୨୦ ଗୋଲରେ, ହରିୟାନା-କେରଳକୁ ୩୦- ୧୪ ଗୋଲରେ, ତାମିଲନାଡୁ - ଆନ୍ଧ୍ର ପ୍ରଦେଶକୁ ୨୨-୧୮ ଗୋଲରେ ଓ ଯସସିୟୁ ଏକାଡେମି ମୁମ୍ବାଇ ଏକାଡେମିକୁ ୨୮ -୧୯ ଗୋଲରେ ପରାସ୍ତ କରିଛି। ଏହି ଖେଳକୁ ଅଧିକା ପ୍ରୋତ୍ସାହିତ କରିବାକୁ ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ମ୍ୟାଚ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜିଲ୍ଲାସ୍ତରୀୟ ଅଣ୍ଡର-୧୫ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ରାଜ୍ୟର କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ କରିବା ନିମନ୍ତେ ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍ ବର୍ଗ ପାଇଁ (ଅଣ୍ଡର-୧୫ କ୍ୟାଟାଗୋରିରେ) ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗତକାଲି ରିଜର୍ଭ ପୋଲିସ ଗ୍ରାଉଣ୍ଡ, ପୁନଙ୍ଗ ଠାରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲ୍ଲାସ୍ତରୀୟ ଅଣ୍ଡର-୧୫ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍‌କୁ ଉଦଘାଟନ କରିଥିଲେ। ଜିଲ୍ଲା କ୍ରୀଡା ସଂସଦ ର ଉପ-ସଭାପତି ସାଧୁ ଚରଣ ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂସଦ ର ସମ୍ପାଦକ ଦୋଳ ଗୋବିନ୍ଦ ଦାସ ଉଦଘାଟନି ସମାରୋହରେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ମହିନ୍ଦିପୁର୍ କ୍ଲବ୍, ବାଇଶି ମୌଜା ଓ ରଘୁନାଥ ଜୀଉ କ୍ଲବ୍, ପୂରଣ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମହିନ୍ଦି ପୁର୍ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ସେହିପରି ଆଜି ଦ୍ୱିତୀୟ ଦିନ ମ୍ୟାଚରେ ପାରାଦୀପ ପୋର୍ଟ ଓ ପାରାଦୀପ ଡାଇମଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପାରାଦୀପ ପୋର୍ଟ ୨-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରକାଶ ଥାଉ କି,ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସିମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ତାହା ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହି ଟ୍ରଫି ନିମନ୍ତେ ପ୍ରତ୍ୟେକ ଖେଳାଳୀଙ୍କୁ ସରକାରଙ୍କ ତରଫରୁ ୨ ହଳ ଡ୍ରେସ, ଜୋତା, ମୋଜା ଓ କିଟ ବ୍ୟାଗ୍ ଦିଆଯାଇଛି। ଜିଲ୍ଲାସ୍ତରରେ ଏହି ଚାମ୍ପିଅନସିପ ୭ ତାରିଖ ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଅଧାପନ୍ତରିଆ ହୋଇ ପଡ଼ିଛି ମିନି ଷ୍ଟାଡିୟମ: କ୍ରୀଡ଼ା ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି




ତିହିଡି (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳରେ ସରକାର କ୍ରୀଡ଼ାର ବିକାଶ ପାଇଁ ବହୁବିଧ ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇ ବିଭିନ୍ନ ବ୍ଲକରେ ମିନିଷ୍ଟାଡିୟମ ମାନ ନିର୍ମାଣ କରାଯାଉଛି। ତେବେ ପରପର୍ତ୍ତୀ ସମୟରେ ଏହି ଅନୁଦାନରେ ନିର୍ମାଣ କରାଯାଉଥିବା ଷ୍ଟାଡିୟମ କେବଳ ନିଜର ଅସ୍ତିତ୍ୱ ଜାହିର୍ କରୁଛି ମାତ୍ର ସରକାରଙ୍କ ମୂଳ ଲକ୍ଷ୍ୟ ପୂରଣ ହୋଇ ପାରୁନି। ଏହାର ଏକ ନିଚ୍ଛକ ଉଦାହରଣ ହେଉଛି ଭଦ୍ରକ ଜିଲା ତିହିଡ଼ି ବ୍ଲକ ସଦର ମହକୁମାଠାରେ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ନିର୍ମିତ ହୋଇଥିବା ମିନି ଷ୍ଟାଡିୟମ। ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ଉଦ୍ୟମ କ୍ରମେ ତିହିଡ଼ିରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମଞ୍ଜୁର କରାଯାଇ ତିହିଡ଼ି ସରକାରୀ ହାଇସ୍କୁଲ ସଂଲଗ୍ନ ପଡ଼ିଆକୁ ଚିହ୍ନଟ କରାଯାଇଥିଲା। ଏଥି ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ୧୦ଲକ୍ଷ ଓ ପରେ ୨୦୧୬-୧୭ ଆର୍ଥିକ ବର୍ଷରେ ପୁଣି ୧୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ଅନୁଦାନ ରାଶିରେ ପଡ଼ିଆ ସମତୁଲ କରାଯାଇ ଏକ ଘର ଓ ଏହା ଉପରେ ଦର୍ଶକ ଗ୍ୟାଲେରି ନିର୍ମାଣ କରାଯିବା ସହ ଷ୍ଟାଡିୟମର ଏକ ଗେଟ୍ ନିର୍ମାଣ କରାଯାଇଥିଲା। ତେବେ ଏହି ଷ୍ଟାଡିୟମ ସମ୍ପୂର୍ଣ୍ଣ ହେବା ପାଇଁ ଆହୁରି ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଏବେ ଏହା ଅଧାପନ୍ତରିଆ ହୋଇ ପଡ଼ି ରହିଛି। ନିର୍ବାଚିତ ଜନପ୍ରତିନିଧି ତଥା ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଏହି ଷ୍ଟାଡିୟମ ପାଇଁ ଆବଶ୍ୟକ ହେଉଥିବା ଅଧିକ ଅନୁଦାନ ଆସି ପାରୁନଥିବା ସାଧାରଣରେ ଆଲୋଚନା ହେଉଛି। ଯେଉଁଥି ପାଇଁ ୧୦ବର୍ଷ ହେବ ଏହି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି କି ଏହା କାର୍ଯ୍ୟକ୍ଷମ ହୋଇ ପରୁନି। ଫଳରେ କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଷ୍ଟାଡିୟମର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବାକୁ କ୍ରୀଡ଼ା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଜୁନିୟର ଚମ୍ପିଆନସିପ: ଭାରତୀୟ ଦଳର ଯୁଗ୍ମ ପ୍ରଶିକ୍ଷକ ହେଲେ ପ୍ରଣୟ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଓଡ଼ିଶାର ହ୍ୟାଣ୍ଡବଲ କୋଚ ପ୍ରଣୟ କୁମାର ପାଣିଙ୍କୁ ମିଳିଛି ବଡ ଦାୟିତ୍ୱ। ଜୋଡାନ ଠାରେ ହେବାକୁ ଥିବା ଆଗାମି ଏସିଆନ ଜୁନିୟର ଚମ୍ପିଆନସିପ ପାଇଁ ଭାରତୀୟ ଦଳର ଯୁଗ୍ମ ପ୍ରସିକ୍ଷକ ଭାବେ ନିଯୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍‌ର ନିର୍ବାହୀ ନିର୍ଦ୍ଦେଶକ ଆନନ୍ଦେଶ୍ୱର ପାଣ୍ଡେ। ପ୍ରଣୟ ୮୮ ମସିହାରୁ ହ୍ୟାଣ୍ଡବଲ ଖେଳ ଆରମ୍ଭ କରି ୨୦୦୪ରେ ଜାତୀୟ ରେଫରୀ, ୨୦୧୧ରେ ଆନ୍ତଃଜାତୀୟ ରେଫରି ଭାବେ କାମ କରିବା ସହ ଓଡ଼ିଶା ଦଳକୁ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ସମୟରେ ଓଡ଼ିଶା ଦଳ ବହୁବାର ପ୍ରି କ୍ୱାଟର ଓ କ୍ୱାଟର ଫାଇନାଲକୁ ଯାଇଛି। ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋଡ଼ାନରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଜୁନିଅର ହ୍ୟାଣ୍ଡବଲ ଚାମ୍ପିଆନସିପ ପାଇଁ ଶ୍ରୀ ପାଣି ଏହି ନିଯୁକ୍ତି ପାଇଥିବାରୁ ସମଗ୍ର ଜିଲ୍ଲା ତଥା ରାଜ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି।


**Govt. of Jharkhand, Energy Department**
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony, Doranda, Ranchi-834002., Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**e-Procurement Notice**

Tender reference no.: 02/JREDA/SHMLS/RC/25-26 Dated: 09.04.2025

| | | |
|---|---|---|
| 1 | Name of the work | Rate Contract for Design, Supply, Installation, Testing & Commissioning including 5 years Comprehensive Maintenance Contract (CMC) of 60W/80W/100W LED based Solar High Mast Lighting Systems (SHMLSs) including Remote Monitoring System (RMS) and Global Positioning System (GPS) with Lithium Ferro Phosphate Battery on Turnkey basis across the state of Jharkhand. |
| 2 | Estimated Project cost (Rs.) | 25,00,00,000/- inclusive GST |
| 3 | Period of Completion | 04 (Four) Months |
| 4 | Contract Period | 05 (Five) Years |
| 5 | Date of publication of NIT on website: http:// jharkhandtenders.gov.in | **21.04.2025 (Monday)** |
| 6 | Date & time of Pre-bid meeting | **28.04.2025 (Monday)** at 2.00 P.M. |
| 7 | Last date & time for receipt of online bids | **14.05.2025 (Wednesday)** upto 05:00 PM |
| 8 | Submission of Bid fee and EMD through Online Via SBI Payment Gateway of Jharkhand Tenders. | **14.05.2025 (Wednesday)** upto 05:00 PM |
| 9 | Technical Bid Opening Date | **16.05.2025 (Friday)** at 3.00 P.M. |
| 10 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 11 | Contact no. of procurement officer | 0651-2491163/67/61/7903935514 |
| 12 | Helpline no. of e-procurement | 0651-2491163/67/61 |

Any corrigendum/addendum can be seen on website: http://jharkhandtenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com

Sd/-
Director, JREDA, Ranchi
PR 350075 Energy(25-26)#D



**Govt. of Jharkhand**
**Energy Department**
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building,
Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**e-Procurement Notice**

Tender Reference No.: 06/JREDA/SPV/SSLS(LED)/25-26
Dated: 09.04.2025

| | | |
|---|---|---|
| 1 | Name of the work | Rate Contract for the work of Supply, Installation, Testing and Commissioning including 5 years Comprehensive Maintenance Contract (CMC) of 20W/30W/40W White LED based Solar Street Lighting Systems (SSLS) with Lithium Ferro Phosphate Battery including Remote Monitoring Systems (RMS) under Solar Photovoltaic Programme on Turnkey basis across the state of Jharkhand (JREDA) |
| 2 | Period of contract | 05(Five) Years |
| 3 | Time of completion | 04 (Four) Months |
| 4 | Date of publication of NIT on website:http:// jharkhandtenders.gov.in | 21.04.2025 (Monday) |
| 5 | Date & time of Pre-bid meeting | 28.04.2025 (Monday) at 1:00 P.M. |
| 6 | Last date & time for receipt of online bids | 14.05.2025 (Wednesday) upto 05:00 PM |
| 7 | Submission of original copies of Bid fee &EMD through Online via SBI Payment Gateway of Jharkhand Tenders | 14.05.2025 (Wednesday) upto 05:00 PM |
| 8 | Technical Bid Opening Date | 16.05.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy DevelopmentAgency(JREDA) 3rd Floor, SLDC Building, Kusai, Doranda,Ranchi- 834002 (Jharkhand) |
| 10 | Contact no. of procurement officer | 0651-2491163/61/7004806449 |
| 11 | Helpline no. of e-procurement | 0651-2491163/61 |

Any corrigendum/addendum can be seen on website: http://jharkhand tenders.gov.in
& www.jreda.com. Further details can be seen on website: http:// jharkhandtenders.gov.in
& www.jreda.com

Sd/-
Director,
JREDA, Ranchi
PR 350073 Energy(25-26).D



**Jharkhand Urja Sancharan Nigam Ltd.**
(CIN: U40108JH2013SGC001704)
Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02
(E-mail:cetjusnl@gmail.com)

**e-TENDER NOTICE**

NIT No. – 12/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 15.04.2025 at 11:00 AM |
| Start Date and time of upload of BID | 15.04.2025 at 11:00 AM |
| End date and time of upload of BID | 05.05.2025 upto 04:00 PM |
| BID Opening date for technical part | 06.05.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचायें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/-
General Manager,
C&M (NWBP)
PR 350020 (Jharkhand Urja Sancharan Nigam Ltd) 25-26 (D)



**Jharkhand Urja Sancharan Nigam Ltd.**
(CIN: U40108JH2013SGC001704)
Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02
(E-mail:cetjusnl@gmail.com)

**e-TENDER NOTICE**

NIT No. – 11/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply, Erection, Testing & Commissioning for shifting/ height raising of tower between Loc. NO. 76 & 77 and 115 & 116 of 220 kV Latehar – Itkhori Transmission Line including dismantling and transportation of existing towers with accessories to nearest JUSNL Store on turnkey basis. |
| Estimated cost (Rs.) | Rs. 4,14,60,713.00 (including GST) |
| Earnest Money Deposit | Rs. 8,29,500.00 (On line mode) |
| Completion Period | 06 (Six) Months |
| e-Tender fee | Rs. 15,000.00 + 18% (Online mode). |
| Start Date & Time of Download the Tender Documents | 15.04.2025 at 11:00 AM |
| Start Date and time of upload of BID | 15.04.2025 at 11:00 AM |
| End date and time of upload of BID | 05.05.2025 upto 04:00 PM |
| BID Opening date for technical part | 06.05.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi–834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhand tenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचायें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/-
General Manager,
C&M (NWBP)
PR 350017 Jharkhand Urja Sancharan Nigam Ltd(25-26)#D



**Govt. of Jharkhand**
**Energy Department**
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**e-Procurement Notice**

Tender reference no.: 01/JREDA/GCRT/RC/25-26 Dated: 09.04.2025

Online bids are invited for Rate Contract for Design, Manufacture, Testing, Supply, Installation & Commissioning of Grid connected Rooftop SPV Power Plants of different capacities including five years Comprehensive Maintenance Contract (CMC) on Turnkey basis on Government Buildings anywhere in the state of Jharkhand (JREDA). The details are as follows:

| | | |
|---|---|---|
| 1 | Name of the work | Rate Contract for Design, Manufacture, Testing, Supply, Installation & Commissioning of 05 MWp Grid connected Rooftop SPV Power Plants of different capacities including five years Comprehensive Maintenance Contract (CMC) on Turnkey basis on Government Buildings anywhere in the state of Jharkhand |
| 2 | Tentative quantity (kWp) | **05 MWp** |
| 3 | Completion of work | **04 (Four) Months** |
| 4 | Period of contract | **05 ( Five) Years** |
| 5 | Date of publication of NIT on website: http:// jharkhandtenders.gov.in | **19.04.2025 (Saturday)** |
| 6 | Date & time of Pre-bid meeting | **30.04.2025 (Wednesday)** at 2.00 P.M. |
| 7 | Last date & time for receipt of online bids | **14.05.2025 (Wednesday)** upto 05:00 PM |
| 8 | Submission of Bid fee and EMD through Online Via SBI Payment Gateway of Jharkhand Tenders. | **14.05.2025 (Wednesday)** upto 05:00 PM |
| 9 | Technical Bid Opening Date | **16.05.2025 (Friday)** at 3.00 P.M. |
| 10 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai,Doranda, Ranchi- 834002 (Jharkhand) |
| 11 | Contact no. of procurement officer | 0651-2491163/67/61/9570086777 |
| 12 | Helpline no. of e-procurement | 0651-2491163/67/61 |

Any corrigendum/addendum can be seen on website: http: //jharkhand tenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com

Sd/-
Director, JREDA, Ranchi
PR.NO.350063 Energy(25-26):D



**JAPIT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail- japit_doit@rediffmail.com

**CORRIGENDUM-I**
**Purchase, Installation, Configuration & Integration of two Server System (Live & Backup) & Other Equipment with 05 Years Comprehensive Warranty along with 24x7 Technical Manpower at Data Center of Hon'ble Jharkhand High Court, Ranchi**
**Tender Ref No. JAPIT/HIGHCOURT-DMS/01/2025**

With reference to the above tender, please be informed that the tender schedule has been revised.

| | Revised Tender Schedules | |
|---|---|---|
| **S.N.** | **Basic Requirement** | **Specific Requirement** |
| 1. | Start Date for Online Bid Submission | 11/04/2025 (3:00 P.M.) |
| 2. | Last Date for Online Submission of Bids | 17/04/2025 (3:00 P.M.) |
| 3. | Date of Commercial Bid opening | To be announced later |

For further details please visit https://jharkhandtenders.gov.in.
PR Ref No. 349383
PR.NO.350029 Information Technology(25-26):D
Sd/-
(OSD, JAP-IT)



**JAPIT**
Jharkhand Agency for Promotion of Information Technology
(An Autonomous body under Department of Information Technology, Govt. of Jharkhand)
Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand
Phone. 0651-2401044/2401067, E-mail- japit_doit@rediffmail.com

**CORRIGENDUM-II**
**Procurement of Supply, Installation & Support for High End Server (02), End Point Protection Unit Rate (8,000 Users), Smart LED TV 65" Inch (02) for JAP-IT, Ranchi Jharkhand**

With reference to the above tender, please be informed that the tender schedule has been revised.

| | Revised Tender Schedules | |
|---|---|---|
| **S.N.** | **Basic Requirement** | **Specific Requirement** |
| 1. | Tender Ref No. | **JAP -IT/JHSECURE -1/2025** |
| 2. | Name of the Work | Procurement of Supply, Installation & Support for High End Server (02), End Point Protection Unit Rate (8,000 Users), Smart LED TV 65" Inch (02) for JAP -IT, Ranchi Jharkhand |
| 3. | Last Date for Submission of Bids Online | 17-04-2025 up to 06:00 P.M. |
| 4. | Date of Opening of Pre- qualification & Technical Bid | 21-04-2025 at 3:00 P.M. |
| 5. | Date of Commercial Bid opening | To be announced later |

For further details please visit https://jharkhandtenders.gov.in.
PR Ref No. 348716, 349601
PR.NO.349998 Information Technology(25-26):D
Sd/-
(OSD, JAP-IT)



ଆମ ରୋଷେଇ ଘରେ ଏପରି ଅନେକ ଜିନିଷ ରହିଛି ଯାହା ଔଷଧୀୟ ଗୁଣରେ ଭରପୁର। ଏଥି ମଧ୍ୟରୁ ଜୁଆଣି ଅନ୍ୟତମ । ଏହାକୁ ସେବନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଠିକ୍ ହୋଇଥାଏ । ଆଣ୍ଟି ଇନଫ୍ଲେମେଟୋରୀ, ଏଣ୍ଟି ଅକ୍ସିଡାଣ୍ଟ, ଏଣ୍ଟି ବ୍ୟାକ୍ଟେରିଆଲ ଏବଂ ଏଣ୍ଟି ଭାଇରାଲ ଗୁଣରେ ଭରପୁର ଜୁଆଣି । ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଜୁଆଣି ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟକୁ ଅନେକ ଫାଇଦା ଦେଇଥାଏ । ଆୟୁର୍ବେଦରେ ଏହାକୁ ଔଷଧ ଭାବରେ ବ୍ୟବହାର କରାଯାଏ । ଏହା ପାଚନ ପ୍ରକ୍ରିୟାକୁ ଉତ୍ତମ କରିଥାଏ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଉତ୍ତମ ପାଚନ ପ୍ରକ୍ରିୟା: ରାତିରେ ଖାଇବା ପରେ କିମ୍ବା ଶୋଇବା ପୂର୍ବରୁ ଉଷୁମ ପାଣିରେ ଜୁଆଣି ଚୋବାଇ ଖାଇବା ଦ୍ୱାରା ଗ୍ୟାସ୍, ଆସିଡିଟି, ଅପଚ ଭଳି ପେଟ ସମସ୍ୟାରୁ ଉପସମ ମିଳିଥାଏ । ଫଳରେ ପାଚନ ପ୍ରକ୍ରିଆ ଉତ୍ତମ ରହିଥାଏ । ଓଜନ ହ୍ରାସ: ଜୁଆଣି ସେବନ ଶରୀରରେ ମେଟାବଲିଜିମ୍ ବୃଦ୍ଧି କରିଥାଏ । ଉଷୁମ ପାଣିରେ ଜୁଆଣି ସେବନ କରିବା ଦ୍ୱାରା ଶରୀରରେ ମେଦ ହ୍ରାସ ହେବା ପ୍ରକ୍ରିୟା ବୃଦ୍ଧି ପାଇଥାଏ । ଫଳରେ ଓଜନ ହ୍ରାସ ହେବାରେ ସହାୟକ ହୋଇଥାଏ । ଜୁଆଣିରେ ଥିବା ଫାଇବର ଓଭରଇଟିଂ ଅଭ୍ୟାସକୁ ହ୍ରାସ କରିଥାଏ । ଔଷଧୀୟ ଗୁଣରେ ଭରପୁର ଜୁଆଣି ଶରୀରକୁ ଶାନ୍ତ ରଖିଥାଏ । ଏହା ସହ ମାନସିକ ଚିନ୍ତା ହ୍ରାସ କରିବା ସହ ସୁନିଦ୍ରାରେ ସହାୟକ ହୋଇଥାଏ । ତେଣୁ ଅନିଦ୍ରତା ସମସ୍ୟା ଥିଲେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଜୁଆଣି ସେବନ (ଚୋବାଇ ଖାଇଲେ) କରିବା ଫଳପ୍ରଦ ହୋଇଥାଏ ।



## ଘରେ ବନାନ୍ତୁ ଜିଲାପି

ଆବଶ୍ୟକ ସାମଗ୍ରୀ: ମଇଦା, ଚିନି, ଗୁଜୁରାତି ଗୁଣ୍ଡ, କେଶର, ଖାଇବା କଲର, ଘିଅ, ଖାଇବା ସୋଡ଼ା

ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ। ସେଥିରେ ଘିଅ ପକାଇ କିଛି ସମୟ ଗୋଳାନ୍ତୁ। ପରେ ସେଥିରେ ପାଣି ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ, ଯେପରି ମଇଦା ଭଲ ଭାବରେ ପାଣିସହ ମିଶିଯିବ। ଏହା ବହଳିଆ ରହିବ। ତା'ପରେ ଏହି ମିଶ୍ରଣକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ପରେ କରେଇରେ ପାଣି ଗରମ କରନ୍ତୁ। ପାଣି ଗରମ ହେବାପରେ ସେଥିରେ ଚିନି ପକାନ୍ତୁ। ପରେ ସେଥିରେ ଗୁଜୁରାତି ଗୁଣ୍ଡ, କେଶର ଓ କଲ୍‌ର ପକାଇ ପକାଇ ଗୋଳାଇ ଦିଅନ୍ତୁ। ଶିରାଟି ହାତକୁ ଅଠାଳିଆ ଲାଗିଲେ ଗ୍ୟାସ ଚୁଲାକୁ ବନ୍ଦ କରି ଦିଅନ୍ତୁ। କିଛି ସମୟ ଏହାକୁ ଥଣ୍ଡା ହେବା ପାଇଁ କରିବାକୁ ଛାଡ଼ି ଦିଅନ୍ତୁ।

ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଏକ କୋନ୍‌ରେ ଜିଲାପି ଆକାରରେ ସେଥିରେ ପକାନ୍ତୁ। ଜିଲାପି ଅଳ୍ପ ଲାଲ ହୋଇଯିବା ପରେ ତାକୁ କାଢ଼ି ପୂର୍ବରୁ ପ୍ରସ୍ତୁତ ହୋଇଥିବା ଶିରାରେ ପକାଇ କିଛି ସମୟ ରଖନ୍ତୁ। ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଜିଲାପି।

## ଘରେ କେଉଁଠି ରଖିବେ ଲାଫିଙ୍ଗ୍ ବୁଧ ମୂର୍ତ୍ତି



**ବାସ୍ତୁଶାସ୍ତ୍ରରେ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ ଐଶ୍ୱର୍ଯ୍ୟର ପ୍ରତୀକ ବୋଲି ବିବେଚନା କରାଯାଇଥାଏ। କୁହାଯାଏ, ଏହି ମୂର୍ତ୍ତିକୁ ଘରେ ରଖିଲେ ଗୃହରେ ଉନ୍ନତି ହେବା ସହ ପରିବାରରେ ଶାନ୍ତି ବଜାୟ ରହିଥାଏ।**

ବାସ୍ତବରେ ହସୁଥିବା ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ନିଜର ଏହି ହାସ୍ୟପୂର୍ଣ୍ଣ ରୂପ ପାଇଁ ଗୃହରେ ଖୁସିର ବାତାବରଣ ଉତ୍ପନ୍ନ କରାଇବାରେ ବେଶ୍ ସହାୟକ ହୋଇଥାଏ।

କାରଣ କୌଣସି ହସୁଥିବା ଲୋକର ମୁହଁକୁ ଦେଖିଲେ ଯେମିତି ଆପଣାଛାଏଁ ଆମ ମୁହଁରେ ହସ ଫୁଟିଆସେ, ଠିକ୍ ସେମିତି ଏହି ହସୁଥିବା ମୂର୍ତ୍ତିକୁ ଦେଖିଲେ ସ୍ୱତଃ ମୁହଁରେ ହସ ଆସିଗଲା ଭଳି ଅନୁଭବ ହୁଏ।

ଖାସ୍ ସେଥିପାଇଁ ଏହି ମୂର୍ତ୍ତିକୁ ଘରର ମୁଖ୍ୟ ଦ୍ୱାରର ସାମ୍ନାରେ ରଖିବାକୁ କୁହାଯାଇଥାଏ। ଫଳରେ ଘରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି ମୂର୍ତ୍ତିକୁ ଦେଖି ଖୁସି ମନରେ ଘରକୁ ପ୍ରବେଶ କରିବେ। ଯାହାର ପ୍ରଭାବରେ ଘରର ସଦସ୍ୟ ପ୍ରସନ୍ନଚିତ୍ତ ରହିବା ସହ ଘରେ ସ୍ୱତଃ ଆର୍ଥିକ ଉନ୍ନତିର ବାଟ ଖୋଲିଯିବ।



## ଦୁଃଖ ବଖାଣିଲେ ଅପୂର୍ବା

'ଇଣ୍ଡିଆଜ୍ ଗଟ ଲାଟେଣ୍ଟ' ଶୋ' ବିବାଦରେ ଫସିଥିବା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ଅଭିନେତ୍ରୀ ଅପୂର୍ବା ମଖିଜା ନିଜ ଦୁଃଖ ବଖାଣିଛନ୍ତି । ବିବାଦରେ ଫସିଥିବା ବେଳେ ତାଙ୍କ ପାଖକୁ କେଉଁ ଭଳି ସବୁ ଧମକଭରା ମେସେଜ୍ ପହଞ୍ଚିଥିଲା ସେସବୁର ସେ ସ୍କ୍ରିନସଟ୍ ପୋଷ୍ଟ କରିଛନ୍ତି । ବିବାଦର ଦୁଇ ମାସ ପରେ ଅଭିନେତ୍ରୀ ପ୍ରଥମ ଥର ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ତାଙ୍କର ପ୍ରଥମ ପୋଷ୍ଟର ପ୍ରଥମ ସ୍ଲାଇଡରେ ଲେଖାଥିଲା, 'ଟ୍ରିଗର ଚେତାବନୀ: ଏହି ପୋଷ୍ଟରେ ଏସିଡ୍ ଆକ୍ରମଣ, ବଳାତ୍କାର ଧମକ ଏବଂ ମୃତ୍ୟୁ ଧମକ ଅଛି।' ପରବର୍ତ୍ତୀ ୧୯ଟି ସ୍ଲାଇଡରେ ଘୃଣା, ଅପମାନ, ବଳାତ୍କାର ଧମକ ଏବଂ ହତ୍ୟା ଧମକପୂର୍ଣ୍ଣ ବାର୍ତ୍ତା ଏବଂ ମନ୍ତବ୍ୟ ରହିଛି । ଯେଉଁଥିରେ 'ତୁମର ପିତାମାତା ତୁମକୁ କିଛି ଶିଖାଇ ନଥିଲେ କି', 'ତୁମେ ଲଜ୍ଜିତ ନୁହଁ', 'ଧ୍ୟାନ ଆକର୍ଷଣୀୟ ଆଚରଣ' ଭଳି ମନ୍ତବ୍ୟ ଅନ୍ତର୍ଭୁକ୍ତ । ସେ ସେୟାର କରିଥିବା ଶହ ଶହ ମେସେଜର ସ୍କ୍ରିନସଟ ମଧ୍ୟରୁ ଏହି ମନ୍ତବ୍ୟଗୁଡ଼ିକ ରହିଛି । ପୋଷ୍ଟଟି ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି, 'ଏହା ଗୋଟିଏ ପ୍ରତିଶତ ମଧ୍ୟ ନୁହେଁ।' ପ୍ରଥମ ପୋଷ୍ଟ ସେୟାର କରିବା ପରେ, ଅପୂର୍ବା କିଛି ମିନିଟ୍ ପରେ ଆଉ ଏକ ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି, 'କାହାଣୀକାର ପାଖରୁ କାହାଣୀ ଦୂରେଇ ନିଅ ନାହିଁ।' ଅନେକ ୟୁଜର ଏବଂ ତାଙ୍କର ବନ୍ଧୁମାନେ ତାଙ୍କର ଏହି ପୋଷ୍ଟରେ ସମର୍ଥନ ଜଣାଇଛନ୍ତି । ଅପୂର୍ବା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ଅଭିନେତ୍ରୀ । ପ୍ରଶଂସକଙ୍କ ମଧ୍ୟରେ 'ଦି ରେବେଲ୍ କିଡ୍' ଭାବରେ ଜଣାଶୁଣା। ଇନଷ୍ଟାଗ୍ରାମରେ ତାଙ୍କର ୩ ମିଲିୟନ୍‌ରୁ ଅଧିକ ଫଲୋୟର୍ସ ଅଛନ୍ତି। ୟୁଟ୍ୟୁବର ରଣବୀର ଆହ୍ଲାବାଦିଆ ପିତାମାତାଙ୍କୁ ନେଇ ଦେଇଥିବା ଘୃଣ୍ୟ ମନ୍ତବ୍ୟ ପରେ ଆରମ୍ଭ ହୋଇଥିବା ବିବାଦରେ ଅପୂର୍ବା ମଖିଜା ମଧ ଫସିଥିଲେ । ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ଅପୂର୍ବା ତାଙ୍କର ସମସ୍ତ ପୋଷ୍ଟ ଡିଲିଟ୍ କରିଦେଇଥିଲେ। ଏହି ବିବାଦ ରାଜନୈତିକ ଝଡ଼ ସୃଷ୍ଟି କରିଥିଲା ଏବଂ ଶୋ'ର ହୋଷ୍ଟ ସମୟ ରୈନା ଏବଂ ପ୍ୟାନେଲିଷ୍ଟ ମଖିଜାଙ୍କ ସମେତ ଶୋ ଆୟୋଜକଙ୍କ ବିରୁଦ୍ଧରେ ମାଳ ମାଳ ମାମଲା ହୋଇଥିଲା।


## ଡେଟିଂକୁ ନେଇ ମୁହଁ ଖୋଲିଲେ କାର୍ତ୍ତିକ



ଶ୍ରୀଲୀଳାଙ୍କ ସହିତ ଡେଟିଂକୁ ନେଇ ମୁହଁ ଖୋଲିଲେ କାର୍ତ୍ତିକ

ଖୁବଶୀଘ୍ର ନିର୍ଦ୍ଦେଶକ ଅନୁରାଗ ବାସୁଙ୍କ ଫିଲ୍ମରେ ନଜର ଆସିବେ କାର୍ତ୍ତିକ ଆରୟନ। କାର୍ତ୍ତିକ ଆଗାମୀ ଦିନରେ ସାଉଥ୍ ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ପରଦାରେ ରୋମାନ୍ସ କରୁଥିବାର ନଜର ଆସିବେ । ତେବେ କାର୍ତ୍ତିକ ପ୍ରାୟତଃ ତାଙ୍କ ଲାଭଲାଇଫକୁ ନେଇ ଚର୍ଚ୍ଚାରେ ଥାଆନ୍ତି। କିଛିଦିନ ହେବ ତାଙ୍କ ନାମକୁ ସାଉଥ୍ ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହିତ ଯୋଡ଼ା ଯାଉଛି। ଦୁହେଁ ଏକାଠି ସିନେମା 'ଆଶିକି-୨' ପାଇଁ କାମ କରୁଛନ୍ତି। ଶ୍ରୀଲୀଲାଙ୍କ ସହିତ ନାମ ଯୋଡ଼ା ଯିବା ପ୍ରସଙ୍ଗରେ ମୁହଁ ଖୋଲି କାର୍ତ୍ତିକ କହିଛନ୍ତି, 'ଆପଣମାନଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦେବାକୁ ଚାହିଁବିକି ମୁଁ ବର୍ତ୍ତମାନ ସିଙ୍ଗଲ ଅଛି। କାହା ସହିତ ଡେଟିଂରେ ଯାଉନାହିଁ କି ଡେଟ କରୁନାହିଁ। ସମୟ ସହିତ ଏଭଳି ଗୁଜବ ଖବର ସହିତ କିପରି ବଞ୍ଚିବାକୁ ହେବ ତାହା ଶଖିଗଲିଣି। ଏଭଳି ପରିସ୍ଥିତିରେ ନିଜକୁ ଖୁବ ସାବଧାନତା ସହିତ ଉପସ୍ଥାପିତ କରିବାକୁ ହେବ ବୋଲି ଜାଣିଗଲିଣି।' କାର୍ତ୍ତିକଙ୍କ ଆଗାମୀ ସିନେମାର ନାମ 'ତୁ ମେରି ମେ ତେରା, ମେ ତେରା ତୁ ମେରି' ରହିଛି। ଏହି ସିନେମାରେ ତାଙ୍କ ସହିତ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜର ଆସିବେ। ଯାହାକୁ ୨୦୨୬ରେ ରିଲିଜ କରିବାର ଯୋଜନା ରଖାଯାଇଛି। କିଛି ଦିନ ତଳେ 'ଆଶିକି-୨' ଫିଲ୍ମର ଗୋଟେ ଝଲକ ଦର୍ଶକ ଦେଖିବାକୁ ପାଇଥିଲେ। ସେବେଠାରୁ କାର୍ତ୍ତିକ ଓ ଶ୍ରୀଲୀଲା ଚର୍ଚ୍ଚାରେ ରହିଛନ୍ତି। ଉଭୟଙ୍କୁ ଅନେକ ସ୍ଥାନରେ ଏକାଠି ଦେଖିବାକୁ ମିଳୁଛି। ଫିଲ୍ମ ଆସିବା ପୂର୍ବରୁ ଦୁହିଁଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଏହି ଚର୍ଚ୍ଚା ମଧ୍ୟରେ କାର୍ତ୍ତିକ ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶ୍ରୀଲୀଲାଙ୍କ ସହ ତାଙ୍କର ଏକ ଫଟୋ ସେୟାର କରିଥିଲେ। ଯେଉଁଥିରେ ଉଭୟ ଏକ ବଗିଚାରେ ବସିଥିବାର ଦେଖିବାକୁ ମିଳିଥିଲା। ଏହି ଫଟୋ ସେୟାର କରି କାର୍ତ୍ତିକ କ୍ୟାପସନରେ ଲେଖିଥିଲେ, 'ତୁମେ ମୋ ଜୀବନ।' ଏହାପର ଠାରୁ କାର୍ତ୍ତିକ ଓ ଶ୍ରୀଲୀଲାଙ୍କ ମଧ୍ୟରେ ନିଶ୍ଚୟ ପ୍ରେମର ସମ୍ପର୍କଟିଏ ଗଢ଼ି ଉଠିଛି ବୋଲି ଲୋକେ ଚର୍ଚ୍ଚା କରୁଥିଲେ। ଏସବୁ ଚର୍ଚ୍ଚା ଉପରେ ମୋହର ଲଗାଇ ଦେଇଛନ୍ତି କାର୍ତ୍ତିକ।






## ୧୧ରେ ରିଲିଜ ହେବ ଏହି ତିନି ଫିଲ୍ମ

## ଲଢ଼ିବେ ଅର୍ଚ୍ଚିତା, ପପୁ ଓ ଶୀତଲ

ଗୋଟିଏ ଦିନରେ ଅର୍ଥାତ୍ ଏପ୍ରିଲ ୧୧ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଛି ତିନି ତିନିଟି ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ', 'ପାଦେ ଆକାଶ' ଓ 'ଡଷ୍ଟବିନ୍' । ତେବେ ତିନିଟି ଫିଲ୍ମ ଗୋଟିଏ ଦିନରେ ପ୍ରେକ୍ଷାଳୟକୁ ଆସୁଥିଲେ ହେଁ ଦର୍ଶକ କାହାକୁ ଦେଖିବେ, କାହାକୁ ଦେଖିବେ ନାହିଁ ଭାବନାରେ ଛନ୍ଦି ହେବେ ନାହିଁ । କାରଣ ଏ ତିନି ଫିଲ୍ମର କଥାବସ୍ତୁ ପୂରାପୂରି ଭିନ୍ନ ।

ପାଦେ ଆକାଶ : 'ଶତ୍ରୁ କବଳରୁ ଦେଶମାତୃକାକୁ ରକ୍ଷା କରିବା ପାଇଁ ଯବାନ ଯେମିତି ଦେଶର ସୀମାରେଖାକୁ ଜଗି ବସିଥାଏ, ଜଣେ ଜଣେ ଦକ୍ଷ ଆଇଏଏସ୍ ଅଫିସର ସେମିତି ଦେଶର ଭାଗ୍ୟରେଖାକୁ ଜଗିଥାନ୍ତି। ସେମାନଙ୍କ ସଚ୍ଚୋଟତା ଓ ଦୂରଦୃଷ୍ଟି ଦେଶକୁ ଆଗକୁ ନିଏ ।' ବାପାଙ୍କର ଏହି ପଦେ ଉପଦେଶ ଶ୍ରୁତିଙ୍କ ମନରେ ଜାଗ୍ରତ କରିଥିଲା ଆଇଏଏସ୍ ହେବାର ସ୍ୱପ୍ନ । ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ। ମାତ୍ର ଗୋଟିଏ ଦୁର୍ଘଟଣା ଭାଙ୍ଗି ଚୁର୍‌ମାର କରିଦେଲା ସବୁ ସ୍ୱପ୍ନ । ଶ୍ରୁତି ମହାପାତ୍ରଙ୍କର ଏ ସଂଘର୍ଷ, ସଫଳତାର ଯାତ୍ରାକୁ ନେଇ ତରଙ୍ଗ ସିନେ ପ୍ରଡକ୍ସନ ପ୍ରସ୍ତୁତ କରିଛି ଚଳଚ୍ଚିତ୍ର 'ପାଦେ ଆକାଶ'। ଫିଲ୍ମରେ ଶ୍ରୁତିଙ୍କ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିବେ ଅର୍ଚ୍ଚିତା । ସୁଶାନ୍ତ ମଣି ଏ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଚିତ୍ରନାଟ୍ୟ ଲେଖିଛନ୍ତି ବିପ୍ଳବ ସିଂ ଓ ଦେବୀଦତ୍ତ ମହାନ୍ତି । ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ପ୍ରେମ ଆନନ୍ଦ ଓ ଗୀତ ଲେଖିଛନ୍ତି ବିଜୟ ମଲ୍ଲ । ପ୍ରଯୋଜନା କରିଛନ୍ତି ଲିଟିସା ମଙ୍ଗତ ପଣ୍ଡା ।

**ଡଷ୍ଟବିନ୍:** ପିକେ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହୋଇଛି 'ଡଷ୍ଟବିନ୍' । କେ.କେ. ସାହୁଙ୍କ ପ୍ରଯୋଜନାରେ ନିର୍ମାଣାଧୀନ ଏ ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ପପୁ ପମ୍‌ପମ୍ ଓ ପ୍ରାଚୀ । ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ ସହିତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ତୁଲାଉଛନ୍ତି ପପୁ ପମ୍‌ପମ୍ । ଦୀପକ ଜେନା ସଂଳାପ ରଚନା କରିଥିବାବେଳେ ଗୀତ ଲେଖିଛନ୍ତି ଡ. ନିର୍ମଳ ନାୟକ ଓ ରଞ୍ଜନ ନାୟକ । କୁଳଦୀପ, ଅନ୍ତରା ଚକ୍ରବର୍ତ୍ତୀ, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି । ପ୍ରଚାର ମୁଖ୍ୟ ରହିଛନ୍ତି ହରପ୍ରସାଦ ମହାପାତ୍ର । ପପୁ ଓ ପ୍ରାଚୀଙ୍କ ସହିତ ସୁକୁମାର ଟୁଡୁ, ଦୀପନ୍ୱିତ ଦାସ ମହାପାତ୍ର ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ୍ ଓ ମନୋଜ ସ୍ୱାଇଁ 'ଡଷ୍ଟବିନ'ର ଅନ୍ୟାନ୍ୟ ଚରିତ୍ରରେ ନଜର ଆସିବେ ।

ଆଜିର ରେବତୀ: ଆଜିର ରେବତୀ, ଯେ ଶିକ୍ଷାବିକାଶ, ସଂସ୍କୃତି -ପରମ୍ପରାର ସୁରକ୍ଷା ଓ ନାରୀ ଜାଗରଣ ପାଇଁ ସର୍ବସଂହାରୁ ପାଲଟିଯାଏ ଦୁର୍ଗା । ଝିଅମାନେ ନିଜ ରୁଚି ଅନୁସାରେ ପଢ଼ିବେ ଓ ନିଜକୁ ଗଢ଼ିବେ - ଏପରି ଏକ ଚିନ୍ତାଧାରା ପାଇଁ ସେ ଜିଲ୍ଲାରେ ହୁଏ ପୁରସ୍କୃତ । ଅସଜଡ଼ା ଘରକୁ ସଜାଡ଼ିଦିଏ। ସେ ବି ଭଲ ପାଇଛି । ଗୀତର ତାଳେ ତାଳେ ନାଚିଛି, ଗାଇଛି । ସେ ଆମ ଝିଅ ହେଉ, ବୋହୂ ହେଉ ବା ଆମ ପାଖରେ ମାଆ ଭାବେ ଠିଆ ହୋଇଯାଉ । ହଁ, ଏଭଳି ଏକ ଦମ୍‌ଦାର ଅର୍ଥାତ୍ ରେବତୀ ଚରିତ୍ର ନିର୍ବାହ କରିଛନ୍ତି ଶୀତଲ । ବଦ୍ରି ମିଶ୍ର ଏହାର କାହାଣୀ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ । ପ୍ରଯୋଜନା କରିଛନ୍ତି ରମେଶ ବାରିକ । ପ୍ରଚାର ପ୍ରସାରରେ ଅଛନ୍ତି ପ୍ରଣୟ ଜେଠୀ। ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ପ୍ରେମ ଆନନ୍ଦ । ବନି ସେନଗୁପ୍ତା ଶୀତଲଙ୍କ ବିପକ୍ଷରେ ନାୟକ ଭାବେ ନଜର ଆସିବେ । ଅନ୍ୟାନ୍ୟ ଚରିତ୍ରରେ ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ,ସୁକାନ୍ତ ରଥ, ଉଷଶୀ ମିଶ୍ର, ରବି ମିଶ୍ର, ନୈନା ଦାସ ପ୍ରମୁଖ ଅଭିନୟ କରିଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବାଲିମେଲା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗର ଅଧକ୍ଷ ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତାରେ କାଉନ୍ସିଲରମାନଙ୍କୁ ନେଇ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାହୀ ଅଧିକାରୀ ମୁନା ତ୍ରକ୍ଷ ଉପସ୍ଥିତ ରହି ଆଗାମୀ ଗ୍ରୀଷ୍ମପ୍ରବାହ ପାଇଁ ଆଗୁଆ ଜଳଛତ୍ର ସମସ୍ତ ୱାର୍ଡରେ କରାଯିବା ସହ ଖରାପ ହୋଇ ପଡ଼ିଥିବା ନଳକୂପ ସଜାଡ଼ିବା ଜନ ସାଧାରଣଙ୍କୁ ସଚେତନ କରାଯିବା, କାଉନ୍ସିଲର ମାନେ ନିଜ ନିଜ ୱାର୍ଡରେ ଥିବା ସମସ୍ୟା ଉପରେ କହିଥିଲେ ସେଗୁଡ଼ିକ ଶୀଘ୍ର ସମାଧାନ କରାଯିବ, ପ୍ରତ୍ୟେକ ୱାର୍ଡରେ ପିଣ୍ଡି ନିର୍ମାଣ, ଖ୍ରୀଷ୍ଟିଆନ ସମ୍ପ୍ରଦାୟର କବର ସ୍ଥାନରେ ବିଶ୍ରାମ ଗୃହ ନିର୍ମାଣ, ମଇଳା ଆବର୍ଜନା ନେଉଥିବା ଗାଡ଼ିଗୁ ଯେପରି ଆବର୍ଜନା ଗୁଡ଼ିକ ସଠିକ ଭାବରେ କମ୍ପୋଷ୍ଟ ସେଣ୍ଟର ରେ ପହଞ୍ଚିବ, ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପାଧକ୍ଷ ରଶ୍ମିତା ବାଙ୍ଗା ଓ ସମସ୍ତ କାଉନସିଲର ମାନଙ୍କ ସହିତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମାଙ୍କଡ଼ା ପଥର ଟ୍ରକ୍ ଜବତ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବନ ବିଭାଗ ତରଫରୁ ଲଘୁ ଖଣିଜ ପଦାର୍ଥ ଚୋରା କାରବାରକୁ ବନ୍ଦ କରିବା ସକାଶେ ବିଭିନ୍ନ ସ୍ଥାନରେ ରାତିମନ ଚଢ଼ାଉ ଚାଲିଛି। ଆଜି ବନବିଭାଗ ଅତିରିକ୍ତ ରେଞ୍ଜରଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର କଞ୍ଚନା ବେହେରା ଓ ଷ୍ଟାର୍ଡ ଭୁବନ ବ୍ଲକ ଅନ୍ତର୍ଗତ ମାଲ୍ୟା ଘୋରା ଠାରେ ଏକ ବେଆଇନ ପଥର ବୋଝେଇ ଟ୍ରକ୍କୁ ଜବତ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଟ୍ରକ୍



ଡ୍ରାଇଭର ଚମ୍ପଟ ମରିଥିଲା ବେଳେ ବେଆଇନ ମାଙ୍କଡ଼ା ପଥର ଚାଲାଣ କରୁଥିବା ଓ ଆର୍ ୦୯ଏଫ୍ ୪୩୮୦ ନମ୍ବର ବିଶିଷ୍ଟ ଛଅ ଚକିଆ ଟ୍ରକକୁ ଜବତ କରି ରେଞ୍ଜ ଅଫିସ ପରିସରକୁ ଆଣିଥିଲେ। କେବଳ ଲୋକ ଦେଖାଣିଆ ଓ ରେକର୍ଡ ମେଣ୍ଟେନ୍ ପାଇଁ ଚଢ଼ାଉ ଚାଲିଛି, ପ୍ରତିଦିନ ଏକାଧିକ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଦିନ ଦି ପ୍ରହରରେ ସହର ମଧ୍ୟରେ ବେଆଇନ ବାଲି, ଚିପ୍ସ ଓ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଜାଣି ପାରୁନାହାନ୍ତି ନା ମାସିକିଆ ନେଇ ଚୁପ ରହୁଛନ୍ତି ବୋଲି ଜନ ସାଧାରଣରେ ଆଲୋଚନା ହେଉଛି।

# ଟିପିଏନ୍ଓଡିଏଲ୍ ଦ୍ୱାରା ଶୋଷଣର ଶିକାର ସୁଶୀଲ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଟିପିଏନ୍ଓଡିଏଲ୍ ଦ୍ୱାରା ରଗୁଆଁ ଥାନା ଅନ୍ତର୍ଗତ ରଗୁଆଁ ଗ୍ରାମର ସୁଶୀଲ କୁମାର ଭଞ୍ଜଦେଓ ନାମକ ଜଣେ ବ୍ୟକ୍ତି ଶୋଷଣର ଶିକାର ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଛି। ଉଚିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ନ୍ୟାୟ ମିଳିବାରେ ବିଳମ୍ବ ହୋଇଥିବାର ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ ରଗୁଆଁ ଗ୍ରାମର ସୁଶୀଲ କୁମାର ଭଞ୍ଜଦେଓ ତାଙ୍କରି ବାପା ସ୍ୱର୍ଗତ ସତୀଶଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ଥିବା ୫୨୩୪୨୩୧୨୨୯ ନମ୍ବରରେ ଥିବା ବକେୟା ବିଦ୍ୟୁତ୍ ଦେଇଥିଲେ। ୨୦୨୩ ମସିହାର ବକେୟା ବାବଦକୁ ଟ.୧୭,୩୧୦.୫୫ ପୈଠ ପାଇଁ ବିଲ୍ ଦିଆଯାଇଥିଲା। ଏହାପରେ ୨୩ ମାର୍ଚ୍ଚ ୨୦୨୩ରେ ୧୦ ହଜାର ଟଙ୍କା ବିଲ୍ ବାବଦକୁ ପ୍ରଦାନ କରିଥିଲେ। ବିଦ୍ୟୁତ୍ ବିଭାଗର ଘୋଷଣା ଅନୁସାରେ ୩୩% ପ୍ରତିଶତ ଛାଡ଼ କରାଯାଇଥିଲା। ପୁଣିଥରେ ବିଦ୍ୟୁତ୍ ବିଭାଗ ତରଫରୁ ତାଙ୍କୁ ୧୬ ଜୁନ୍ ୨୦୨୩ରେ ୧୬ ହଜାର ୮୨୪ ଟଙ୍କା ୮୧ ପଇସା ବିଲ୍ ପାଇଁ ନୋଟିସ୍ ମିଳିଥିଲା। ମାତ୍ର ତାଙ୍କୁ ବିଲ୍ ବାବଦକୁ ଠିକ୍ ହିସାବ ନଦେବାରୁ ସେ କିଛି ମାସ ବିଲ୍ ବାବଦକୁ ଟଙ୍କା ପ୍ରଦାନରେ ବିଳମ୍ବ କରିଥିଲେ। ଏହା ପରେ ୨୦୨୪ରୁ ନିୟମିତ ବିଦ୍ୟୁତ୍ ବିଲ୍ ଦେଇ ଆସୁଛନ୍ତି। ପୁଣି ଗତ ମାର୍ଚ୍ଚ ୩ ତାରିଖ ୨୦୨୫ରେ ତାଙ୍କୁ ୧୫ ଦିନ ମଧ୍ୟରେ ୨୭ ହଜାର ଟଙ୍କା ବିଲ୍ ପୈଠ କରାଯାଉ ନଚେତ୍ ଲାଇନ୍ କାଟି ଦିଆଯିବ ବୋଲି ତାଗିଦ୍ କରାଯାଇ ଗତ ୧୦ତାରିଖରେ ଲାଇନ୍ କାଟି ଦିଆଯାଇଥିଲା। ପୁଣି ବକେୟା ବାବଦକୁ ୧୪ ହଜାର ୨୮୦ଟଙ୍କା ଦେଲା ପରେ ତାଙ୍କରି ଲାଇନ୍ ପୁନର୍ବାର ସଂଯୋଗ କରାଯିବ ବୋଲି ନୋଟିସ୍ କରାଯାଇଥିଲା। ଏହା ପରେ ସେ ବାଧହୋଇ ଗତ ୧୨ ତାରିଖରେ ୧୪ହଜାର ୨୮୦ଟଙ୍କା ଦେବା ପରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ସୁଶୀଲଙ୍କ ଅଭିଯୋଗ ଅନୁସାରେ ତାଙ୍କରି ପୁରୁଣା ମିଟର ସ୍ଥାନରେ ଏକ ସ୍ମାର୍ଟ ମିଟର ଲଗାଯାଇଛି। ସେହି ମିଟରରେ ପୂର୍ବାପେକ୍ଷା ବହୁତ ଅଧିକା ବିଲ୍ ଆସୁଅଛି। ଗତ ୮ ମାର୍ଚ୍ଚରେ ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଘୋଷଣା କରିଥିଲେ ଯେ ବିଦ୍ୟୁତ୍ ବିଲ୍ ବାକି ଥିଲେ ସୁଦ୍ଧା ଜୁନ୍ ମାସ ପର୍ଯ୍ୟନ୍ତ ବିଦ୍ୟୁତ୍ ଲାଇନ୍ କଟାଯିବ ନାହିଁ। କିନ୍ତୁ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥା ଟିପିଏନଓଡିଏଲ୍ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି ମନୋଇଛା ବିଦ୍ୟୁତ୍ ଲାଇନ୍ କାଟି ଦେଉଛନ୍ତି। ଏଥିରୁ କମ୍ପାନୀ କର୍ତ୍ତୃପକ୍ଷ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଶୋଷଣ କରୁଥିବା ସ୍ପଷ୍ଟ ମନେହେଉଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଅସନ୍ତୋଷ ଦେଖାଦେଇଛି।

## ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ



ମୁରିବାହାଲ, (ଭାସ୍କର ନ୍ୟୁଜ୍): ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଦିଲୀପ କୁମାର ପଶାୟତ, ଗୁଣସାଗର ମେହେର, ଭ୍ରିଙ୍ଗରାଜ ରଣା, ଘନଶ୍ୟାମ ଖମାରି କାର୍ଯ୍ୟକ୍ରମ ରେ ଯୋଗଦେଇ ଓଡ଼ିଆ ଭାଷା କେମିତି ଆହୁରି ଲୋକାଭିମୁଖୀ ହେବ ଓ ଆମେ କେବଳ କାଗଜ କଲମରେ ଓଡ଼ିଆ ଭାଷାକୁ ନରଖି ମାନସିକତା ଓ କାର୍ଯ୍ୟରେ ପରିଣତ କରିବା ଏହି ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରକ୍ତଦାନ ଶିବିର, ଆସ ବହିଟିଏ କିଣିବା ଓ ଯୁବ ଓଡ଼ିଆ କବି ସମ୍ମିଳନୀ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ କରାଯିବାପାଇଁ ସୂଚନା ଦିଆଯାଇଛି। ଏହି ଅବସରରେ ଅଧ୍ୟାପକ/ଅଧ୍ୟାପିକା ପ୍ରେମଚାନ୍ଦ ତାଣ୍ଡି, ଫାଲଗୁନି ଦାସ, ପର୍ଶୁରାମ ବାଗ, ମୀରାବାଇ ଗଡତ୍ୟା, ଶୈଳିକା ନାୟକ, ସରିତା ରଣା, ଯଶୋସ୍ମିତା ବେହେରା ଓ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଖମାରି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଆୟୋଜିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ନବମ ଦିବସରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ବି ଗୋବିନ୍ଦ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ତଥା ଅଧ୍ୟାପିକା ସଂଗୀତା ତ୍ରିପାଠୀ , ଓଡ଼ିଆ ବିଭାଗ ମୁଖ୍ୟ ନନ୍ଦିତା ମିଶ୍ର, ଅର୍ଥନୀତି ବିଭାଗ ମୁଖ୍ୟ ଦିଲ୍ଲୀପ ହୋତା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ନିହାତି ଭାବେ ବହିଟିଏ କିଣିବା ଓ ପଢ଼ିବା ଉପରେ କହିଥିଲେ। ଆଜିଠାରୁ ପୁସ୍ତକ ପଠନ ଏକ ଦୈନନ୍ଦିନ ଅଭ୍ୟାସ ରୂପେ ଗ୍ରହଣ କଲେ ଆମେ ନିଶ୍ଚିତ ଭାବେ ଆହୁରି କାଳଜୟୀ ଉପନ୍ୟାସ, ଗଳ୍ପ, କବିତା ପଢ଼ିବା ଓ ସ୍ରଷ୍ଟାଙ୍କୁ ଉତ୍ସାହିତ କରିପାରିବା ବୋଲି ମତପ୍ରକାଶ ପାଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ଓଡ଼ିଆ ଜାତିର ମହାନ୍ ଲେଖକ ଙ୍କର ରଚିତ ପୁସ୍ତକ, ମହାପୁରୁଷଙ୍କ ଜୀବନୀ ପୁସ୍ତକ ଗୁଡ଼ିକ ପ୍ରଦାନ କରିଥିଲେ। ସେଭଳି ନବରଙ୍ଗପୁର ମହିଳା ସ୍ନାତକ ମହା ବିଦ୍ୟାଳୟରେ ଅନୁଷ୍ଠିତ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଭାଗ ନେଇ ଓଡ଼ିଶାର ପୁସ୍ତକ, ଭାଷା, ସଂସ୍କୃତିକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ଓଡ଼ିଆ ପୁସ୍ତକ କିଣିବା ଏବଂ ପଢ଼ିବା ପାଇଁ ସଂକଳ୍ପ କରିଥିଲେ।

## ସଖିବଟରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ସଖିବଟରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗରାପୁର ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀ ମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଏହାକୁ ଉଦଘାଟନ କରିଥିଲେ। କହିଲେ ଯେ ଯଜ୍ଞ୍ୟାନାଂ ଜପ ଯଜ୍ଞାସ୍ମିନ ଶୃଙ୍ଗରନାମ ହିମାଳୟ ଏହି ନ୍ୟାୟରେ ଭାରତବର୍ଷ ମୁନିଋଷିମାନଙ୍କର ତପସ୍ୟାର କେନ୍ଦ୍ରବିନ୍ଦୁ ଯାହାଙ୍କର କୃପାରୁ ଏଦେଶର ପାଣି, ପବନ, ବୃକ୍ଷଲତା, ନଦନଦୀମାନେ ମଧ୍ୟ ଧର୍ମରେ ଜଡିତ। ପଣ୍ଡିତ ପ୍ରତାପ ପତି, ବାବାଜୀ ଦାସ, ପଣ୍ଡିତ ଗଗନ ଆଚାର୍ଯ୍ୟ ପ୍ରଭୃତିଙ୍କ ଗହଣରେ ଏକ ଜିଲ୍ଲା ସ୍ତରୀୟ ନୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ମତୋ +୩ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ +୩ ସ୍ନାତକ ମହାବିଦ୍ୟାଳୟର ୩୩ତମ ବାର୍ଷିକ ମହାବିଦ୍ୟାଳୟ ଅଧକ୍ଷ ବିଭୁତି ଭୂଷଣ ଜୟେଦେବ ବିଶ୍ୱାଳଙ୍କ ଅଧକ୍ଷତାରେ ବୁଧୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା,କ୍ରୀଡା, ଯୁବ ବ୍ୟାପର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଇ. ସୂର୍ଯ୍ୟବଂଶୀ ସୁରଜ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ପ୍ରକାନ ପ୍ରାଧ୍ୟାପକ ସୁଭାଷ ଚନ୍ଦ୍ର ମଲ୍ହ, ସନାତନ ସାହୁ, ଉପଦେଷ୍ଟା କମଳାକାନ୍ତ ସୂତାର ଯୋଗ ଦେଇଥିଲେ। ଅତିଥି ମାନେ ଏକ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ମହାବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜ ଉଦବୋଧନରେ ପରାମର୍ଶ ଦେଇଥିଲେ ମାର୍କ ପାଇଁ ପାଠ ନପଢି ଭଲ ମଣିଷ ହେବା ପାଇଁ



ପାଠ ପଢ଼। ମୁଁ ମତୋ କଲେଜ ଉଦାହରଣ ସାରା ରାଜ୍ୟରେ ଦିଏ। ମୁଖ୍ୟ ବକ୍ତା ମନମୋହନ ସାମଲ ନିଜ ଭାଷଣରେ କହିଥିଲେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକାଗ୍ରତା, ନିଷ୍ଠା ଓ ଦୃଢ଼ ସଂକଳ୍ପ ମନୋଭାବ ରଖି ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସେହିପରି ମଞ୍ଚରେ ବସିଥିବା ସନାତନ ସାହୁ, କଲେଜ ଅଧ୍ୟକ୍ଷ ଓ ଉପଦେଷ୍ଟା ମହାବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବୀ ରଖିଥିଲେ। କଲେଜର ଯାହା ଯାହା ସମସ୍ୟା ଅଛି ତାହାର ସମାଧାନ ପର୍ଯ୍ୟାୟ କ୍ରମେ କରାଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅଜୟ ନାୟକ, ଅଶୋକ ରାଉଳ, ମିତ୍ରଭାନୁ ଦାସ, ଡ଼. ପ୍ରକାଶ ଚନ୍ଦ୍ର ମଲ୍ଲିକ, ପିତାମ୍ବର ମଲ୍ଲିକ, ସୁଶାନ୍ତ ମହାପାତ୍ର, ଭାରତୀ ବିଶ୍ୱାଳ, ଉପେନ୍ଦ୍ର କୁମାର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଣି, ଚନ୍ଦନ ରାଉତ, ପ୍ରମୁଖଙ୍କ ସମେତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାୟପକ ଓ ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଆସେଟ କମ୍ପୁଟର ଶିକ୍ଷାନୁଷ୍ଠାନରେ ବରା ଦିବସ ପାଳିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହର ସ୍ଥାନୀୟ ରଥଗଡ଼ାସ୍ଥିତ ଆସେଟ କମ୍ପୁଟର ଶିକ୍ଷାନୁଷ୍ଠାନରେ ବରା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଢେଙ୍କାନାଳର ସଂସ୍କୃତି ଓ ପରମ୍ପରାକୁ ସର୍ବଦା ସମ୍ମାନ ଦେଉଥିବା ଅଗ୍ରଣୀ ଅନୁଷ୍ଠାନ ଆସେଟ କମ୍ପୁଟର ଶିକ୍ଷାନୁଷ୍ଠାନ ହୃଦବୋଧ କରିଛି ଯେ, ଢେଙ୍କାନାଳ ଏକ ଶାନ୍ତିର ସହର, ଏହି ଜିଲ୍ଲାର ପ୍ରସ୍ତୁତ ବାର ସାରା ଭାରତ ବର୍ଷରେ ନିଆରା। କେଉଁ ଆବହନ କାଳରୁ ପ୍ରାତଃ ଭୋଜନ ଓ ସାନ୍ଧ୍ୟ ଭୋଜନରେ ଅନେକ ବ୍ୟକ୍ତିଙ୍କର ପ୍ରିୟ ଖାଦ୍ୟ ବରା। ଢେଙ୍କାନାଳ ବରା ସର୍ବତ୍ର ବାନ୍ଧି ରଖେ ଭାଇଚାରର ସମ୍ପର୍କ। ଏହି ବରାକୁ ନେଇ ଅପ୍ରିଲ ୭ତାରିଖ ପାଳନ ହୁଏ ବରା ଦିବସ। ପ୍ରାରମ୍ଭରୁ ଢେଙ୍କାନାଳର ଆସେଟ କମ୍ପୁଟର ଶିକ୍ଷାନୁଷ୍ଠାନର ପ୍ରଭାତ ଦେହୁରୀ ଓ ସୌମ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ବରା ଦିବସ ପାଳନ ହୋଇ ଆସୁଅଛି। ଚଳିତ ବର୍ଷ ମଧ୍ୟ ଶତାଧିକ ଛାତ୍ରଛାତ୍ରୀମାନେ ଆସେଟ କମ୍ପୁଟର ଶିକ୍ଷାନୁଷ୍ଠାନରେ ବରା ଦିବସ ପାଳନ କରିଥିଲେ। ଏଥିରେ ପରିଚାଳନା ନିର୍ଦ୍ଦେଶକ ପ୍ରଭାତ ଦେହୁରୀ, ଅତିଥି ସୌମ୍ୟବ୍ରତ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶତାଧିକ ଛାତ୍ରଛାତ୍ରୀ ମାନେ ଯୋଗଦାନ କରି ଢେଙ୍କାନାଳର ସ୍ୱାଦିଷ୍ଟ ବରାକୁ ଉପଭୋଗ କରିଥିଲେ ଓ ଅନେକ ଏହି ବରାକୁ ଭୌଗଳିକ ଇଣ୍ଡିକେସନ୍ (ଜିଆଇ ଟ୍ୟାଗ) ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

# ମାଧୁରୀ ଶତପଥିଙ୍କୁ ଗୋକର୍ଣ୍ଣିକା ସମାଜ ସେବା ସମ୍ମାନ

ଚଣ୍ଡିଖୋଲ, (ଓଡ଼ିଶା ଭାସ୍କର): ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଗୋକର୍ଣିକା ସାହିତ୍ୟ ସମାଜର ଦୁଇ ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଜାରକା ଶାନ୍ତି ବଜାର ସ୍ଥିତ ମିଡୋଜ କୋର୍ଟୟାର୍ଡ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟକ ଭାବେ ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଜଷ୍ଟିସ ଡ. ଦିବ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ଔପନ୍ୟାସିକା ପଦ୍ମ ବିଭୂଷଣ ଡ, ପ୍ରତିଭା ରାୟ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ବିଶ୍ୱରଂଜନ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ , ଇନ୍ ହୁ୍ୟିଲ କ୍ଲବର ପୂର୍ବତନ ସଭାପତି, ରୋଟାରୀଆନ ମାଧୁରୀ ଶତପଥୀଙ୍କୁ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗୋକର୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଗୋକର୍ଣିକା ସମାଜ




ସେବା ସମ୍ମାନ ୨୦୨୪ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ସମାଜର ଅବହେଳିତ, ନିର୍ଯାତିତ, ନିଷ୍ପେସିତ ଲୋକ ମାନଙ୍କ ପାଇଁ କାର୍ଯ୍ୟ କରି ବହୁ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଅନୁଷ୍ଠାନ ପକ୍ଷରୁ ଶତପଥୀ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରି ହୋଇ ପାରିଛନ୍ତି। ମାଧୁରୀ ଶତପଥି ହେଉଛନ୍ତି ଯାଜପୁର ଜିଲ୍ଲାର ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ତଥା ବିଶିଷ୍ଟ ଚିକିତ୍ସକ ଡାକ୍ତର ବିଜୟ କୁମାର ଶତପଥିଙ୍କ ଧର୍ମପତ୍ନୀ।

# ବକ୍ତାରପୁର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ବକ୍ତାରପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉଦଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜଗବନ୍ଧୁ ନାୟକ ପୌରାହିତ୍ୟ କରିଥିଲେ। ରାଜନଗରର ମାନ୍ୟବର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁର ଚରିତ୍ର ଗଠନରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ. ମୁଖ୍ୟବକ୍ତା ଭାବରେ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇ ଗୁଣାତ୍ମକ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସିଆରସିସି ସଂଘମିତ୍ରା ନାୟକ, କାଉନସିଲର ଝରଣା ବେହେରା,ବକ୍ତାରପୁର ଉଚ୍ଚ




ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବେଶ୍ୱର ପତି, ନୋଡାଲ ସି.ଆର.ସି.ସି ସଞ୍ଜୟ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ମିଶ୍ର ସ୍ୱାଗତ ଭାଷଣ ସହିତ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦାଶ ଓ ଶୁଭଲକ୍ଷ୍ମୀ ବିଶ୍ୱାଳ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଅମୀରକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ. ଶେଷରେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ଜୟନ୍ତ କୁମାର ନାୟକ, ଅକ୍ଷୟ କୁମାର ବେହେରା, କଳ୍ପନା ତ୍ରିପାଠୀ ପରିଚାଳନା କରିଥିଲେ. ପରିଚାଳନା ସମିତିର ସଦସ୍ୟ ମନୋଜ ବେହେରା, ସସ୍ମିତା ବେହେରା, ପଦ୍ମିନୀ ଜେନା, ସସ୍ମିତା ରାଉତ, ପ୍ରସନ୍ନ ମିଶ୍ର ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅର୍ବାନ ବ୍ୟାଙ୍କ୍ ପୁରୁଣା ବସଷ୍ଟାଣ୍ଡ ଶାଖାରେ ଅଗ୍ନିକାଣ୍ଡ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ପୌରାସଂସ୍ଥା ଅନ୍ତର୍ଗତ ବଳଗଣ୍ଡିରେ ଥିବା କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କରେ ଅଗ୍ନିକାଣ୍ଡ ଘଟି ବିଭିନ୍ନ ଜିନିଷପତ୍ର ନଷ୍ଟ ହୋଇଛି। ଖବର ନେବାରୁ ଜଣାପଡିଛି ଯେ ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ହଠାତ୍ ବ୍ୟାଙ୍କ ପରିସରରେ ନିଆଁ ଲାଗି ଯାଇଥିଲା। ବ୍ୟାଙ୍କ ପରିସରରେ ନିଆଁ ବ୍ୟାପିଯିବାରୁ ସେଠାରେ ଥିବା ନଥିପତ୍ରରେ ନିଆଁ ଲାଗି ଯାଇଥିଲା। ନିଆଁରେ ବ୍ୟାଙ୍କର କେତେକ କାଗଜ ପତ୍ର ପୋଡି ପାଉଁଶ ହୋଇ ଯାଇଥିଲା। ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ତିନୋଟି ଅଗ୍ନିଶମ ଗାଡି ଦ୍ୱାରା ପାଣି ପକାଇ ଓ ଗ୍ୟାସ ସ୍ପ୍ରେ କରି ନିଆଁକୁ ଆୟତ କରିଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ବ୍ୟାଙ୍କରେ ନିଆଁ ଲାଗିବାର ପ୍ରକୃତ କାରଣ ଏବେସୁଦ୍ଧା ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ବ୍ୟାଙ୍କର ସି.ଇ.ଓ. ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି ଯେ ଏହି ଅଗ୍ନିକାଣ୍ଡରେ ବ୍ୟାଙ୍କର କେତେକ ଅଦରକାରୀ କାଗଜପତ୍ର ପୋଡିଯାଇଛି। ଏହାସହ ସିସି ଟିଭି କ୍ୟାମେରା, କମ୍ପ୍ୟୁଟର ଓ ସର୍ଭର କ୍ଷତିଗସ୍ତ ହୋଇଛି।

# ଆଳି ବାର୍ ନବ ନିର୍ବାଚିତ ଓକିଲ ସଂଘର ଶପଥ ଗ୍ରହଣ




ଆଳି, (ଭାସ୍କର ନ୍ୟୁଜ୍): ଆଳି ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତା ପକ୍ଷରୁ ବୁଧବାର ସନ୍ଧ୍ୟାରେ ୨୦୨୫-୨୬ ବର୍ଷର ନବ ନିର୍ବାଚିତ ପ୍ରତିନିଧି ମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ କେନ୍ଦ୍ରାପଡ଼ା ଛାତ୍ରୀ ରାଜେଶ୍ୱରୀ ପାଣ୍ଡବ ଓ ଦିପ୍ତିମୟୀ ବାରିକଙ୍କ ଦ୍ୱାରା ବନ୍ଦେଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ପରେ ପରେ ବାର ଆସସିଏସନର ନବ ନିର୍ବାଚିତ ସଭାପତି ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି କୋର୍ଟର ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନୀଜୀବୀ ପରିଷଦର ପୂର୍ବତନ ଅଧକ୍ଷ ଧରଣୀଧର ନାୟକ, ସମ୍ମାନିତ ଅତିଥି ଭାବେ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, କେନ୍ଦ୍ରାପଡ଼ା ବାର ଆସୋସିଏସନ ସଭାପତି ଗୋବର୍ଦ୍ଧନ ରାଉତ, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ପଟ୍ଟାମୁଣ୍ଡାଇ ବାର ଆସୋସିଏସନ ସଭାପତି ଆଇନଜୀବୀ ସୂର୍ଯ୍ୟ ରଞ୍ଜନ ରାଉଳ, ଓଡିଶା ଉଚ୍ଚନ୍ୟାୟଳୟର ବରିଷ୍ଠ ଆଇନଜୀବି ରମେଶଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବାର ଆସୋସିଏସନର ନବ ନିର୍ବାଚିତ ସଭାପତି ବସନ୍ତ କୁମାର ନାୟକ, ଉପ ସଭାପତି ପ୍ରତିଭା ପାତ୍ର, ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ, ସହ ସମ୍ପାଦକ ଭାବେ ସୁର୍ଯ୍ୟମଣି ସାମଲ, ପାଠାଗାର ସମ୍ପାଦକ ଭାବରେ ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ଭାବେ ଅଣାକାର ବାରିକ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଭିକାରୀ ଚରଣ ସାମଲଙ୍କୁ ନିର୍ବାଚନ ଅଧିକାରୀ ମାନଙ୍କୁ ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି ଶପଥ ପାଠ କରାଇଥିଲେ। ଶପଥପାଠ ଉତ୍ସବରେ ଅତିଥି ପରିଚୟ ଆଇନଜୀବି ରାଧାକାନ୍ତ ବିଶ୍ୱାଳ ପ୍ରଦାନ କରିଥିଲେ। ଏହି ଶପଥ ପାଠ ଉତ୍ସବରେ ବାର ଆସୋସିଏସନର ସମସ୍ତ ଆଇନଜୀବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇନଜୀବି ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଚନ୍ଦ୍ର ନାୟକ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ

ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ଅଞ୍ଚଳର ମୋହରିର ତଥା ଭଦ୍ରକ ମୋହରିର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ଭୁବନେଶ୍ୱର ନିଖିଳ ଉତ୍କଳ ଦଲିଲ ଲେଖକ ମହାସଂଘ ଏବଂ ଅଲଓଡ଼ିଶା ଆଡ଼ଭୋକେଟ କ୍ଲର୍କ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନାୟକ ଏହି ପଦବୀରେ ନିର୍ବାଚିତ ହେବା ପରେ ଭଦ୍ରକ ମୋହରିର ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଭଦ୍ରକ ମୋହରିର ସଂଘର ସଭାପତି ଉମାକାନ୍ତ ସାହୁ, ପ୍ରମୋଦ ଦାସ, ଜଗବନ୍ଧୁ ମହାନ୍ତି, ନିଶାକର ସାହୁ, ଗୋବିନ୍ଦ ରାଉତ,



ଶ୍ୟାମସୁନ୍ଦର ଲେଙ୍କା, ସୁବା ସ୍ୱାଇଁ, ସର୍ବେଶ୍ୱର ଜେନା, ଗୟାଧର ବେହେରା, ମୁକ୍ତିକାନ୍ତ ବାରିକ, ଅଶୋକ ସାହୁ, ଯଯାତି ଦାସ, ଭୀମସେନ ଅରଖ, ପ୍ରଫୁଲ୍ଲ ଦାସ, ଆନନ୍ଦ ପଣ୍ଡା, ସୁରେନ୍ଦ୍ର କର, ଗୋପବନ୍ଧୁ ସେବାସଂଘ ସଭାପତି ରାଜୀବ କୁମାର ନାୟକ, ଉପଦେଷ୍ଟା ପ୍ରଭାତ କୁମାର ରାଉଳ, ରାମନାରାୟଣ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# 'ଆସ ବହିଟିଏ କିଣିବା' ଦିବସ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ - ୨୦୨୫ ପାଳନର ନବମ ଦିନ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସ ବହିଟିଏ କିଣିବା ଦିବସ ପାଳନ କରାଯାଇଛି। ବହି ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜି ଦିନଟିକୁ ଆମ ଓଡ଼ିଶାର ସାହିତ୍ୟ ଓ ସାରସ୍ୱତ ଜଗତ ପାଇଁ ଉତ୍ସର୍ଗୀକୃତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି। ବୁଧବାର ଦିନ ସେ ଓଡ଼ିଆ ବା ଅନ୍ୟ କୌଣସି ବି ଓଡ଼ିଶାର ଭାଷାରେ ଲିଖିତ ବହିଟିଏ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ଆମ ଯୁଗସ୍ରଷ୍ଟା ସାରସ୍ୱତ ସାଧକମାନଙ୍କୁ



ସ୍ମରଣ କରି ଆମ ସାହିତ୍ୟ ଜଗତକୁ ଆହୁରି ସମୃଦ୍ଧ ଓ ପ୍ରସାରିତ କରିବାର ସଂକଳ୍ପ ନେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନୁପ୍ରାଣିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟାପକ ଡ଼ା ରଞ୍ଜନ ସ୍ୱାଇଁ, ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମନାଭ ପୁଆଲ, ଅଧ୍ୟାପିକା ନିକିତା ସିଂ ଉପସ୍ଥିତ ରହି ପୁସ୍ତକ କିଣିବା ଏବଂ ପଠନର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ମହାବିଦ୍ୟାଳୟ ସ୍ତରରେ ଆଜି ଏହି ଦିବସ ପାଳନ କରିବା ସହ ପୁସ୍ତକ କିଣାଯାଇଛି।

## ବଢୁଛି ତାପମାତ୍ରା, ଚିନ୍ତାରେ ଅଭିଭାବକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଦିନକୁ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରଜ୍ୟର ସମସ୍ତ ଅଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି। ଅନୁରୂପ ଭାବେ ବୋଲଗଡ ବ୍ଲକ ଅଞ୍ଚଳରେ ଗ୍ରୀଷ୍ମ ଋତୁ ଆରମ୍ଭରୁ ପ୍ରଚଣ୍ଡ ରୌଦ୍ରତାପ ଏଭଳି ଭାବରେ ବୃଦ୍ଧି ଘଟିଛି ସକାଳ ୯ଟା ବାଜିଲେ ପ୍ରଚଣ୍ଡ ଖରାରେ



ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଚଳିତ ବର୍ଷ ସମସ୍ତ ବିଦ୍ୟାଳୟ ମାନଙ୍କରେ ରୌଦ୍ର ତାପ ବୃଦ୍ଧି ନେଇ ଗ୍ରୀଷ୍ମ ଅବକାଶ ଛୁଟି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗ୍ରୀଷ୍ମ ଛୁଟି ଘୋଷଣା କରାଯାଇ ନାହିଁ। ଦିନକୁ ଦିନ ତାପମାତ୍ରା କମିବାର ନାହିଁ ଫଳରେ ଗରମରେ ଛାତ୍ର ଛାତ୍ରୀ ମାନେ ସିଜୁଛନ୍ତି। ବିଦ୍ୟାଳୟ ଗଣଶିକ୍ଷା ପକ୍ଷରୁ ଚଳିତ ମାସ ସକାଳୁଆରେ ବିଦ୍ୟାଳୟ ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶ ନାମା ଜାରି ହୋଇଛି। ତେବେ କୁନି କୁନି ପିଲା ମାନେ ପ୍ରଚଣ୍ଡ ରୌଦ୍ରତାପରେ କିଭଳି ଭାବରେ ପାଠପଢ଼ିବେ ଚିନ୍ତାରେ ଅଭିଭାବକ ଅଛନ୍ତି। ପଡୋଶୀ ରାଜ୍ୟରେରେ ଗ୍ରୀଷ୍ମ ଋତୁକୁ ନଜର ରଖି ବିଦ୍ୟାଳୟ ମାନଙ୍କରେ ଗ୍ରୀଷ୍ମଛୁଟିକୁ କରାଯାଇଛି। ତେଣୁ ତୁରନ୍ତ ଓଡ଼ିଶା ରାଜ୍ୟ ସରକାର କୋମଳ ମତି କୁନିକୁନି ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଆଗୁଆ ଗ୍ରୀଷ୍ମ ଅବକାଶ ଛୁଟି କରିବା ପାଇଁ ଅଭିଭାବକ ମାନେ ରାଜ୍ୟ ମୁଖ୍ୟମନ୍ତ୍ରୀ ଗଣ ଶିକ୍ଷାବିଭାଗ ମନ୍ତ୍ରୀ ଓ ଶିକ୍ଷା ଶାସନ ସଚିବଙ୍କୁ ଅନୁରୋଧ କରିଅଛନ୍ତି।



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ତଳଚମ୍ପେଇ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ଅଭିଭାବକଗଣ ବାଳକ ଛାତ୍ରାବାସରେ ପରିଚାଳନା କରିବା ପାଇଁ ସମସ୍ୟା ଲାଗି ରହିଥିବା ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।ଏଠାରେ ପରିଚାଳନା ନିମନ୍ତେ ପ୍ରସ୍ତୁତ ହୋଇ ସାରିଥିବାବେଳେ ବାଳକମାନେ ରହିବା ପାଇଁ ଶଯ୍ୟା ପଡ଼ିଛି।ମାତ୍ର ଛାତ୍ରାବାସ ଚାଳିତ ନେଇ ରୋଷେୟା ଓ ସୁରକ୍ଷା କର୍ମୀ ନିଯୁକ୍ତ ଦିଆଯାଇନାହିଁ। ଫଳରେ ବାଂଶପାଳ ବ୍ଲକ ଅନ୍ତର୍ଗତ କାଦକଳା,ସିଂଗପୁର, ଯାତ୍ରା,ତରମାକାନ୍ତ ୪ଗୋଟି ପଞ୍ଚାୟତର ଛାତ୍ରମାନେ ଭଡାଗାଡି କରି ଯାତାୟତରେ ଖର୍ଚ୍ଚାନ୍ତ ହେଉଥିବା ଅଭଯୋଗ ହୋଇଛି। ଅଧିକ ଦୂରତା ଯୋଗୁଁ ଘରେ ପହଞ୍ଚିବାବେଳେ ସାଢେ ୭ଟା ହୋଇଯାଉଥିବାରୁ ଅଭିଭାବକମାନେ ଚିନ୍ତାରେ ପଡିଯାଇଛନ୍ତି। ରାତିରେ ପିଲାମାନଙ୍କ ଯାତାୟତ ପାଇଁ ସୁରକ୍ଷିତ ମଣୁନାହାଁନ୍ତି।ପ୍ରତ୍ୟେକ ଦିନ ଯାତାୟତ ଖର୍ଚ୍ଚ ବହନ କରିବା କଷ୍ଟ ହୋଇପଡୁଛି। ଏହାଦ୍ୱାରା ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ଏଠାରେ ରୋଷେୟା ଏବଂ ସୁରକ୍ଷାକର୍ମୀ ନିଯୁକ୍ତି ପ୍ରଦାନ କରିବା ସହ ଛାତ୍ରାବାସ ପରିଚାଳନା କରିବାକୁ ରାମଚନ୍ଦ୍ର ବେହେରା, ବାବୁଲି ବାରିକ୍, ଯଦୁମଣି ଦେହୁରୀ, ପୂର୍ଣ୍ଣ ଚନ୍ଦ୍ର ପଲେଇ ପିଲାମାନଙ୍କ ଅଭିଭାବକମାନେ ଦାବି କରିଛନ୍ତି।

# ରାସ୍ତା ପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ଼

- କେଉଁଠି ଝୁଲୁଛି ତାଲା ତ ଆଉ କେଉଁଠି ଭାଙ୍ଗିଗଲାଣି
- ସ୍ୱଚ୍ଛଭାରତ ମିଶନ ଫେଲ୍, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ







ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍) : ଗାଁ ଗୁଡିକୁ ସରସ ସୁନ୍ଦର କରିବାକୁ ସରକାରଙ୍କ ତରଫରୁ ପ୍ରତି ପଂଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି ସତ, କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ, ଗାଁ ଠାରୁ ବଜାର ରାସ୍ତା ପାର୍ଶ୍ୱରେ ପଡ଼ି ରହିଛି କୁଢ଼ କୁଢ଼ ଅଳିଆ ଆବର୍ଜନା । ଯାହାଫଳରେ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଅପ୍ରାକୃତିକ ଡମ୍ପିୟାର୍ଡ଼ ସୃଷ୍ଟି ହୋଇଛି। ଏହା ପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଦୃଷ୍ଟି ପଡୁନାହିଁ। ଯାହାକି ଲକ୍ଷାଧିକ ଟଙ୍କାରେ ନିର୍ମିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ଝୁଲୁଛି ତାଲା । ସରକାର କା ମାଲ ଦରିଆ ମେଁ ଡାଲ । ପରିମଳ ବ୍ୟବସ୍ଥା ଫେଲ୍, ରାସ୍ତା ପାର୍ଶ୍ୱ ପାଲଟିଛି ଡମ୍ପିୟାର୍ଡ଼ । କେଉଁଠି ଝୁଲୁଛି ତାଲା ତ କେଉଁଠି ଖାଲି ରଙ୍ଗ ପରିବର୍ତ୍ତନ ହେଉଛି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର । ରାସ୍ତା ପାର୍ଶ୍ୱରେ ଗଦା ଗଦା ହୋଇଛି କୁଢ଼ କୁଢ଼ ଅଳିଆ । ରାସ୍ତା କଡ଼ ହେଉ କି ବଜାର ଘାଟ ରେ ଅଳିଆ ଭର୍ତ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇ ଦୁର୍ଗନ୍ଧରେ ଫାଟି ପଡୁଛି ପୂରା ପରିବେଶ । ସତେ ଯେପରି ଡମ୍ପିୟାର୍ଡ଼ ପାଲଟିଛି । ଦୈନନ୍ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରିଥାନ୍ତି । ରାସ୍ତା ପାର୍ଶ୍ୱ ଅଳିଆ ଆବର୍ଜନା ଦୁର୍ଗନ୍ଧ ଲୋକଙ୍କୁ ଯିବା ଆସିବା କରିବାରେ ସମସ୍ୟା ହେଉଛି । ଏ ନେଇ ନୂଆଗଡ ପଂଚାୟତ ସମିତି ସଭ୍ୟ ରାମଚନ୍ଦ୍ର ନାୟକ କହିଛନ୍ତି ହାତଗଣତି ଅଳ୍ପ କେତୋଟି ପଂଚାୟତକୁ ବର୍ଜ୍ୟବସ୍ତୁ ଗାଡି ପ୍ରଦାନ କରାଯାଇଥିବା ବେଳେ ପଂଚାୟତକୁ ଆସୁଥିବା ଟଙ୍କା ପରିମଳ ବ୍ୟବସ୍ଥା ନ ହୋଇ ବିଭିନ୍ନ ପଂଚାୟତରେ କୁଜି ନେତା ହଡପ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହାର ଉପଯୁକ୍ତ ତଦନ୍ତ ଆବଶ୍ୟକ। ସରକାରଙ୍କ ପାଣ୍ଠିରୁ ପ୍ରତି ପଂଚାୟତକୁ ପରିମଳ ବ୍ୟବସ୍ଥା ସହ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଛି ବର୍ଜ୍ୟ ବସ୍ତୁ ପରିଚାଳନା କେନ୍ଦ୍ର । କିନ୍ତୁ କେଉଁଠି ଭାଙ୍ଗି ରୁଜି ଗଲାଣି ତ କେଉଁଠି ନୂଆ ତିଆରି ହୋଇ ଝୁଲୁଛି ତାଲା, ଆଉ କେଉଁଠି କେବଳ ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଛି। ସମ୍ପୂର୍ଣ୍ଣ ଭାବରେ ପରିମଳ ବ୍ୟବସ୍ଥା ଫେଲ ମାରିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପ୍ରତି ପଂଚାୟତରେ ସରକାର ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହୋଇଛି ଶତ କିନ୍ତୁ କେଉଁଠି ଭାଙ୍ଗି ରୁଜି ଗଲାଣି ଆଉ କେଉଁଠି ତାଲା ଝୁଲୁଛି। ଏହା ଶହ ବିଭିନ୍ନ ପଂଚାୟତ ରେ ଅଳିଆ ସଂଗ୍ରହ କରିବାକୁ ଗାଡି ଯୋଗାଇ ଦିଆଯାଇଛି ସତ କିନ୍ତୁ କେଉଁଠି ଅଳିଆ ବୁହା ଗାଡି ଗଡୁନି,କେଉଁଠି ଅଳ୍ପ କିଛି ଦିନ ଗଡି ପ୍ରଶାସନିକ ଅଧିକାରୀ ଓ କିଛି କୁଜି ନେତା ଅଳିଆ ସଫା ବିଲ କରି ଟଙ୍କା ଉଠାଉଛନ୍ତି ମାତ୍ର ଅଳିଆ ବର୍ଜ୍ୟ ବସ୍ତୁ କେନ୍ଦ୍ର ପରିବର୍ତ୍ତେ ରାସ୍ତା ପାର୍ଶ୍ୱରେ ଢଳା ହୋଇ ଏକ ଅପ୍ରାକୃତିକ ଡମ୍ପିୟାର୍ଡ଼ ପାଲଟିଛି। ଯାହା ଫଳରେ ଯାତାୟାତ ସମୟରେ ଦୁର୍ଗନ୍ଧ ପୂର୍ତ୍ତି ମୟପରିବେଶ ସୃଷ୍ଟି ହେବା ଶହ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଫେଲ ମାରିଚି ।ସ୍ୱଚ୍ଛତା ପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି, କାହିଁକି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି । କାହିଁକି ଏହା କାର୍ଯ୍ୟକାରୀ ହେଉନି ତାହାର କୌଣସି ଉତ୍ତର କାହା ପାଖରେ ନାହିଁ। ଯାହାକୁ ନେଇ ସ୍ଥାନୀୟ ପରିବେଶବିତ ଶୋଭାକର ବେହେରା କହିଛନ୍ତି ବିଭିନ୍ନ ଅଂଚଳରେ ବର୍ଜ୍ୟବସ୍ତୁ ପଡ଼ିରହୁଛି ଏହା ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯାହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସଚେତନତା ଅଭାବ ସହ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ରହୁଛି। ଯାହାକି ପରିବେଶ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ଅସୁବିଧା ପଡୁଛନ୍ତି।ସାଧାରଣ ଲୋକ କହିବା ମୁତାବକ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା। ମନୋଭାବ ଯୋଗୁଁ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ଜିଲ୍ଲାପ୍ରଶାସନ ଏହାକୁ ଗୁରୁତ୍ୱସହ ନେଇ ଅନୁଧ୍ୟାନ କଲେ ସଠିକ ସଦୁପଯୋଗ ହୋଇ ପାରିବ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦିନିକିଆ ମୟୁରଭଞ୍ଜ ଗସ୍ତ



ବାରିପଦା(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଓଡିଶା ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବିଧାୟକ ଓ ବିଧାୟିକାଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଧାୟିକା ବାଙ୍ଗରିପୋଷୀ ସୁଶ୍ରୀ ସଞ୍ଜଳୀ ମୁର୍ମୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇଥିଲ। ସମୀକ୍ଷା ଅବସରରେ ରାଜସ୍ୱ ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ରାଜସ୍ୱ ଜମି ଅଧିଗ୍ରହଣ, ସରକାରୀ ଜମି ଜବରଦଖଲ ଉଚ୍ଛେଦ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ । ବିଶେଷ କରି ଜିଲ୍ଲାରେ ଚାଲି ଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ହେବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ତହସିଲ ଅଫିସରୁ ଯେପରି କୌଣସି ହିତାଧିକାରୀ ସହାୟତା ବିନା ନ ଫେରେ, ସେ ବାବଦରେ ଯତ୍ନବାନ ହେବାକୁ ସେ ସମସ୍ତ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ମାନଙ୍କ କାର୍ଯ୍ୟକୁ ସରଳୀକରଣ କରାଯିବା ପାଇଁ ଲାପଟପ ଯୋଗାଇ ଦେବାକୁ ବ୍ୟବସ୍ଥା ହେଉଛି ବୋଲି ପ୍ରକଶ କରିଥିଲେ ଏବଂ ତହସିଲ କାର୍ଯ୍ୟାଳୟ ରେ ଜମିଜମା ସମ୍ପର୍କିତ କାର୍ଯ୍ୟ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଫ୍ଟୱାରକୁ ଅପଡେଟ କରିବା ପାଇଁ କାଯ୍ୟ ଚାଲିଛି। ସେହିଭଳି ଜାତି ପ୍ରମାଣ ପତ୍ର ପ୍ରଦାନ ନେଇ ଉପୁଜୁଥିବା ବିଭିନ୍ନ ଅସୁବିଧା ଗୁଡିକ ବିଷୟରେ ଆଲୋଚନା କରି ମନ୍ତ୍ରୀ ଅସାଧୁ ଭାବେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ସରକାର କଡା ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ ଯେଉଁମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବା, ଜିଲ୍ଲାରେ ତହସିଲ କାର୍ଯ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ଓ ବିପର୍ଯ୍ୟୟ ପରିଚାଳନାର ଭିତ୍ତିଭୂମି ବିକାଶ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ସମୀକ୍ଷା କରିବା ସହିତ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜମିଜମା ସଂକ୍ରାନ୍ତୀୟ କିଛି ପୁରାତନ ନିୟମନୀତି ଯାହାକି ଅନୁପାଳନ ସମୟରେ ସମସ୍ୟା ସୃଷ୍ଟି କରୁଛି ସେସବୁକୁ ସଂଶୋଧନ କରି ସମୟଉପଯୋଗୀ କରିବା ପାଇଁ ସରକାରଙ୍କ ତରଫରୁ ପ୍ରୟାସ ଚାଲିଛି। ଏତଦ ବ୍ୟତୀତ ମୟୁରଭଞ୍ଜ ଜିଲ୍ଲାରେ ସମୁଦାୟ କେତେ ଜମି ଅଛି, କିସମ ଅନୁଯାୟୀ କେତେ କେତେ ଅଛି, ଜମି ନଥିବା କେତେ ଲୋକ ଅଛନ୍ତି, ଆବଶ୍ୟକତା ଠାରୁ ଅଧିକ ଜମି କେତେ ଲୋକଙ୍କ ପାଖରେ ଅଛି ଇତ୍ୟାଦି ବିଭିନ୍ନ ପ୍ରସଙ୍ଗ ଅଧାରରେ ଏକ ସମ୍ପୂର୍ଣ୍ଣ ଡାଟା ବେସ ମିଶନ ମୋଡ଼ରେ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ।ସର୍ବୋପରି ଆଗାମୀ ଦିନରେ ମୟୁରଭଞ୍ଜ ଜିଲ୍ଲାକୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ଜିଲ୍ଲା କରିବା ଲକ୍ଷ୍ୟ ନେଇ ସମସ୍ତ ଅଧିକାରୀମାନଙ୍କୁ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେବା ସହ ଏହି ଲକ୍ଷ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତ ଜନିତ ଯେମିତି କୌଣସି ଲୋକର ମୃତ୍ୟୁ ନହୁଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇ ଯାହା ଯାହା ସତର୍କତା ମୂଳକ ପଦକ୍ଷେପ ରହିଛି ତାହାର ସମ୍ପୂର୍ଣ୍ଣ ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅନୁଷ୍ଠିତ ବୈଠକ ରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ବିଭିନ୍ନ ବିଭାଗର ଜିଲ୍ଲାସ୍ତର ଅଧିକାରୀ, ଲାଇନ ବିଭାଗର ଅଧିକାରୀ,ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡିଏସଆର ଓ ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ





କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ କରତୁଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରବୀର କୁମାର ସାହାଣୀଙ୍କ ସଭାପତିତ୍ୱରେ ଅନଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ବେଉରା, ମୁଖ୍ୟବକ୍ତା ଭାବରେ ଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲ, ସମ୍ମାନୀତ ଅତିଥି ଭାବରେ ସିଆରସିସି ଲୋକନାଥ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ମହାପାତ୍ର ପ୍ରମୁଖ ଯୋଗଦେଇ ସଙ୍ଗୀତ, ନୃତ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ କେଶବ ଚନ୍ଦ୍ର ଦଳାଇ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ଦାସ,ମମତା ନାୟକ,ସୁପ୍ରଭା ସାମନ୍ତରାୟ,ସସ୍ମିତା ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିଶ୍ୱନାଥ ଦାଶ,ବାବୁ ପ୍ରଧାନ,ଗୋପୀନାଥ ସାହୁ,ଦୋଳଗୋବିନ୍ଦ ଦାସ,ରମେଶ ବେଉରା ପ୍ରମୁଖଙ୍କ ସମେତ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।

# ଶିକ୍ଷାଦାନ କ୍ଷେତ୍ରରେ ରାଧାମୋହନଙ୍କ ଅନନ୍ୟ ଅବଦାନ

ବୋଲଗଡ(ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ବଡ଼ବେରଣା ପଂଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ଶିକ୍ଷାବିତ ସ୍ୱର୍ଗତ ରାଧା ମୋହନଙ୍କ ପଣ୍ଡାଙ୍କ ଏକାଦଶାହ ଅବସରରେ ନିଜସ୍ୱ ବାସ ଭବନ ପରିସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ ଅଖିଳେଶ ପ୍ରସାଦ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ନାଟ୍ୟକାର ଡ଼ଃ ବନ ବିହାରୀ ମହାପାତ୍ର ଓ ହୋମିଓପ୍ୟାଥି ଚିକିତ୍ସକ ଡ଼ାକ୍ତର ଅମରେନ୍ଦ୍ର ନାଥ ମହାପାତ୍ରଙ୍କ ସମେତ ବହୁବ୍ୟକ୍ତି ଓ ପୁରାତନ ଛାତ୍ରମାନେ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ସ୍ୱର୍ଗତ ରାଧାମୋହନଙ୍କ ଶିକ୍ଷାଦାନ ସମେତ ବହୁ କ୍ଷେତ୍ରରେ ଯଥେଷ୍ଟ ଅବଦାନ ରହିଥିଲା ବୋଲି ସ୍ମୃତିକୁ ମନେ ପକାଇଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ଶେଷରେ ଜ୍ୟେଷ୍ଠପୁତ୍ର ବଳଭଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ଜେଲଭରୋ ଆନ୍ଦୋଳନ





ଛତ୍ରପୁର(ଭାସ୍କର ନ୍ୟୁଜ୍): ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ୬ ଦଫା ଦାବୀ ନେଇ ବୁଧବାର ଗଞ୍ଜାମ ଜ଼ିଲ୍ଲା ଛତ୍ରପୁର ଠାରେ ଜେଲ ଭରୋ ଆନ୍ଦୋଳନ କରାଯାଇଛି । ଭାରତ ବର୍ଷରେ ସମସ୍ତ ରାଜ୍ୟରେ ଇଭିଏମ ହଟାଇ ବାଲଟ ପେପରରେ ନିର୍ବାଚନ ପ୍ରକିୟା କରିବା, ଓବିସି ଙ୍କ ପାଇଁ ଜାତି ଜନଗଣନା କରାଯିବା, ମହାପୁରୁଷଙ୍କୁ ଅବମାନନାକୁ ବିରୋଧ ସହ ଏହା ବନ୍ଦ କରିବା, ମହାବୋଧି ମହାବୀରର ମୁକ୍ତି, ୱକ୍ତ ସଂଶୋଧନ ବିଲ-୨୦୨୫ ପ୍ରତ୍ୟାହାର ଏବଂ ବହୁଜନ ସମାଜ ସମ୍ପର୍କୀୟ ସ୍ଥାନୀୟ ସମସ୍ୟା ସମାଧାନ ଦାବିକରାଯାଇଛି । ପ୍ରାରମ୍ଭରେ ଭାରତ ମୁକ୍ତିମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚାର ସଦସ୍ୟ ମାନେ ଛତ୍ରପୁର ସ୍ଥିତ ଡିଆରଡିଏ ଛକରୁ ଏକ ରାଲିରେ ବାହାରି ଜିଲ୍ଲାପାଳଙ୍କ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ଜିଲ୍ଲା ସଭାପତି ସୁମା ଦାସ, ଓବିସି ମୋର୍ଚ୍ଚାର ସଂଯୋଜକ ବିଜୟ ସ୍ୱାଇଁ, ସିମାଞ୍ଚଳ ନାହାକ, ରାଜେନ୍ଦ୍ର ବେହେରା, ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର





ଡେରାବିଶ(ଭାସ୍କର ନ୍ୟୁଜ୍):ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ରାଜନୈତିକ ସିଦ୍ଧାନ୍ତ : ସଙ୍କଟ ଓ ଶାଶ୍ୱସତା" ବିଷୟରେ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ମୁଖ୍ୟ ଅତିଥି ଏବଂ ଗଙ୍ଗାଧର ମେହେରା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ରାଜନୈତିକ ସିଦ୍ଧାନ୍ତ ବହୁ ଦାର୍ଶନିକଙ୍କ କଷ୍ଟଲବ୍ଧ ଗବେଷଣା ଓ ଅନୁଭବର ଫଳ ଏବଂ ରାଷ୍ଟ୍ରୀୟ ବ୍ୟବସ୍ଥାରେ ଏହି ସିଦ୍ଧାନ୍ତ ଗୁଡ଼ିକ କିପରି କାର୍ଯ୍ୟକାରୀ ହେବ ସେଥିପାଇଁ ସେମାନେ ପ୍ରୟାସ କରନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୂଲ୍ୟବୋଧଜନିତ ପରିବର୍ତ୍ତନଶୀଳ ବିଶ୍ୱ ରାଜନୀତି ଯୋଗୁ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଏହି ରାଜନୀତି ସିଦ୍ଧାନ୍ତ ସଂଲଗ୍ନ ଉପାଦାନଗୁଡ଼ିକର କାର୍ଯ୍ୟକାରିତାରେ ସଙ୍କଟ ଦେଖା ଦେଇଥିଲା। ଏହାକୁ ସୁଧାରିବା ପାଇଁ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କର ବିଶ୍ୱବ୍ୟାପୀ ଉଦ୍ୟମ ପ୍ରଶଂସାଯୋଗ୍ୟ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ସଂଜୟ କୁମାର ମିଶ୍ର, ବ୍ରାହ୍ମଣୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ଚିନ୍ମୟ କୁମାର ପ୍ରଧାନ, ଧାମନଗର ମହାବିଦ୍ୟାଳୟର ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ନିବେଦିତା ସ୍ୱାଇଁ, କାକଟପୁର ମହାବିଦ୍ୟାଳୟର ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ପଲେଇ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧ୍ୟାପିକା ଡ. ନିବେଦିତା ପ୍ରଧାନ, କାକଟପୁର ମହାବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର ଦାସ, ବି.ଆର. ସାଇନ୍ସ ମହାବିଦ୍ୟାଳୟର ଅଧ୍ୟାପକ ଦିବାକର ବେହେରା, ଜୋରନ୍ଦା ମହାବିଦ୍ୟାଳୟର ଅଧ୍ୟାପକ ଡ. ଇପିଲି ଶିବଶଙ୍କର, ବ୍ରାହ୍ମଣୀ ମହାବିଦ୍ୟାଳୟର ଅଧ୍ୟାପକ ସତ୍ୟଜିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ଡ. ସନ୍ଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ବାନାମ୍ବର ମଲିକ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଡେରାବିଶ(ଭାସ୍କର ନ୍ୟୁଜ୍):ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ପାଣିଓଳା ଗ୍ରାମର ଶ୍ରୀରାମମନ୍ଦିର ପ୍ରତିଷ୍ଠାର ଷୋଡ଼ଷତମ ବାର୍ଷିକ ଉତ୍ସବ ଓ ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞ ସହିତ ମନ୍ଦିରରେ ପବିତ୍ର ଶ୍ରୀରାମ ନବମୀ ଦିବସରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ଓ ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଚଳର ବହୁ ଶ୍ରଦ୍ଧାଳୁମାନେ ଯୋଗଦେଇ ଯଜ୍ଞ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଭୁଙ୍କ କୃପାଲାଭ କରିଥିଲେ। ଗତକାଲି ଯଜ୍ଞର ପୂର୍ଣ୍ଣାହୁତି ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଚରୁଅନ୍ନ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଣିଓଳା ଗ୍ରାମବାସୀଙ୍କ ସମେତ ପଡୋଶୀ କୁଳସାହି ଗ୍ରାମବାସୀଙ୍କ ମଳିତ ସହଯୋଗ ଥାଇ ସୂଚାରୁ ରୂପେ ସମାପନ ହୋଇଥିବାରୁ ସୁବାସ ଚନ୍ଦ୍ର ପରିଡ଼ା ଓ ସମାଜସେବୀ ସୁଖଦାନନ୍ଦ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି ।

# 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



ଭଦ୍ରକ(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ସକାଳେ ଓଡିଆ ପକ୍ଷ ପାଳନ ଅବସରରେ ସଂସ୍କୃତି ଭବନରେ 'ଆସ ବହି ଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍ଘାଟନ କରି କହିଥିଲେ ଯେ ଆଜି ଯେଉଁମାନେ ବଡ଼ମଣିଷ ହୋଇଛନ୍ତି ସେମାନେ ବହିକୁ ସର୍ବଦା ସାଥି କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡ଼ . ସତ୍ୟଜିତ ନାୟକ ଯୋଗଦେଇ ବହି ମଣିଷକୁ ଶିକ୍ଷାର ଉର୍ଦ୍ଧ୍ୱକୁ ନେଇଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରରେ ମୁଖ୍ୟ ବକ୍ତଭାବେ ଡକ୍ଟର ଦତ୍ତାତ୍ରେୟ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ,ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା,ବିଇଓ ଚକ୍ରଧର ମଲ୍ଲିକ , ସମାଜ ସେବି ଡା. ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ବହିଟିଏ କିଣି ଜ୍ଞାନର ପରିସୀମାକୁ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିବା ବେଳେ ପିଲାମାନେ ପାଠ୍ୟପୁସ୍ତକ ସହିତ ଗଳ୍ପ, କବିତା,ଉପନ୍ୟାସ,ପ୍ରବନ୍ଧ ଓ ମହାପୁରୁଷଙ୍କ ଜୀବନୀ ପଢିବାକୁ କହିଥିଲେ। କାର୍ଯ୍ୟକ୍ରମ ଟିଙ୍କୁ ରୁପକ୍ ରାୟ ସଞ୍ଚାଳନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାୟ ପ୍ରଥମେ ଏକ ବୁକ ଷ୍ଟଲକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଆଦର୍ଶ ବିଦ୍ୟାଳୟରେ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ



ଭଦ୍ରକ(ଭାସ୍କର ନ୍ୟୁଜ୍): ଭଦ୍ରକ ଓଲଙ୍ଗ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ବିଦ୍ୟାଳୟ ର ସହ ଶିକ୍ଷୟତ୍ରୀ କାଦମ୍ବରି କର ଶର୍ମାଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମାଝୀ ସ୍ୱାଗତ ପରିଚୟ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଯୋଗଦାନ କରି ସମ୍ପ୍ରତି ସ୍ଥିତିରେ ଲିଙ୍ଗ ଗତ ଭେଦ ଭାବ ଭଳି କୁତ୍ସିତ ମାନସିକତାକୁ ଦୂରୀକରଣ ପାଇଁ କନ୍ୟା ସନ୍ତାନ ହିଁ ପରିବାରରେ ଉଦାହରଣ ସୃଷ୍ଟି କରିବେ ବୋଲି ଅଭିବ୍ୟକ୍ତ କରିଥିଲେ । ସୃଷ୍ଟିର ସମ୍ଭାର କନ୍ୟା ସନ୍ତାନ ଜନ୍ମ ହିଁ ସୌଭାଗ୍ୟ ଥିଲେ ପ୍ରାପ୍ତ ହୁଏ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ଅବଗତ କରିଥିଲେ । ଲିଙ୍ଗ ଗତ ଭେଦଭାବ ଉପରେ ପ୍ରଦର୍ଶିତ ଏକ ନାଟକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ସମସ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବିଦ୍ୟାଳୟର ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ କଳାହାଣ୍ଡି






ଗୁରୁବାର, ୧୦ ଏପ୍ରିଲ୍ ୨୦୨୫

ଓଡ଼ିଶା ଭାସ୍କର, ଭୁବନେଶ୍ୱର




## ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରକୁ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନତୀ ଲତା ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ ପଣ୍ଡା, ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଭବାନୀପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ । ଏହି




### ୭୮ ୟୁନିଟ୍ ରକ୍ତ ସଂଗୃହୀତ

ରକ୍ତଦାନ ଶିବିରକୁ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ସଂଯୋଜନା କରିଥିଲେ ଓ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ । ଭବାନୀପାଟଣାସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ର ଅଧିକାରୀ ଡା.ବିଭେନ୍ଦୁ କୁମାର ବଳ ତଥା ରକ୍ତ କେନ୍ଦ୍ରର ସହକାରୀ ମାନଙ୍କ ସହଯୋଗରେ ଏହି ଶିବିରରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ଚଇତ ଯାତ୍ରା ଓ ଜନ କଲ୍ୟାଣ କେନ୍ଦ୍ରର ବାର୍ଷିକୋତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଶକ୍ତିନଗରସ୍ଥିତ ମଙ୍ଗଳା ମନ୍ଦିର ଠାରେ ମା' ମଙ୍ଗଳାଙ୍କର ପଞ୍ଚଦିବସୀୟ ଚଇତ ନବରାତ୍ର ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଉକ୍ତ ପୂଜାରେ ବସନ୍ତ କୁମାର ମୁଣ୍ଡ ଓ ତାଙ୍କ ସହଧର୍ମିଣୀ ତେଜସ୍ୱିନୀ ମୁଣ୍ଡ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ସହଦେବ ପାଢ଼ୀ, ପ୍ରମୋଦ କୁମାର ମିଶ୍ର ଓ ପ୍ରଦୀପ କୁମାର ପଣ୍ଡା ଯଜମାନ କାର୍ଯ୍ୟ ତୁଲାଇଥିଲେ । ପୂଜାର ପୂର୍ଣ୍ଣାହୂତି ଦିବସ ଅବସରରେ ପଡ଼ାର ସେବବ୍ରତୀ ଏକତାମଞ୍ଚ ଦ୍ୱାରା ପରିଚାଳିତ ମା' ମଙ୍ଗଳା ଜନକଲ୍ୟାଣ କେନ୍ଦ୍ରର ଦ୍ୱିତୀୟ ଜନ୍ମବାର୍ଷିକ ଉତ୍ସବ ମଧ୍ୟ ମହା ସମାରୋହରେ ପାଳିତ ହୋଇଥିଲା । ଉତ୍ସବରେ ବିଶିଷ୍ଟ ସମାଜସେବୀ ଡା. ଜଳନ୍ଧର ମେହେର, ଡା. ହେମାଙ୍ଗିନୀ ମେହେର ତଥା ଡା. ପଲଉ ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ । ଜନକଲ୍ୟାଣ କେନ୍ଦ୍ରର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ସଭାରେ ସଭାପତିତ୍ୱ କରି ଜନକଲ୍ୟାଣ କେନ୍ଦ୍ରର ଗଠନରେ ପଡ଼ାବାସୀଙ୍କ ନିଷ୍ଠା ଓ



ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବରିଷ୍ଠ ସମାଜସେବୀ ଭକ୍ତରାମ ମହାପାତ୍ରଙ୍କୁ ତାଙ୍କର ନିଃସ୍ୱାର୍ଥପର ସେବାକାର୍ଯ୍ୟ ନିମନ୍ତେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି ଉପଲକ୍ଷେ ପଡ଼ାର ମାତୃଶକ୍ତି ନିମିତ୍ତ ଅନୁଷ୍ଠିତ ରଙ୍ଗୋଲି, ଶଙ୍ଖଫୁଙ୍କା ଓ ହୁଳହୁଳି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ମା ମଙ୍ଗଳାଙ୍କ ଏହି ଧାର୍ମିକ ନବରାତ୍ର ପୂଜା ତଥା ଅନ୍ନଭୋଗ ପରିଚାଳନାରେ ସୁକେଶ ପୁରୋହିତ, ଦୀନବନ୍ଧୁ ପୁରୋହିତ, କୃଷ୍ଣ ଚନ୍ଦ୍ର ପଣ୍ଡା, କବି ଚନ୍ଦ୍ର ସ୍ୱାଇଁ,ମନୋଜ କୁମାର ନାୟକ, ପ୍ରଦୀପ ମୁଣ୍ଡ, ବିଶ୍ୱଜିତ୍ ରାୟ, ପିତାମ୍ବର ବେହେରା, ଲୋଚନ ପ୍ରଧାନ, ଚନ୍ଦ୍ର ଶେଖର ପୁରୋହିତ, ନଳିନୀ ରଞ୍ଜନ ମିଶ୍ର, ଜ୍ଞାନରଞ୍ଜନ ମହାପାତ୍ର ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟାଗଣ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ସରିଲା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସଦର ବ୍ଲକର ମେଦିନୀପୁର ପଞ୍ଚାୟତ ଅଧୀନରେ ଥିବା ସରଲାଞ୍ଜି ଗ୍ରାମଠାରେ ପବିତ୍ର ରାମ ନବମୀ ଅବସରରେ ୬ ତାରିଖ ରବିବାର ଠାରୁ ଆରମ୍ଭ ହୋଇଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ୮ ତାରିଖ ମଙ୍ଗଳବାର ଦିନ ସମାପନ ସହ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ଦୀର୍ଘ ବର୍ଷ ପରେ ସରଲାଞ୍ଜି ତଥା ପଡୋଶୀ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଶ୍ରୀ ରାମ ନବମୀ ଉପଲକ୍ଷେ ଏଭଳି ଏକ ପବିତ୍ର ଷୋହଳ ପ୍ରହର ବ୍ୟାପୀ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିବାରୁ ଭଗବତ୍ ପ୍ରେମୀମାନେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ଶ୍ରବଣ କରିବା ସହ ପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଥିଲା । ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଦୋକାନ ବଜାର ବସି ଏକ ମେଳାର ଭ୍ରମ ସୃଷ୍ଟି କରିଥିଲା । ପ୍ରତ୍ୟେକଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ ଥିଲା ହେଲେ ଘରେ ରନ୍ଧାବଢ଼ା ହେଉ ନ ଥିଲା । ସମସ୍ତ ଗ୍ରାମବାସୀ, ଅତିଥି ଅଭ୍ୟାଗତ, ନିମନ୍ତ୍ରିତ ଅତିଥିଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ ନାମଯଜ୍ଞ ପରିଚାଳନା କମିଟି । ନାମଯଜ୍ଞ କମିଟିର ସଭାପତି ଶିଶିର ସାହୁ(ବୁଲୁ), ସମ୍ପାଦକ ଗୁରୁବାରୁ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ଗ୍ରାମର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ସାହୁ, ରାଜେନ୍ଦ୍ର ପଟେଲ, ଗିରିଧାରୀ ସାହୁ, ଶରତ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ସାହୁ, ସୁଦନ ମାଝୀ, ପରମା ପଟେଲ, ଭୁବନେଶ୍ୱର ସାହୁ, ଧରଣୀ ମାଝୀ, ସହଦେବ ପୁଟେଲ, ଦୀପଚନ୍ ପଟେଲ, କାର୍ତ୍ତିକ ମାଝୀ, ଚୂଡାମଣି ମାଝୀଙ୍କ ନିର୍ଦ୍ଦେଶନା ଓ ସହାୟତାରେ ତଥା ଭଗବାନଙ୍କ ଆଶୀର୍ବାଦରେ ନାମଯଜ୍ଞଟି ଯଥାରୀତି ସମ୍ପନ୍ନ ହୋଇଥିଲା । ଯଜ୍ଞର କର୍ତ୍ତା ଭାବେ ଶ୍ରଦ୍ଧାଳୁ ଧବଳେଶ୍ୱର ସାହୁ ଓ ତାଙ୍କ ସହଧର୍ମିଣୀ ଯଶୋବନ୍ତ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ଶୁଖିଲା ପଡ଼ିଛି ସାନ୍ଦୁଲ ନଦୀ, ପାଣି ପାଇଁ ଲୋକେ ହନ୍ତସନ୍ତ

ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ସହର କଡ଼ରେ ବହି ଯାଇଛି ଖରସ୍ରୋତା ସାନ୍ଦୁଲ୍ ନଦୀ । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ବଣ ପାହାଡରୁ ଉତ୍ପତ୍ତି ହୋଇଥିବା ଏହି ନଈରେ ବର୍ଷା ଦିନକୁ ଛାଡ଼ି ଦେଲେ ଅନ୍ୟ ସବୁ ସମୟରେ ବିଶେଷ କରି ଖରା ଦିନେ ଅଳ୍ପ ବହୁତେ ପାଣି ରହିଥାଏ । କିନ୍ତୁ ଚଳିତବର୍ଷ ବୈଶାଖ ମାସ ପୂର୍ବରୁ ସ୍ରୋତ ଶୁଖିଯାଇଥିବା ଦେଖିବାକୁ ମିଳିଛି । ଏହି ନଦୀ ନର୍ଲା ନିର୍ବାଚନ ମଣ୍ଡଳୀର ଜୀବନ ରେଖା ସଦୃଶ, କାରଣ ନଈ କୂଳିଆ ଅଞ୍ଚଳବାସୀ ଉଠା ଜଳସେଚନ ମାଧ୍ୟମରେ ଧାନ ଚାଷ ସହିତ ସୂର୍ଯ୍ୟମୁଖୀ, ଚିନାବାଦାମ ଭଳି ବିଭିନ୍ନ ଚାଷ କରି ଲାଭବାନ୍ ହୋଇଥାନ୍ତି । କିନ୍ତୁ କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟି ସହିତ ନଈର ବାଲିକୁ ବେଆଇନ୍ ଭାବେ ଚୋରୀ କରିବା ଫଳରେ ବାଲି ଶୂନ୍ୟ ହୋଇ ସ୍ରୋତ ଶୁଖିଯାଉଥିବା ଅଭିଯୋଗ କରିଛନ୍ତି



ଅଞ୍ଚଳବାସୀ । ଉକ୍ତ ନଈକୂଳର ଉପର ମୁଣ୍ଡରୁ ତଳ ମୁଣ୍ଡ ଯାଏ ଶତାଧିକ ପାଣି ଟାଙ୍କି ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତାରେ ପଡିଛନ୍ତି । ଖରାଦିନ ସରିବାକୁ ଆହୁରି ଦୁଇ ମାସରୁ ଅଧିକ ବାକି ଥିବା ବେଳେ ପିଇବା ପାଣି ପାଇଁ ମଧ୍ୟ ସଙ୍କଟ ଦେଖା ଦେଇଛି । ନଈର ସ୍ରୋତ ବନ୍ଦ ହେବା ଯୋଗୁଁ ନଈ କୂଳିଆ ଗ୍ରାମବାସୀ ଆଡ଼ି ବନ୍ଧ କରି ଗାଧୋଉ ଥିବା ନଜରକୁ ଆସିଛି । ଆଗକୁ ପାନୀୟ ଜଳ ସହିତ ଗାଈ ଗୋରୁ ମଧ୍ୟ ପାଣି ପାଇବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ନଈ କୂଳିଆ ଅଞ୍ଚଳବାସୀ ।

## ଲାଞ୍ଜିଗଡ଼ରେ ନୂଆ ତହସିଲଦାର ନିଯୁକ୍ତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ): ଲାଞ୍ଜିଗଡ ତହସିଲରେ ନୂତନ ତହସିଲଦାର ଭାବେ ଯୋଗ ଦେଇଛନ୍ତି ଅଭିଷେକ ବଗର୍ତ୍ତି । ସେ ବିଶ୍ୱନାଥପୁରସ୍ଥିତ ତହସିଲ କାର୍ଯ୍ୟାଳୟରେ ଯୋଗ ଦେବାପରେ ତାଙ୍କୁ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୂର୍ବରୁ ଶ୍ରୀ ବଗର୍ତ୍ତି କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ



ସହକାରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ଲାଞ୍ଜିଗଡ ତହସିଲଦାର ଭାବେ ଯୋଗଦେବା ପରେ ସେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ତଥା ତହସିଲ ଅଞ୍ଚଳରେ ଥିବା ଜମି ଜମାର ସମସ୍ୟା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି ।

## କାନକୁଟୁରୁ ପଞ୍ଚାୟତର ବିଭିନ୍ନ ସ୍କୁଲର ବାର୍ଷିକ ଉତ୍ସବ ପାଳିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ କାନକୁଟୁରୁ ପଞ୍ଚାୟତର ବିଭିନ୍ନ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାନକୁଟୁରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଗଣପତି ଗଜାନନ ଶ୍ରୀଗଣେଶଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରାଯାଇ ଅତିଥି ମାନଙ୍କୁ ମଞ୍ଚରେ ଉପବେଶନ କରାଯାଇଥିଲା । ପରେ ସମସ୍ତ




ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ କାନକୁଟୁରୁ ସରପଞ୍ଚ ବନମାଳୀ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବାବେଳେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଡ଼ଳ ଦେବ ମୁଣ୍ଡ, ସଂଯୁକ୍ତା ବିଭାର, ଗୁଣନିଧି ଭୋଇ, ମଧୁସୂଦନ ମାଝୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିବାବେଳେ ବୈଶାଖୁ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ । ପ୍ରଧାନ ଶିକ୍ଷକ ପ୍ରମୋଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିବ ପ୍ରସାଦ ବେହେରା, ଦିଲେଶ୍ୱର ରାଓ, ଡି ପ୍ରେମ କୁମାର, ଗୁଣନିଧି ମାଝୀ, ରାଜେଶ ଧମୁଡିଆ, ନିବେଦିତା ସାହୁ ପ୍ରମୁଖ ସହଯୋଗ କରିଥିଲେ ଅଭିଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପାଇକବେରି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଏକଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବ ମହାଆଡମ୍ବର ସହ ପାଳନ କରାଯାଇଥିଲା ସେହିପରି କାଳେଶ୍ୱର -୧, ଜାନବାହାଳୀ, କେନ୍ଦୁଗୁଡା, ସ୍କୁଲରେ ମଧ୍ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।

## ମୁଣ୍ଡାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡ ବ୍ଲକ କମର୍ଦ୍ଦା ପଞ୍ଚାୟତ ମସ୍କାଗୁଡା କ୍ଲଷ୍ଟର ଅନ୍ତର୍ଗତ ମୁଣ୍ଡାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କମର୍ଦ୍ଦା ସରପଞ୍ଚ ସୁଶୀଳା ନାଏକ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ବୁଦ୍ଧିଆ, ସୁରେନ୍ଦ୍ର ପାଢ଼ୀ, କମର୍ଦ୍ଦାସ୍ଥିତ ମଧୁ ମହେଶ୍ୱର ବୁଦ୍ଧିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ମହାପାତ୍ର, କ୍ଲଷ୍ଟର ସଂଯୋଜକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ସାହୁ, ସମାଜସେବୀ ଭଗବାନ ମାଝୀ, ସ୍କୁଲ କମିଟିର ସଭାପତି ସତ୍ୟବାନ ପୁଝାରୀ ପ୍ରମୁଖ ଯୋଗ




ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ବିଭୁତି ଭୂଷଣ ତାଣ୍ଡି ବାର୍ଷିକ ବିବରଣୀ ପାଠ କରିବା ସହିତ ସଭା ପରିଚାଳନା କରିଥିଲେ । ଶିକ୍ଷକ ଶିବଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଜଗବନ୍ଧୁ ନନ୍ଦ, ପ୍ରମୋଦ କୁମାର ସାହୁ, ଭବାନୀ ଶଙ୍କର ବାରିକ, ସୁରେଶ ଚନ୍ଦ୍ର ଭୋଇ, ତୁଲୁଗୁ ଗୁଣ ବର୍ଦ୍ଧନ ରାଓ, ଜେମାମଣି ପଧାନ, ଶାନ୍ତନୁ ବୁଦ୍ଧିଆଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଥମୁନି ଦାଦନ ଦୁଃଖ:ପୁଣି ଜଣେ ଶ୍ରମିକ ମୃତ


କୋକସରା, (ଭାସ୍କର ନ୍ୟୁଜ୍ ) : ଗାଁରେ କାମ ନାହିଁ, ରୋଜଗାର କରିବାର ପନ୍ଥା ନାହିଁ । ତେଣୁ ପ୍ରତିଦିନ ଶହ ଶହ ଲୋକେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି । କେତେବେଳେ ଶ୍ରମିକ ଶବ ହୋଇ ଫେରିଛନ୍ତି ତ' ଆଉ କେତେବେଳେ ଭିଟାମାଟିକୁ ଫେରି ପାରୁନି ମୃତ ଶ୍ରମିକଙ୍କ ଶବ । ମଙ୍ଗଳବାର ପୁଣି ଜଣେ କୋକସରା ଅଞ୍ଚଳର ଦାଦନ ଶ୍ରମିକଙ୍କ ମୃତ ଦେହ ଘରକୁ ଫେରିଛି । ମୃତ ଶ୍ରମିକ ଜଣକ ଡହଗାଁ ପଞ୍ଚାୟତ ନାଗପଡାର ପିତାମ୍ବର ନାଗ(୩୦) । ସେ' ଗତ ୨ମାସ ତଳେ ସମ୍ପର୍କୀୟ ମାନଙ୍କ ସହିତ କାମ କରିବା ପାଇଁ ବାଙ୍ଗାଲୁରୁ ଯାଇଥିଲେ । ଏବଂ ସେଠାରେ ଏକ ବିଲଡିଂ କାମରେ ଶ୍ରମିକ ଭାବେ ନିୟୋଜିତ ରହିଥିଲେ । ତେବେ ଗତ ୨ ତାରିଖରେ କାମ କରୁଥିବା ସମୟରେ ବିଲଡିଂ ଉପରୁ ଖସିପଡ଼ି ଗୁରୁତର ଆହତ





ହୋଇଥିଲେ । ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ସେଠାକାର ଏକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସାମାନ୍ୟ ସୁସ୍ଥ ହେବାପରେ ମାଲିକ ତାଙ୍କୁ ଘରକୁ ପଠାଇ ଦେଇଥିଲେ । ତେବେ ବାଟରେ ପିତାମ୍ବରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯିବାରୁ ପ୍ରଥମେ ଭବାନୀପାଟଣା ଓ ପରେ ବୁର୍ଲା ମେଡିକାଲରେ ସମ୍ପର୍କୀୟ ମାନେ ନେଇଥିଲେ । ସେଠାରେ ଡାକ୍ତର ଚିକିତ୍ସା ପରେ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ । ହେଲେ ପିତାମ୍ବରଙ୍କ ସ୍ୱାସ୍ଥ୍ୟବସ୍ଥା ଧିରେ ଧିରେ ବିଗିଡ଼ି ଯାଇଥିଲା । ଏବଂ ସୋମବାର ସନ୍ଧ୍ୟାରେ ମେଡିକାଲରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି । ମଙ୍ଗଳବାର ପିତାମ୍ବରଙ୍କ ମର ଶରୀର ନିଜ ଗାଁକୁ ଫେରିଛି । ମୃତ ଶ୍ରମିକ ପରିବାରର ଏକମାତ୍ର ରୋଜଗାରକ୍ଷମ ରହିଥିଲେ । ଏବେ ସ୍ତ୍ରୀ ଶାନ୍ତି ନାଗ ସମେତ ୪ ବର୍ଷର ପୁଅ ପୁରୁଷୋତ୍ତମ ଓ ୯ ବର୍ଷର ଝିଅ ଯଶୋବନ୍ତି ସହ ବୃଦ୍ଧା ମା' ରହିଛନ୍ତି । ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ରାଶିଫଳ


ଗୁରୁବାର, ୧୦ ଏପ୍ରିଲ ୨୦୨୫




**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ । ନୂତନ କାମ ପାଇବେ ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ଚିନ୍ତା ରହିବ । ବ୍ୟବସାୟ ଭଲ କରିବ ।



**ମିଥୁନ:** ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ । ଟଙ୍କା ପାଇବା ସହଜ ହେବ । ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ । ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ । ଭଲ ଖବର ଗ୍ରହଣ କରାଯିବ ।




**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ । ନୂତନ ବନ୍ଧୁ ସୃଷ୍ଟି ହେବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଆସିପାରେ ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ । ଶାରୀରିକ ଆରାମ ମିଳିବ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ । ରୋଜଗାର ସହଜ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଂଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯